EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୨ ସଂଖ୍ୟା-୧୬ ୩୦ ଏପ୍ରିଲ - ୦୬ ମଇ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-16 30th APRIL - 06th MAY, 2018 BHUBANESWAR ₹ 5/- (8 Pages)





" ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ
ପୂର୍ବଭାରତର ବିକାଶ ଅତ୍ୟନ୍ତ ଜରୁରୀ "

## ନୂଆ ଓଡ଼ିଶାର
## ସାମଗ୍ରିକ ବିକାଶ ପାଇଁ ପ୍ରୋତ୍ସାହନ

### ଶୁଭ ଉଦ୍‌ଘାଟନ

**ବାଲେଶ୍ୱର ପମ୍ପ୍ ଷ୍ଟେସନ ଏବଂ ପିଏଚ୍‌ବିପିଏଲ୍ ଅଶୋଧିତ ତୈଳ**
**ପାଇପ୍ ଲାଇନ୍ ସଂପ୍ରସାରଣ ପ୍ରକଳ୍ପ ସମ୍ବନ୍ଧୀୟ ବ୍ୟବସ୍ଥା**

**ପିଏଚ୍‌ଡି ଏଲ୍‌ପିଜି ପାଇପ୍ ଲାଇନ୍ ଅନ୍ତର୍ଗତ ପାରାଦ୍ୱୀପ-ବାଲେଶ୍ୱର ପାଇପ୍ ଲାଇନ୍**

**ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର କାରୌସଲ**

## ଧର୍ମେନ୍ଦ୍ର ପ୍ରଧାନ

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ **କରକମଳରେ**

ଗରିମାମୟ ଉପସ୍ଥିତି

**ରବିନ୍ଦ୍ର କୁମାର ଜେନା**
ସାଂସଦ, ବାଲେଶ୍ୱର

**ଗୋବିନ୍ଦ ଚନ୍ଦ୍ର ଦାସ**
ବିଧାୟକ, ରେମୁଣା

**ତାରିଖ:୨୯.୦୪.୨୦୧୮ | ସ୍ଥାନ: ଇଣ୍ଡିଆନ୍ ଅଏଲ୍ ପମ୍ପ ହାଉସ୍, ହିଡ଼ିଗାଁ, ବାଲେଶ୍ୱର**

### ମୁଖ୍ୟାଂଶ

- ଓଡ଼ିଶାରେ ପ୍ରଥମ ଏଲ୍‌ପିଜି ପାଇପ୍ ଲାଇନ୍, ଓଡ଼ିଶାର ଗର୍ବ । "ପୂର୍ବୋଦୟ" ଅଧୀନରେ ଏକ ଦୃଷ୍ଟାନ୍ତମୂଳକ ବିକାଶ
- ସୁରକ୍ଷିତ ଏବଂ ଅବିରତ ଏଲ୍‌ପିଜି ଯୋଗାଣ
- ସୁଲଭ ମୂଲ୍ୟ, ପରିବେଶ ଅନୁକୂଳ ଏବଂ ସୁରକ୍ଷିତ ପରିବହନ
- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ସ୍ୱଚ୍ଛ, ସୁରକ୍ଷିତ ଏବଂ ନିରନ୍ତର ଏଲ୍‌ପିଜି ବ୍ୟବହାରରେ ଉନ୍ନତି




#GiveItUp
Feel the Joy of Giving
Skill India

## କେମିତି କଟିବ ଏ ସପ୍ତାହ

**ମେଷ**
ସାମାଜିକ ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ। ଜମି କିଣା-ବିକା ବ୍ୟବସାୟରେ ଅଧିକ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଘଟିବ। ରାଜନୀତିରେ ଯୋଗ ଦେଇପାରନ୍ତି।

**ବୃଷ**
ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବ୍ୟବସାୟରେ ଲାଭାନ୍ୱିତ ହେବେ।

**ମିଥୁନ**
ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନ ପ୍ରାପ୍ତିର ପ୍ରବଳ ଯୋଗ ରହିଛି। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ବ୍ୟବସାୟୀମାନେ ଆଶାତୀତ ସଫଳତା ପାଇବେ।

**କର୍କଟ**
ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ବିଦେଶରେ ପ୍ରଶଂସିତ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଶରୀର ସୁସ୍ଥ ରହିବ।

**ସିଂହ**
ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବିଦେଶ ଯାତ୍ରାରେ ଅସୁବିଧା ଭୋଗ କରିବେ। ରାଜନୀତିରେ ଆଧିପତ୍ୟ ବଢ଼ିବ। ବିବାହ ଆଶାୟୀମାନେ ସଫଳତା ପାଇବେ।

**କନ୍ୟା**
ସରକାରୀ ଚାକିରିଆଙ୍କୁ ଅଧିକ ଲାଭ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଉନ୍ନତି ହୋଇପାରେ।

**ତୁଳା**
ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ବିବାଦ ଲାଗି ରହିବ। ପରିବାରରେ ଅଶାନ୍ତି ଦେଖାଦେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ବିଛା**
ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିବ ନାହିଁ। ପାରିବାରକ ଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ।

**ଧନୁ**
ବ୍ୟବସାୟୀମାନେ ନିଜର ଯୋଜନାକୁ ଗୁପ୍ତ ରଖିବା ଉଚିତ। ପୂର୍ବ ବିବାଦର ସମାଧାନ ହେବ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ମାନସିକ ଦୁଶ୍ଚିନ୍ତା ଲାଗିରହିବ।

**ମକର**
କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ହେବ।

**କୁମ୍ଭ**
ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ସମାଧାନ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ। ବିବାହ ଆଶାୟୀମାନେ ଶୁଭଫଳ ପାଇବେ।

**ମୀନ**
ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ନୂତନ ଗୃହ ଉପକରଣ କ୍ରୟ କରିବାର ସମୟ ଆସିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ନିବିଡ଼ ହେଉଛି ଭାରତ-ଚୀନ୍ ସମ୍ପର୍କ

**ବେଜିଂ :** ଦୁଇ ଦିନିଆ ଚୀନ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରୀୟ ଚୀନ୍‌ର ୟୁହାନ୍ ଠାରେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଏହି ପ୍ରଥମ ଅଣଔପଚାରିକ କଥାବାର୍ତ୍ତା ଆରମ୍ଭରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ଓ ଆର୍ଥିକ ଭାଗିଦାରୀକୁ ଆହୁରି ଦୃଢ଼ କରିବା ଆଦି ପ୍ରସଙ୍ଗ ସ୍ଥାନ ପାଇଛି। ଏହା ପୂର୍ବରୁ ହୁବେଇ ମ୍ୟୁଜିୟମ ଠାରେ ମୋଦିଙ୍କୁ ଜିନ୍‌ପିଙ୍ଗ୍ ଭବ୍ୟ ସ୍ୱାଗତ କରିଥିଲେ। ଦୁଇ ନେତା ମ୍ୟୁଜିୟମ୍‌ରେ ପ୍ରାୟ ଏକ ଘଣ୍ଟା ବିତାଇଥିଲେ। ଏହା ପରେ ପ୍ରତିନିଧି ସ୍ତରୀୟ ଆଲୋଚନା ହୋଇଥିଲା। ଏହା ୩୦ ମିନିଟ୍ ଚାଲିବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା ବେଳେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବସରରେ ମୋଦି କହିଛନ୍ତି, ମୋତେ ସ୍ୱାଗତ କରିବା ପାଇଁ ଜିନ୍‌ପିଙ୍ଗ୍ ଦୁଇ ଥର ରାଜଧାନୀ ବାହାରକୁ ଆସିଛନ୍ତି।



ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହା ହେଉଛି ୪ର୍ଥ ଚୀନ୍ ଗସ୍ତ। ଦୁଇ ନେତାଙ୍କ ଆଲୋଚନା ସମ୍ପର୍କରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର ଟ୍ୱିଟ୍ କରି କହିଛନ୍ତି, ଭାରତ ଓ ଚୀନ୍ ମଧ୍ୟରେ ଅନେକ ଶତାବ୍ଦୀ ଧରି ସାଂସ୍କୃତିକ ସମ୍ବନ୍ଧ ରହିଆସିଛି। ଏହା ବର୍ତ୍ତମାନ ସମୟରେ ବଲିଉଡ୍, ଯୋଗ ଏବଂ ଭାରତୀୟ ସଂସ୍କୃତିର ଅନ୍ୟାନ୍ୟ ବିଭବର ଲୋକପ୍ରିୟତା ମଧ୍ୟରେ ନିହିତ ରହିଛି। ମୋଦି ସ୍ଥାନୀୟ ସମୟ ଅପରାହ୍ନ ୩.୩୦ରେ ହୁବେଇ ପ୍ରାଦେଶିକ ମ୍ୟୁଜିୟମ୍‌ରେ ପହଞ୍ଚିଥିଲେ। ସେଠାରେ ଜିନ୍‌ପିଙ୍ଗ୍ ତାଙ୍କ ସହ ହ୍ୟାଣ୍ଡସେକ୍ କରିଥିଲେ। ଏହା ପରେ ଦୁଇ ନେତା ମ୍ୟୁଜିୟମ୍ ପରିସରରେ ପ୍ରାୟ ଏକ ଘଣ୍ଟାକାଳ ବୁଲିଥିଲେ। ଉଭୟଙ୍କ ମଧ୍ୟରେ ଦୁଇ ଦେଶର ସାଂସ୍କୃତିକ ସମ୍ପର୍କ ନେଇ ଆଲୋଚନା ହୋଇଥିଲା। ସନ୍ଧ୍ୟା ୬ଟାରେ ଦୁହିଁଙ୍କ ମଧ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଏହି ସମୟରେ ଦୁଇ ଦେଶର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ପକ୍ଷରୁ ନୈଶ ଭୋଜିର ଆୟୋଜନ କରାଯାଇଥିଲା। ୧୯୬୨ରେ ଭାରତ - ଚୀନ୍ ମଧ୍ୟରେ ଏକ ସଂକ୍ଷିପ୍ତ ଯୁଦ୍ଧ ହୋଇଥିଲା। ଏଥିନେଇ ଦୁଇ ଦେଶ ମଧ୍ୟରେ ଅବିଶ୍ୱାସର ଏକ ଇତିହାସ ରହିଛି। ଏହି ଅବିଶ୍ୱାସ ହିଁ ୨୦୧୭ରେ ଡୋକ୍‌ଲାମ୍‌ରେ ଦୁଇ ଦେଶର ସେନାଙ୍କୁ ଦୁଇ ମାସରୁ ଅଧିକ ଦିନ ମୁହାଁମୁହିଁ କରିଥିଲା। ଫଳରେ ଦୁଇ ଦେଶର ସମ୍ପର୍କ ନିମ୍ନଗାମୀ ହୋଇଥିଲା। ଏବେ ଦୁଇ ଦେଶର ସମ୍ପର୍କକୁ ଏକ ଉଚ୍ଚ ସୋପାନକୁ ନେବା ଉଦ୍ଦେଶ୍ୟରେ ଦୁଇ ରାଷ୍ଟ୍ରର ମୁଖ୍ୟଙ୍କ ମଧ୍ୟରେ ଚାଲିଛି ଅଣଔପଚାରିକ ଆଲୋଚନା।

## ବନ୍ୟଜନ୍ତୁ ଅପରାଧୀ ତାଲିକାରେ ସଲମାନ୍‌ଙ୍କ ନାଁ

**ମୁମ୍ବାଇ :** ଦେଶରେ ଜଘନ୍ୟ ବନ୍ୟଜନ୍ତୁ ଅପରାଧ ଘଟାଇଥିବା ତାଲିକାରେ ବଲିଉଡ୍ ସୁପରଷ୍ଟାର ସଲମାନଙ୍କ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବନ୍ୟଜନ୍ତୁ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ନାମକ ସରକାରୀ ସଂସ୍ଥା ପକ୍ଷରୁ ସଲମାନଙ୍କୁ ଅପରାଧୀ ଭାବେ ୩୯ ନମ୍ବର ସ୍ଥାନରେ ରଖାଯାଇଛି। ସଲମାନ କୃଷ୍ଣସାର ମୃଗ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଏହି ଜଘନ୍ୟ ବନ୍ୟଜନ୍ତୁ ଶିକାରୀ ଅପରାଧୀଙ୍କ ତାଲିକାରେ ସାମିଲ କରାଯାଇଛି। ବ୍ୟୁରୋର ଅତିରିକ୍ତ ନିର୍ଦ୍ଦେଶକ ତିଳୋତ୍ତମା ବର୍ମା କହିଛନ୍ତି, ବନ୍ୟଜନ୍ତୁ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ କେବଳ ରାଜ୍ୟମାନଙ୍କଠାରୁ ସୂଚନା ପାଇବା ପରେ ଓ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବା ପରେ ହିଁ ଏପରି ତାଲିକା ପ୍ରସ୍ତୁତ କରିଥାଏ। ସଲମାନଙ୍କ ବ୍ୟତୀତ ଏହି ବନ୍ୟଜନ୍ତୁ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ତାଲିକାରେ ଅନ୍ୟ ୩୮ ଜଣଙ୍କ ନାଁ ଓ ଠିକଣା ରହିଛି। ଏମାନେ ସମସ୍ତେ ବିଭିନ୍ନ ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ୧୯୭୨ ଅଧୀନରେ ଅପରାଧ କରିଛନ୍ତି। କିଏ ବାଘ ଶିକାର କରିଥିବା ବେଳେ ଆଉ କିଏ ପଶୁପକ୍ଷୀ ଚୋରାଚାଲାଣ କରୁଥିବା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେଣୁ ସେମାନଙ୍କ ନାଁ ଏହି ତାଲିକାରେ ରହିଛି।

# ନାବାଳିକା ଦୁଷ୍କର୍ମ ମାମଲା : ଆଶାରାମଙ୍କୁ ଆଜୀବନ

**ଯୋଧପୁର :** ବିଶ୍ୱରେ ୪୦୦ ଆଶ୍ରମ ପ୍ରତିଷ୍ଠା କରି ନିଜକୁ ଭଗବାନ ବୋଲାଉଥିବା ତଥାକଥିତ ଧର୍ମଗୁରୁ ଆଶାରାମଙ୍କୁ ଶେଷରେ ଆଶାନୁରୂପ ଦଣ୍ଡ ମିଳିଛି। ଯୋଧପୁର ଆଶ୍ରମକୁ ପରିବାର ସହ ଚିକିତ୍ସା ପାଇଁ ଆସିଥିବା ଜଣେ ୧୬ ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇଛନ୍ତି ଆଶାରାମ। ଆଜି ଯୋଧପୁର କୋର୍ଟ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଥିଲା ବେଳେ ତାଙ୍କର ଦୁଇ ଜଣ ସହଯୋଗୀ ଶିଳ୍ପୀ ଓ ଶରଦ୍ ଚନ୍ଦ୍ରଙ୍କୁ ୨୦ ବର୍ଷ ଲେଖାଏ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟ ୨ଜଣ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି। ସ୍ୱତନ୍ତ୍ର ବିଚାରପତି ମଧୁସୂଦନ ଶର୍ମା ଦଣ୍ଡ ଶୁଣାଇବା ସମୟରେ କୋର୍ଟରେ କାନ୍ଦି ପକାଇଥିଲେ ୭୭ ବର୍ଷୀୟ ଆଶାରାମ ଏବଂ କହିଥିଲେ, ଉପରବାଲାଙ୍କର ଯାହା ଇଚ୍ଛା। ମୋତେ ଏଠାରେ (ଜେଲ୍‌ରେ) ରହିବାକୁ ପଡ଼ିବ। କୋର୍ଟଙ୍କ ଏଭଳି ରାୟକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଛି। ତେବେ ଏହାକୁ ଚ୍ୟାଲେଞ୍ଜ୍ କରି ଆଶାରାମଙ୍କ ଓକିଲ ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି। ସମ୍ପ୍ରତି ଦେଶରେ ଦୁଷ୍କର୍ମ ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିଲା ବେଳେ ଏବଂ ନିକଟ ଅତୀତରେ ଆଉ ଜଣେ ତଥାକଥିତ ଧର୍ମଗୁରୁ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ୍ ରାମ୍‌ରହିମ୍ ସିଂହଙ୍କୁ ଦୁଷ୍କର୍ମ ମାମଲାରେ ଦଣ୍ଡବିଧାନ ହୋଇଥିଲା ବେଳେ ଏଭଳି ଏକ ସଙ୍ଗିନ ମାମଲାରେ ଜଡ଼ିତ ଥିବା ତଥାକଥିତ ଧର୍ମଗୁରୁ ଆଶାରାମଙ୍କୁ କିଭଳି ଦଣ୍ଡ ହେବ, ତାହା ଉପରେ ଥିଲା ସାରା ଦେଶବାସୀଙ୍କ ନଜର। ଏଭଳି ସ୍ଥିତିରେ ଆଜି ଯୋଧପୁର ସେଣ୍ଟ୍ରାଲ୍ ଜେଲ୍ ପରିସରରେ ରାୟ ଘୋଷଣା କରିଥିଲେ ସ୍ୱତନ୍ତ୍ର ବିଚାରପତି ଶ୍ରୀ ଶର୍ମା। ଆଶାରାମଙ୍କ ସମର୍ଥକମାନେ ଗଣ୍ଡଗୋଳ ସୃଷ୍ଟି କରିବା ଆଶଙ୍କା କରି ରାଜ୍ୟ ସରକାରଙ୍କ ଆବେଦନ କ୍ରମେ ଏବଂ ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଯୋଧପୁର ସେଣ୍ଟ୍ରାଲ୍ ଜେଲ୍ ପରିସରରେ ରାୟ ଶୁଣାଣି ହୋଇଥିଲା। ସ୍ୱତନ୍ତ୍ର ଅନୁସୂଚିତ ଜାତି-ଜନଜାତି କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ମଧୁସୂଦନ ଶର୍ମା ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଦଫା ଏବଂ 'ପକ୍‌ସୋ' ଆଇନ ଅନୁଯାୟୀ ବିଚାର କରି ଏହି ୩ ଜଣଙ୍କୁ ଦଣ୍ଡିତ କରିଛନ୍ତି। ଦଣ୍ଡ ଘୋଷଣା ପରେ ସରକାରୀ ଓକିଲ ପୋକର ରାମ୍ ବିଷ୍ଣୋଇ ଗଣମାଧ୍ୟମକୁ କହିଥିଲେ, ଆଶାରାମଙ୍କୁ ଆଜୀବନ ଜେଲ୍‌ଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜୋରିମାନା ହୋଇଛି ଏବଂ ଶିଳ୍ପୀ ଓ ଶରଦ୍ ଚନ୍ଦ୍ରଙ୍କୁ ୨୦ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ହୋଇଛି। ତେବେ ଅନ୍ୟ ୨ ଜଣ ଅଭିଯୁକ୍ତ ପ୍ରକାଶ ଓ ଶିବାଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି।" ଏଥିପୂର୍ବରୁ ଗତ ୭ ତାରିଖରେ ସ୍ୱତନ୍ତ୍ର କୋର୍ଟ ଶୁଣାଣି ଶେଷ କରିଥିଲେ ଏବଂ ଏପ୍ରିଲ୍ ୨୫କୁ ରାୟ ସଂରକ୍ଷିତ ରଖିଥିଲେ। ରାୟ ପ୍ରକାଶ ପାଇବା ପରେ ଏଥିରେ ସନ୍ତୋଷ ପ୍ରକାଶ କରିଛନ୍ତି ପୀଡ଼ିତାଙ୍କ ପିତା। ସେ ସାମ୍ବାଦିକମାନଙ୍କୁ କହିଛନ୍ତି, ଅଦାଲତ ଉପରେ ଆମର ସମ୍ପୂର୍ଣ୍ଣ ଆଶା ଓ ବିଶ୍ୱାସ ଥିଲା। ଆମଙ୍କୁ ନ୍ୟାୟ ମିଳିଥିବାରୁ ଆମେ ବହୁତ ଖୁସି। କୋର୍ଟଙ୍କ ରାୟ ପରେ ଯୋଧପୁରର ତତ୍କାଳୀନ ଡେପୁଟି ପୁଲିସ କମିଶନର୍ ଅଜୟ ପାଲ୍ ଲାମ୍ବା ମଧ୍ୟ ସନ୍ତୋଷ ପ୍ରକାଶ କରିଛନ୍ତି। ଆଇପିଏସ୍ ଅଧିକାରୀ ଲାମ୍ବା ସେତେବେଳେ ତଦନ୍ତର ନେତୃତ୍ୱ ନେଉଥିବାରୁ ତାଙ୍କୁ ବାରମ୍ବାର ଟେଲିଫୋନ୍ ଓ ଚିଠିରେ ଧମକ ମିଳିଥିଲା। ଏପରିକି ସେ ଭୟରେ ନିଜର ଝିଅକୁ ସ୍କୁଲକୁ ପଠାଇବା ବନ୍ଦ କରିଦେଇଥିଲେ ଏବଂ ପତ୍ନୀଙ୍କୁ ବାହାରକୁ ଛାଡ଼ୁନଥିଲେ। ଏହା ତାଙ୍କର କ୍ୟାରିୟରର ସବୁଠାରୁ ବଡ଼ ହାଇ ପ୍ରୋଫାଇଲ୍ ମାମଲା ବୋଲି ଲାମ୍ବା କହିଛନ୍ତି।

## କଠୁଆ ମାମଲା

# 'ନିରପେକ୍ଷ ଶୁଣାଣି ଆମ ଲକ୍ଷ୍ୟ'

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀର କଠୁଆ ଜିଲ୍ଲାରେ ୮ ବର୍ଷୀୟ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ଶୁଣାଣି ନିରପେକ୍ଷ ଭାବେ କରିବାକୁ ଆଜି ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କଠୁଆ କୋର୍ଟରେ ମାମଲାର ଶୁଣାଣିରେ ନିରପେକ୍ଷ ଭାବେ ହୋଇପାରିବ ନାହିଁ ଏବଂ ଏହାକୁ ସେଠାରୁ ଚଣ୍ଡିଗଡ଼କୁ ସ୍ଥାନାନ୍ତର କରିବା ପାଇଁ ହୋଇଥିବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏଭଳି ମତ ଦେଇଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ୍ ଅଜୟ ମାନିକରାଓ ଖାନୱିଲକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି କହିଛନ୍ତି କଠୁଆ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାର ନିରପେକ୍ଷ ଏବଂ ସ୍ୱଚ୍ଛ ଶୁଣାଣି ଉପରେ ଆମେ ଗୁରୁତ୍ୱ ଦେବା ଦରକାର। ଏଥିସହ ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଓ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ସୁରକ୍ଷା ଯୋଗାଇ ଦିଆଯିବା ନିହାତି ଜରୁରୀ। ଯଦି ଏଥିରେ କୌଣସି ବି ବିଚ୍ୟୁତ୍ ଦେଖାଯାଏ, ତା'ହେଲେ ଆମେ ମାମଲାର ଶୁଣାଣି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେବୁ। ପୀଡ଼ିତାଙ୍କ ପରିବାର ବର୍ଗଙ୍କ ପକ୍ଷରୁ ମାମଲା ସ୍ଥାନାନ୍ତର କରିବା ନେଇ ଯେଉଁ ଆବେଦନ କରିଥିଲେ ଆସନ୍ତାକାଲି ଜଷ୍ଟିସ୍ ମିଶ୍ରଙ୍କ ଖଣ୍ଡପୀଠ ଶୁଣାଣି କରିବାର ସମ୍ଭାବନା ରହିଛି। ପୀଡ଼ିତାଙ୍କ ପରିବାର ଓ ତାଙ୍କ ପାଇଁ ମାମଲା ପରିଚାଳନା କରୁଥିବା ମହିଳା ଓକିଲ ଦୀପିକା ରାଓ୍ୱତଙ୍କୁ ଅଭିଯୁକ୍ତଙ୍କ ପକ୍ଷରୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ବାପା ଜମ୍ମୁ-କଶ୍ମୀର ପୁଲିସ୍‌ର ତଦନ୍ତରେ ସନ୍ତୋଷ ବ୍ୟକ୍ତ କରିଥିଲେ ହେଁ କଠୁଆରୁ ମାମଲାର ଶୁଣାଣିକୁ ଚଣ୍ଡିଗଡ଼ କୋର୍ଟକୁ ସ୍ଥାନାନ୍ତର କରିବା ଦାବିରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉଲ୍ଲେଖଯୋଗ୍ୟ ଜାନୁଆରୀ ୧୦ରେ ୮ ବର୍ଷୀୟ ନାବାଳିକାଙ୍କୁ ପ୍ରଥମେ ଅପହରଣ କରିବା ପରେ ଅଭିଯୁକ୍ତମାନେ ତାଙ୍କୁ ପଣବନ୍ଦୀ କରି ୩ ଦିନ କାଳ ଗଣଦୁଷ୍କର୍ମ କରିଥିଲେ। ଏହାପରେ ତାଙ୍କୁ ହତ୍ୟା କରିଥିଲେ। ତେବେ ଘଟଣାର ଚାର୍ଜଶିଟ୍ ଦାଖଲ ବେଳେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସମଗ୍ର ଦେଶରେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇଛି। ପୁଲିସ୍ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୮ ଜଣଙ୍କୁ ଗିରଫ କରିଛି।

## ଲଞ୍ଚ୍ ହେଲା ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ

**ଭୋପାଳ :** ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଗ୍ରାମସ୍ୱରାଜ ଅଭିଯାନର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ମଣ୍ଡଲା ଅନ୍ତର୍ଗତ ରାମନଗର ଠାରେ ଏହି ଅଭିଯାନର ଶୁଭାରମ୍ଭ କରି ଏହାର ସଫଳତା କାମନା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଗ୍ରାମ୍ୟ ସ୍ୱାୟତ୍ତ ସଂସ୍ଥାଗୁଡ଼ିକୁ ଅଧିକ ଆତ୍ମନିର୍ଭରଶୀଳ ଓ ସୁଦୃଢ଼ କରିବାରେ ସହାୟକ ହେବ। ଏହି ଅବସରରେ ମୋଦି ମଧ୍ୟପ୍ରଦେଶରେ ୫ ବର୍ଷରେ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଏକ ରୋଡ୍‌ମ୍ୟାପ୍‌ର ଉନ୍ମୋଚନ କରିଛନ୍ତି। ଏହି ଯୋଜନାରେ ଆଦିବାସୀବହୁଳ ପଞ୍ଚାୟତଗୁଡ଼ିକର ବିକାଶ ଲାଗି ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଜିଲ୍ଲାର ମନେରି ଠାରେ ପ୍ରଧାନମନ୍ତ୍ରୀ ଏକ ଏଲ୍‌ପିଜି ବଟ୍‌ଲିଙ୍ଗ୍ ପ୍ଲାଣ୍ଟ୍‌ର ଶିଳାନ୍ୟାସ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପଞ୍ଚାୟତଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ମୋଦି ସମ୍ପୃକ୍ତ ପ୍ରତିନିଧିମାନଙ୍କୁ ସମ୍ମାନିତ କରିଥିଲେ। ଇ-ପଞ୍ଚାୟତ ମିଶନ ମୋଡ୍ ପ୍ରକଳ୍ପ ଇ-ଗଭର୍ଣ୍ଣାନ୍ସ ପାଇଁ ପ୍ରୋତ୍ସାହନ ଏବଂ ଭିତ୍ତିଭୂମିର ବିକାଶ ଲାଗି ଏହି ଯୋଜନାରେ ପ୍ରାଧାନ୍ୟ ଦିଆଯାଇଛି। ମୋଦି କହିଛନ୍ତି, ଦେଶର ବଜେଟ୍ ସମସ୍ତଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ମଣ୍ଡଲାରୁ ଦେଶର ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଗ୍ରାମଗୁଡ଼ିକର ସଶକ୍ତିକରଣ ନିମନ୍ତେ ଏହାର ପ୍ରତିନିଧିମାନଙ୍କୁ କେନ୍ଦ୍ର ସ୍ୱତନ୍ତ୍ର ଭାବରେ ସାହାଯ୍ୟ ସହାୟତା ଯୋଗାଇଦେବ। ଜନପ୍ରତିନିଧିମାନେ ଜନ-ଧନ ଯୋଜନା, ବନ-ଧନ ଓ ଗୋବର ଧନ ଯୋଜନାରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ଗ୍ରାମାଞ୍ଚଳରେ ଶିକ୍ଷାକୁ ମଧ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ମୋଦି କହିଥିଲେ। ସେ ଏହି ଅବସରରେ ଧୂମବିହୀନ ରୋଷେଇଘର ନିର୍ମାଣ, ଟୀକାକରଣ, ବିଦ୍ୟୁତ୍‌କରଣ ଆଦି କ୍ଷେତ୍ରରେ ଶତପ୍ରତିଶତ ଲକ୍ଷ୍ୟ ପୂରଣ କରିଥିବା ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୩ରେ ଏସ୍‌ସି-ଏସ୍‌ଟି ଆଇନର ଶୁଣାଣି


**ନୂଆଦିଲ୍ଲୀ :** ଅନୁସୂଚିତ ଜାତି-ଜନଜାତି ଆଇନରେ ଅଭିଯୋଗ ମାତ୍ରେ ଗିରଫ ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟଙ୍କ ରାୟକୁ ସମୀକ୍ଷା କରିବା ଲାଗି କେନ୍ଦ୍ର ପକ୍ଷରୁ ହୋଇଥିବା ଆବେଦନ ଉପରେ ଆସନ୍ତା ମେ' ୩ରେ ଅଧିକ ଶୁଣାଣି ହେବ। ଜଷ୍ଟିସ୍ ଆଦର୍ଶ କୁମାର ଗୋଏଲଙ୍କ ଖଣ୍ଡପୀଠ କହିଛନ୍ତି, କେନ୍ଦ୍ରର ଆବେଦନ ଉପରେ ଶୁଣାଣି କରାଯିବ। ଏପ୍ରିଲ୍ ୩ରେ କୋର୍ଟଙ୍କ ନିର୍ଦ୍ଦେଶ ଉପରେ ସମସ୍ତ ପକ୍ଷ ସେମାନଙ୍କର ମତାମତ ଜଣାଇଛନ୍ତି ବୋଲି ଆଟର୍ଣ୍ଣି ଜେନେରାଲ ଜଣାଇବା ପରେ ଖଣ୍ଡପୀଠ ଏହା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୦ରେ ଜଷ୍ଟିସ୍ ଗୋଏଲ ଓ ଜଷ୍ଟିସ୍ ଉଦୟ ଉମେଶ ଲଳିତଙ୍କ ଖଣ୍ଡପୀଠ ରାୟର ସମୀକ୍ଷା ଲୋଡ଼ାଯାଉଛି ବୋଲି ଘୋଷଣା କରିଥିଲେ। ଏପ୍ରିଲ ୩ରେ ଏ ସମ୍ପର୍କରେ ଶେଷ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ରାୟର କାର୍ଯ୍ୟକାରିତା ଉପରେ ରହିତାଦେଶ ଲାଗୁ କରିବାକୁ ମନା କରିଦେଇ ଥିଲେ ଏବଂ ସ୍ପଷ୍ଟ କରିଦେଇଥିଲେ ଯେ, ଏହି ଆଇନ ଅନୁଯାୟୀ ମାମଲା ପଞ୍ଜୀକରଣ ହୋଇନଥିଲେ ମଧ ନିର୍ଯାତନା ଅଭିଯୋଗ ଉପରେ ପୀଡ଼ିତଙ୍କୁ କ୍ଷତିପୂରଣ ମିଳିବ।

# ନ୍ୟୁକ୍ଲିଅର୍ ଚୁକ୍ତି: ଟ୍ରମ୍ପ୍‌ଙ୍କୁ ଇରାନ୍‌ର ଚେତାବନୀ

**ୱାଶିଂଟନ୍ :** ଇରାନ୍ ୨୦୧୫ ମସିହାରେ ବିଶ୍ୱ ଶକ୍ତି ସମୂହ ସହିତ ସ୍ୱାକ୍ଷର କରିଥିବା ଚୁକ୍ତିରୁ ଓହରିବାପାଇଁ ଆମେରିକାକୁ ଆହ୍ୱାନ କରିବା ସହିତ ଏଥିରେ ଅସହମତି ପ୍ରକାଶ କଲେ ପରିଣାମ ଭୟଙ୍କର ହେବ ବୋଲି ଇରାନ୍‌ର ରାଷ୍ଟ୍ରପତି ହାସନ୍ ରୁହାନୀ ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ଏଥିରେ ସ୍ୱାକ୍ଷର କରିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପୂର୍ବରୁ ଟ୍ରମ୍ପ କହିଥିଲେ ଆସନ୍ତା ମେ' ୧୨ ତାରିଖ ଭିତରେ ୟୁରୋପୀୟ ଗୋଷ୍ଠୀ ଏହି ଚୁକ୍ତିରେ ଥିବା 'ଭୟଙ୍କର ତ୍ରୁଟି'ର ସମାଧାନ ନହେଲେ ଇରାନ୍‌କୁ ଦିଆଯାଉଥିବା ଅର୍ଥନୈତିକ ସହାୟତା ବନ୍ଦ କରାଯିବ। ଏହି ଚୁକ୍ତିରେ ସାମିଲ ହୋଇଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ଯଥା ରୁଷ୍, ଚୀନ୍, ଜର୍ମାନୀ, ବ୍ରିଟେନ୍, ଫ୍ରାନ୍ସ ଆଦି ରାଷ୍ଟ୍ର ଚୁକ୍ତିର ସଂରକ୍ଷଣ ପାଇଁ ପ୍ରୟାସ ଜାରି ରଖିଥିବାବେଳେ ଏହି ଚୁକ୍ତି ହିଁ ଇରାନ୍‌ର ନ୍ୟୁକ୍ଲିୟର କାର୍ଯ୍ୟକ୍ରମ ଉପରେ ଲଗାମ ଲଗାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ୍ ବର୍ତ୍ତମାନ ୱାଶିଂଟନ୍‌ରେ ଅଛନ୍ତି ଏବଂ ଚୁକ୍ତିରୁ ଓହରିବାକୁ ଟ୍ରମ୍ପଙ୍କୁ ପ୍ରବର୍ତ୍ତାଇବାର ସମ୍ଭାବନା ରହିଛି। ଇରାନ୍ ଆହୁରି ମଧ ଧମକାଇଛି, ଯଦି ଚୁକ୍ତି ବିଫଳ ହୁଏ ଇରାନ୍ ପୁଣିଥରେ ନ୍ୟୁକ୍ଲିଅର କାର୍ଯ୍ୟକ୍ରମ ଆରମ୍ଭ କରିବ।

# ଅନ୍‌ଲାଇନ ବଜାରରେ ଅଧିକ ଜାଲ୍ ସାମଗ୍ରୀ

**ବେଙ୍ଗାଲୁରୁ :** ଅନଲାଇନ୍ ବଜାର କ୍ରମେ କଳେବର ବଢ଼ାଉଥିବା ବେଳେ ନକଲି ବା ଜାଲ୍ ସାମଗ୍ରୀ ଗ୍ରାହକଙ୍କ ଚିନ୍ତା ବଢ଼ାଇଦେଇଛି। କିଛି ଦିନ ତଳେ କରାଯାଇଥିବା ଦୁଇଟି ଏହିଭଳି ସର୍ବେକ୍ଷଣରୁ ଜଣାଯାଇଛି ତିନିଭାଗରୁ ୧ ଭାଗ ଗ୍ରାହକ ଏଭଳି ଠକେଇର ଶିକାର ହେଉଛନ୍ତି। ଲୋକାଲସର୍କଲସ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି ଗତ ଏକ ବର୍ଷରେ ୬,୯୨୩ ଉପଭୋକ୍ତାଙ୍କ ମଧ୍ୟରୁ ୩୮% ଗ୍ରାହକ ଏକ ନିର୍ଦ୍ଦିଷ୍ଟ ଶପିଂ ସାଇଟ୍‌ରୁ ଏଭଳି ନକଲି ସାମଗ୍ରୀ ପାଇଛନ୍ତି। ସେମାନେ ସ୍ନାପ୍‌ଡିଲଠାରୁ ୧୨% ଗ୍ରାହକ ଏଭଳି ଠକେଇର ଶିକାର ହୋଇଥିଲାବେଳେ ଆମାଜନ୍‌ରୁ ୧୧% ଏବଂ ଫ୍ଲିପ୍‌କାର୍ଟରେ ସବୁଠାରୁ କମ୍ ୬% ଗ୍ରାହକ ଏଭଳି ଠକେଇର ଶିକାର ହୋଇଛନ୍ତି। ମାର୍କେଟ ରିସର୍ଚ୍ଚ ପ୍ଲାଟଫର୍ମ ଭେଲୋସିଟି ଏମ୍‌ଆର୍ ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଗତ ୬ ମାସରେ ଉପଭୋକ୍ତାମନେ ଅନ୍‌ଲାଇନ୍‌ଶପିଂ ସାଇଟ୍‌ରେ କିଣିଥିବା ଉତ୍ପାଦମଧ୍ୟରୁ ୩ ଭାଗରୁ ୧ଭାଗ ଗ୍ରାହକ ଏପରି ଠକେଇର ଶିକାର ହେଉଛନ୍ତି। ଏହି ସର୍ବେକ୍ଷଣ ୩୦୦୦ ଜଣଙ୍କୁ ନେଇ କରାଯାଇଥିଲା। ଏପରି ତଥ୍ୟ ସାମ୍‌ନାକୁ ସେହି ସମୟରେ ଆସିଛି ଯେତେବେଳେ ଖାଉଟି କଲ୍ୟାଣ ବିଭାଗ ଅନ୍‌ଲାଇନ୍ ଶପିଂ ସଂସ୍ଥାଗୁଡ଼ିକ ପାଇଁ ନିୟମ ପ୍ରଣୟନ କରି ଏସବୁ ସମସ୍ୟା ପାଇଁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତି ନେଉଛି। ଏପରି ନିୟମ ପ୍ରଣୟନ କରିବାର ମୁଖ୍ୟ କାରଣ ହେଉଛି ଏପରି ଅନ୍‌ଲାଇନ ଶପିଂ ସଂସ୍ଥା ବିରୋଧରେ କ୍ରମେ ଅଭିଯୋଗର



ପରିମାଣ ବଢ଼ିବାରେ ଲାଗିଛି। ପ୍ରାୟ ଅଧିକାଂଶ ଗ୍ରାହକଙ୍କ ଅଭିଯୋଗ ହେଉଛି ସେମାନେ ଅନଲାଇନ୍ ଶପିଂ ସାଇଟ୍‌ରୁ ଅତର ଓ ପ୍ରସାଧନ ସାମଗ୍ରୀରେ ଠକିଛନ୍ତି। ଅନ୍ୟମାନେ କହିବା ଅନୁଯାୟୀ ଜୋତା, କ୍ରୀଡ଼ା ସମାଗ୍ରୀ, ଫ୍ୟାସନ୍ ଉତ୍ପାଦ ଏବଂ ବ୍ୟାଗ୍ ଆଦି କିଣି ଠକାମୀର ଶିକାର ହୋଇଛନ୍ତି। କିଛି ଦିନ ତଳେ ଆମେରିକୀୟ ଜୋତା କମ୍ପାନୀ ସ୍କେଚର୍ସ ଫ୍ଲିପକାର୍ଟ ଏବଂ ଅନ୍ୟ ୪ଟି କମ୍ପାନୀଙ୍କୁ ଅଦାଲତକୁ ଟାଣିଥିଲା। ସେହିଭଳି ୨୦୧୪ ମସିହାରେ ଶପ୍‌କ୍ଲୁଜ୍ ଲୋ'ରିଅଲ୍ ଉତ୍ପାଦ ନାମରେ ନକଲି ଉତ୍ପାଦ ବିକ୍ରି କରୁଥିବାରୁ ଦିଲ୍ଲୀ ହାଇକୋର୍ଟ ଯିବାକୁ ପଡ଼ିଥିଲା। ଅରବିନ୍ଦ ଇଣ୍ଟରନେଟ୍‌ର ସିଇଓ ତଥା ରାବଙ୍ଗ୍‌ର ସହପ୍ରତିଷ୍ଠାତା ମୁକୁଲ୍ ବଫାନାଙ୍କ କହିବା ଅନୁଯାୟୀ ଏହି ସମସ୍ୟା ଭାରତରେ ଏକ ବୃହତ ରୂପ ନେଇଛି। ବିଳାସମୟ ସାମଗ୍ରୀରେ ଏପରି ଠକେଇର ମାତ୍ରା ଅଧିକ ଥିବାବେଳେ ଜୋତା ଏବଂ ବ୍ୟାଗ୍ କ୍ଷେତ୍ରରେ ମଧ ଏପରି ଠକେଇ ଦେଖିବାକୁ ମିଳିଛି। ଅଧିକାଂଶ ଗ୍ରାହକ ଅର୍ଡର କରିଥିବା ଉତ୍ପାଦ ଏବଂ ଆସିଥିବା ଉତ୍ପାଦ ମଧ୍ୟରେ ଫରକ ଦେଖି ନକଲି ସାମଗ୍ରୀ ଆସିଥିବା ଜାଣିପାରୁଥିବାବେଳେ ଅନ୍ୟ କେହି କେହି ପ୍ୟାକେଜିଂ ଓ ରଙ୍ଗରୁ ଜାଣିବାରେ ସକ୍ଷମ ହେଉଛନ୍ତି। ଏଥିରେ କେବଳ ଗ୍ରାହକମାନେ ନୁହେଁ ଅନ୍‌ଲାଇନ୍ ଶପିଂ ସଂସ୍ଥା ମଧ୍ୟ କ୍ଷତି ସହୁଛନ୍ତି। କାରଣ ସେମାନଙ୍କ ବ୍ୟବସାୟର ମୂଳପୁଞ୍ଜି ବିଶ୍ୱସନୀୟତା ହରାଉଛନ୍ତି ଏବଂ ଉତ୍ପାଦ ରିଟର୍ଣ୍ଣ ନେବାକୁ ବାଧ ହେଉଛନ୍ତି। ଏପରିକି ଏପରି ଉତ୍ପାଦ ବିକ୍ରିରେ ସେମାନଙ୍କୁ ଦଣ୍ଡିତ କରିବା ପାଇଁ ଦାବି ଜୋର ଧରିଲାଣି। ୬,୧୯୭ ଗ୍ରାହକଙ୍କ ମଧ୍ୟରୁ ୮୦ ପ୍ରତିଶତ ଏପରି ଦାବି କରିଛନ୍ତି। ସର୍ବେକ୍ଷଣରେ ସାମିଲ ହୋଇଥିବା୯୨୦ ଜଣ ଗ୍ରାହକଙ୍କ ମଧ୍ୟରୁ ୯୨ ପ୍ରତିଶତ ଗ୍ରାହକ ନକଲି ଉତ୍ପାଦ ଫେରାଇଟଙ୍କା ଫେରି ପାଇଛନ୍ତି। ଏକ୍ଷେତ୍ରରେ ଆମଜ୍ନ ମତ ରଖିଛି ସଂସ୍ଥା ତରଫରୁ ମାମଲା ରୁଜୁ କରିବା ସହିତ ବିକ୍ରେତାଙ୍କ ସହିତ ବ୍ୟବସାୟ ବାତିଲ କରିବା ପରି କଡ଼ା ପଦକ୍ଷେପ ନିଆଯାଉଛି।

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

୩ ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ଭୁବନେଶ୍ୱର, ୩୦ ଏପ୍ରିଲ - ୦୬ ମଇ, ୨୦୧୮



ପୁରୀ : ରଥ ଖଳାରେ ତୁମ୍ବ ନିର୍ମାଣ ଓ ବିନ୍ଧ କାମ ଚାଲିଛି।

# ଶାନ୍ତିର ଆଶା ବଢ଼ିଲା



**ସିଓଲ :** ଉତ୍ତର କୋରିଆର ଶାସକ କିମ୍ ଜଙ୍ଗ୍-ଉନ୍ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜି-ଇନ୍‌ଙ୍କୁ ଭେଟିବା ପରେ କୋରିଆ ଉପଦ୍ୱୀପକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ରମୁକ୍ତ କରାଯିବା ନେଇ ଉଭୟ ସହମତ ହୋଇଛନ୍ତି। ମେ' ୨୦୧୭ରେ ମୁନ୍ ଦକ୍ଷିଣ କୋରିଆର ରାଷ୍ଟ୍ରପତି ହେବା ପରଠାରୁ ଉତ୍ତର କୋରିଆ ପ୍ରାୟ ୧୨ଥର କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଗତ ସେପ୍ଟେମ୍ବରରେ ଉତ୍ତର କୋରିଆ ଏକ ଶକ୍ତିଶଳୀ ଆଣବିକ ଅସ୍ତ୍ର ପରୀକ୍ଷଣ କରିଥିଲା। ତା'ପୂର୍ବରୁ ଉତ୍ତର କୋରିଆ ଅନ୍ୟ ୫ଟି ଅଣୁଅସ୍ତ୍ର ପରୀକ୍ଷା କରିଥିଲା। ଏବେ କୋରିଆ ଉପଦ୍ୱୀପକୁ ଅଣୁଅସ୍ତ୍ରମୁକ୍ତ ଅଞ୍ଚଳ କରିବାକୁ ଉଭୟ କୋରିଆ ରାଜି ହେବା ଏକ ଐତିହାସିକ ଉପଲବ୍ଧି ବୋଲି କୁହାଯିବ। କିମ୍ ଜଙ୍ଗ୍-ଉନ୍ ଜଣେ ଯୁଦ୍ଧଖୋର ତଥା ସଂଘର୍ଷବାଦୀ ନେତା ଭାବେ କୁଖ୍ୟାତି ଅର୍ଜିବା ପରେ ଏବେ ଶାନ୍ତି ଓ ଆଞ୍ଚଳିକ ସ୍ଥିରତାକୁ ଗୁରୁତ୍ୱ ଦେଇଛନ୍ତି। ମାତ୍ର କିଛି ଦିନ ତଳେ ସେ ➤ ପୃ-୬

# ଋଣ ଦେବା ଉପରେ କଟକଣା

**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୬ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବିଧାନସଭା ଅଧିବେଶନ ଚାଲିଥିବା ଯୋଗୁ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ସରକାରୀ ଭାବେ ସ୍ପଷ୍ଟ କୁହାନଯାଇଥିଲେ ବି ସୂଚନା ଅନୁସାରେ କ୍ୟାବିନେଟ୍ ବୈଠକରେ ଝାରସୁଗୁଡ଼ା ଜିଲ୍ଲାର ୩ଟି ସହର ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ, ପୂର୍ବତନ ବିଧାୟକଙ୍କୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସହ ମାସିକ ୨ହଜାର ଟଙ୍କା ମେଡିକାଲ ଭତ୍ତା, ଫରେଷ୍ଟର୍ ପଦବୀ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ସଂଶୋଧନ, ଓଡ଼ିଶା ସମବାୟ ସୋସାଇଟି ଆକ୍ଟ-୧୯୬୨ରେ ସଂଶୋଧନ, ଓଡ଼ିଶା ଭୂତଳ ଜଳ ବିଲ୍-୨୦୧୧ରେ ସଂଶୋଧନ, ଓଡ଼ିଶା ସରକାରୀ ରୁଲ୍ ଅଫ୍ ବିଜିନେସ୍‌ରେ ସଂଶୋଧନ ଓ ରାୟଗଡ଼ାର ଗୁଣପୁରସ୍ଥିତ ଗାନ୍ଧି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି (ଜିଆଇଇଟି)କୁ ଘରୋଇ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ଜଣାପଡ଼ିଛି। ଓଡ଼ିଶା ସମବାୟ ସୋସାଇଟି ଆକ୍ଟ-୧୯୬୨ର ଧାରା ୨ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ



ମିଳିଛି। ଏହାଦ୍ୱାରା ସମବାୟ ବ୍ୟାଙ୍କ ଓ ଆର୍ଥିକ କାରବାର କରୁଥିବା ସମବାୟ ସୋସାଇଟିକୁ ବାଦ୍ ଦେଲେ ଅନ୍ୟ କୌଣସି ସମବାୟ ସୋସାଇଟିଗୁଡ଼ିକ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିପାରିବେ ନାହିଁ। ନାମକୁମାତ୍ର ସଦସ୍ୟ ପଞ୍ଜିକୃତ କରାଇ ଲୋକଙ୍କଠାରୁ ଜମା ସଂଗ୍ରହ କରିବା ଓ ସେମାନଙ୍କୁ ଋଣ ଦେବା ଉପରେ କଟକଣା ରହିବ। ଏହି ପ୍ରସ୍ତାବିତ ସଂଶୋଧନକୁ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ତେବେ ଅନୁମୋଦନ ପାଇଁ ଏହି ବିଲ୍‌କୁ ବିଧାନସଭାକୁ ପଠାଯିବ ବୋଲି ଜଣାପଡ଼ିଛି। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଓ ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ୨୦୪୮ ମସିହା ସୁଦ୍ଧା ପ୍ରସ୍ତାବିତ ୧.୭୧ ଲକ୍ଷ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦୈନିକ ୧୯ ମିଲିୟନ୍ ଲିଟର୍ ବିଶିଷ୍ଟ ଏକ ମେଗା ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହି ପ୍ରକଳ୍ପରେ ହୀରାକୁଦ ଜଳଭଣ୍ଡାରରୁ ପାଣି ଅଣାଯାଇ ତାକୁ ବିଶୋଧନ କରାଯିବା ପରେ ବେଲପାହାଡ଼ ଓ ବ୍ରଜରାଜନଗର ସହରର ୨୪ଘଣ୍ଟିଆ ଜଳ ଆବଶ୍ୟକତାକୁ ପୂରଣ କରାଯିବ। ଏହା ସହିତ ଝାରସୁଗୁଡ଼ା ପୌରାଞ୍ଚଳର କେତେକ ଅଞ୍ଚଳକୁ ମଧ୍ୟ ଏହି ପାନୀୟ ଜଳ ଯୋଗାଣ ହେବ। ଏହି ପାନୀୟ ଜଳ ପ୍ରକଳ୍ପର ଟେଣ୍ଡର୍‌କୁ ରାଜସ୍ଥାନର ଜୁବେରୀ ଇଞ୍ଜିନିୟରି କମ୍ପାନୀ ଲିଃ ୨୧୪.୭୫ କୋଟି ଟଙ୍କାରେ ନେଇଛି ଓ ଏହାକୁ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି। ସେହିପରି ପୂର୍ବତନ ବିଧାୟକଙ୍କୁ ମାସିକ ମେଡିକାଲ ଭତ୍ତା ବାବଦରେ ୨ହଜାର ଟଙ୍କା ସହ ନିୟମିତ ବିଧାୟକଙ୍କ ଭଳି ବାର୍ଷିକ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ପ୍ରସ୍ତାବକୁ କ୍ୟାବିନେଟ୍ ➤ ପୃ-୬

## ପକ୍‌ସୋ ଆଇନ୍‌ରେ ସଂଶୋଧନ ଆସିବ


# ଦୁଷ୍କର୍ମ ଓ ହତ୍ୟା ଅପରାଧୀଙ୍କୁ ମୃତ୍ୟୁଦଣ୍ଡ

**ମୁମ୍ବାଇ :** ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ଆଇନ (ପକ୍‌ସୋ)ର ଧାରା ୪,୫ ଓ ୬ରେ ସଂଶୋଧନ ଆଣି କେବଳ ୧୨ବର୍ଷରୁ କମ୍ ବୟସର ବାଳିକା ନୁହେଁ, ୧୨ବର୍ଷରୁ କମ୍ ବୟସର ବାଳକଙ୍କୁ ମଧ୍ୟ ଦୁଷ୍କର୍ମ କଲେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିବାର ବ୍ୟବସ୍ଥା



କରାଯିବା ନିମନ୍ତେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ଏପ୍ରିଲ ୨୨ ତାରିଖରେ ପକ୍‌ସୋ ଆଇନର ଧାରା ୪୨ରେ ସଂଶୋଧନ ଆଣି ୧୨ବର୍ଷରୁ କମ୍ ବୟସର ବାଳିକାଙ୍କୁ ଦୁଷ୍କର୍ମ କଲେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିବା ବ୍ୟବସ୍ଥା ଥିବା ଏକ ଅଧାଦେଶକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଇଥିଲେ। ପକ୍‌ସୋ ଆଇନ ଲିଙ୍ଗଭେଦ ନିର୍ବିଶେଷରେ ପ୍ରଭାବୀ ହୋଇଥିବା ସତ୍ତ୍ୱେ ନୂଆ ଅଧାଦେଶ ଅନୁଯାୟୀ ସଂଶୋଧିତ ଧାରା ୩୭୬ରେ 'ବାଳିକା' ଶବ୍ଦ ରହିଥିଲା। ସେଥିରୁ ଏହି ଅର୍ଥ ବାହାରୁଥିଲା ଯେ ୧୨ବର୍ଷରୁ କମ୍ ବୟସର ବାଳକଙ୍କୁ ଦୁଷ୍କର୍ମ କଲେ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ମିଳିବ ନାହିଁ। ମୋଟ ଉପରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ହେଇଥିବା ଓ ରାଷ୍ଟ୍ରପତିଙ୍କ ମୋହର ଲାଗିଥିବା ଅପରାଧ ଆଇନ ସଂଶୋଧନ ଅଧାଦେଶଟି ସାମ୍ବିଧାନିକ ➤ ପୃ-୬

## ବକ୍ରବାଣୀ



ଷ୍ଟେସନ ପାଖରୁ ପିଏମ୍‌ଜି ଛକ
ବାଉଁଶ ଦେଖିବ ରାସ୍ତାଟା ଯାକ।
ସର୍କାରୀ ଷ୍ଟଲକୁ ଭଡାରେ ନେଇ
ଧାରଣା ଦିଅନ୍ତି ଆମରି ଭାଇ।
ହନ୍ତସନ୍ତ ହଉ ଆମେ କେବଳ
ପ୍ରଧାନ ଆଜ୍ଞାଙ୍କୁ ମିଳେ ସୁଫଳ।
ସଭା ସଇଲେ ଯାଆନ୍ତି ଘରକୁ
ପୁଣି ଫେରିଆନ୍ତି ମଗୁଣୀରକୁ।
ମାଣ ବସାନ୍ତି ଉଲ ବୁଣନ୍ତି
ଖରାରେ ବସି ଗପ କରନ୍ତି।
ମଝିରେ ମଝିରେ ବିରୋଧୀବାଲା
ସେଠି ପହଞ୍ଚିକି କରନ୍ତି ପାଲା।
ପଡିଆ ଗୋଟାଏ ପାଖରେ ଥିଲା
ଇନ୍ଦିରା ନାଁରେ ପାର୍କ ହେଲା।
ଚାଲ ଭାଇ ଆମେ ଧାରଣା ଦବା
ବିଧାନସଭାକୁ ବାରଙ୍ଗ ନବା।

——— ଟୁଟୁ

# ମାଫିଆଙ୍କ କବ୍ଜାରେ ଶାରୀଶୁଆ ପାହାଡ

## ବିପଦରେ ହାତୀ ନିଦରେ ପ୍ରଶାସନ

**ସୋର,(କୈଳାଶ ଚନ୍ଦ୍ର ବେହେରା) :** ଖଇରା ତହସିଲ ଅଧିନ ଶାରୀଶୁଆ ପାହାଡରେ ଦୀର୍ଘ ୪ବର୍ଷ ଧରି ଖଣି ଖନନ ବନ୍ଦ ରହିବା ପରେ ପୁଣି ଥରେ ଖଣି ନିଲାମ କରାଯାଇ ପଥର ଖୋଳା ଆରମ୍ଭ ହୋଇଛି । ୨୦୧୧-୧୨ମସିହାରେ ହାତୀ ଚଲାପଥ ଭାବେ ଘୋଷଣା କରାଯାଇଥିବା ପ୍ରସଙ୍ଗ ଲୁଚି ଯାଇଛି । ପ୍ରଶାସନ, ରାଜନେତା, ସଚିବସ୍ତରରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପଛରେ ପକାଇ ରାଜସ୍ୱ ପାଇଁ ସବୁ ବେନିୟମକୁ କାଗଜପତ୍ର ମାଧ୍ୟମରେନିୟମ କରିଦିଆ ଯାଇ ଖଣି ଉତ୍ତୋଳନର ସବୁପଥ ପରିଷ୍କାର କରିଦିଆଯାଇଛି। ପ୍ରକାଶ ଯେ, ୧୯୭୪ ମସିହାରୁ କୁଲଡିଆ ରେଞ୍ଜର ୨୭୨.୭୫ବର୍ଗ କିଲୋମିଟର ଅଞ୍ଚଳକୁ ହସ୍ତୀ ଚଲାପଥ ଭାବେ ଘୋଷଣା କରାଯାଇଛି । ଉକ୍ତ ପ୍ରକଳ୍ପର ସୀମା ସୋର ରେଞ୍ଜର ପାଇକପଡା



ପର୍ଯ୍ୟନ୍ତ ରହିଛି । ପରେ ୨୦୧୧ମସିହାରେ ଏହି ସୀମାକୁ କେନ୍ଦୁଝର ଜିଲାର ହଦଗଡ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବାକୁ ବନବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ତତ୍‌କାଳୀନ ଜିଲା ବନଖଣ୍ଡ ଅଧିକାରୀ କେଦାର ସ୍ୱାଇଁଙ୍କ ପକ୍ଷରୁ ୧୬.୫ବର୍ଗ କିଲୋମିଟର ଅଞ୍ଚଳକୁ ହାତୀ ଚଲାପଥ ଭାବେ ଚିହ୍ନିତ କରି ଫଳକ ଲଗାଇ ଦେଇଥିଲେ । ଉଦ୍ଦେଶ୍ୟଥିଲା ବହୁ ପୂର୍ବରୁ ହାତୀମାନେ ଚଲାବୁଲା କରୁଥିବା ଏହି ରାସ୍ତାକୁ ସଂରକ୍ଷିତ କରାଯିବା ପଳରେ ➤ ପୃ-୬

# ଚାଷୀଙ୍କୁ ମିଳିବ ପେନ୍‌ସନ

**ଭୁବନେଶ୍ୱର :** ଚାଷୀମାନଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବି ହୋଇଆସୁଥିବା ବେଳେ ବିଧାନସଭାରେ ବଡ଼ ଚତୁରତାର ସହିତ ଏନେଇ ଉତ୍ତର ରଖିଛନ୍ତି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ। ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାର ଉତ୍ତରରେ ସେ କହିଛନ୍ତି ଯେ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯିବ। ତେବେ ମନ୍ତ୍ରୀଙ୍କ ଏଭଳି ଉତ୍ତରରେ କୌଣସି ନୂତନତା ନାହିଁ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ଯୋଜନାରେ ପୂର୍ବରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବିପିଏଲ୍ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିବା ବେଳେ ଏଥିରେ ଚାଷୀମାନେ ମଧ୍ୟ ଅନ୍ତର୍ଭୁକ୍ତ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ଆଜି ବିଧାନସଭାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପାଇଁ ୪୭୧୮ କୋଟି ୧୨ ଲକ୍ଷ ୪୨ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଥିଲା। ଏହି ପ୍ରସଙ୍ଗରେ ଆଲୋଚନା ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ଏବଂ ବିଜେପି ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ଘେରିଥିଲେ। ରାଜ୍ୟ ସରକାର



କେବଳ ପ୍ରଚାର ସର୍ବସ୍ୱ ପାଲଟିଥିବା ବେଳେ ଚାଷୀଙ୍କ ଉନ୍ନତି ପାଇଁ ବିଗତ ୧୮ ବର୍ଷ ମଧ୍ୟରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି କଂଗ୍ରେସ ସଦସ୍ୟ ନବ ଦାସ କହିଥିଲେ। ରାଜ୍ୟ ପନିପରିବା, ଦୁଗ୍ଧ, ଫୁଲ, ମାଛ, ଆଳୁ ଏବଂ ପିଆଜ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛି ବୋଲି ସେ କହିଥିଲେ। ଆଳୁ ମିଶନ୍ ସମ୍ପୂର୍ଣ୍ଣ ଭାବରେ ଫେଲ୍ ମାରିଛି। ରାଜ୍ୟର ୫୦ ପ୍ରତିଶତ ଜନସଂଖ୍ୟା କୃଷି ➤ ପୃ-୬

## ୨୦୧୯ ସୁଦ୍ଧା ସହରାଞ୍ଚଳର ସବୁ ପରିବାରକୁ ପାଇପ୍ ପାଣି

**ଭୁବନେଶ୍ୱର :** ମାର୍ଚ୍ଚ ୨୦୧୯ ସୁଦ୍ଧାର ରାଜ୍ୟର ସହରାଞ୍ଚଳର ପ୍ରତି ପରିବାରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟରେ ସହରାଞ୍ଚଳ ପାନୀୟ ଜଳଯୋଗାଣ ସଂକ୍ରାନ୍ତୀୟ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ, ଏହି ଲକ୍ଷ୍ୟ ପୂରଣ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ଘରକୁ ଘର ଅଭିଯାନ ଆରମ୍ଭ କରାଯିବ। ସବୁ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରାଯିବ। ମାର୍ଚ୍ଚ ୨୦୧୯ ସୁଦ୍ଧା ସହରାଞ୍ଚଳରେ ମୁଣ୍ଡ ପିଛା ପାନୀୟ ଜଳଯୋଗାଣ ହାର ୭୦ ଲିଟରକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ପାରାଦୀପରେ ପ୍ରତିଷ୍ଠା ହେବ ୪୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା

**ନୂଆଦିଲ୍ଲୀ/ଭୁବନେଶ୍ୱର :** ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ବନ୍ଦର ଆଧାରିତ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଜାହଜ ଚଳାଚଳ, ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି ବୃହତ୍ତର ଯୋଜନାର ରୂପରେଖ ପ୍ରସ୍ତୁତିରେ ନିଜର ମତ ରଖିଥିଲେ। ବୈଠକରେ ୪୦ଟି ପ୍ରକଳ୍ପରେ ପାଖାପାଖି ୯୧ ହଜାର କୋଟି ଟଙ୍କାର ବ୍ୟୟ ବରାଦକୁ କିପରି ତୁରନ୍ତ କ୍ରିୟାନ୍ୱୟନରେ ଉପଯୋଗ କରାଯାଇପାରିବ, ସେଥିଲାଗି ଆଲୋଚନା ହୋଇଥିଲା। ପ୍ରଥମେ ପାରାଦୀପ ବନ୍ଦରର ଆଧୁନିକୀକରଣର ୭ଟି ବିଭିନ୍ନ ପ୍ରକଳ୍ପରେ ୧୬ ହଜାର ୬୩୭ କୋଟି, ଦ୍ୱିତୀୟରେ ବନ୍ଦର ସହିତ ସଂଯୋଗୀକରଣ ପାଇଁ ୯ଟି ବିଭିନ୍ନ ପ୍ରକଳ୍ପରେ ୧୩ ହଜାର ୬୯୦ କୋଟି, ତୃତୀୟରେ ୮ଟି ବନ୍ଦର ଆଧାରିତ ଶିଳ୍ପାୟନ ପ୍ରକଳ୍ପରେ ପ୍ରାୟ ୫୫ ହଜାର ୫୫୦ କୋଟି, ଚତୁର୍ଥରେ ୧୦ଟି ଉପକୂଳ ଅଞ୍ଚଳ ବିକାଶ ପ୍ରକଳ୍ପରେ ୪ ହଜାର ୭୯୩ କୋଟି ବ୍ୟୟବରାଦକୁ ତୁରନ୍ତ ଖର୍ଚ୍ଚ କରି ଲୋକଙ୍କ ପାଖରେ ଏହି ପ୍ରକଳ୍ପର ଲାଭ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପାରାଦୀପରେ ବିମାନବନ୍ଦର ସ୍ଥାପନା ପାଇଁ ମଧ୍ୟ ଆଲୋଚନା ହୋଇଛି। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୂର୍ବରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଥିଲେ। ସେହିପରି ୪୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସ୍ଥାପନା କରାଯିବ। ଏଥିସହିତ ୧୦୦ ଏମ୍‌ଏଲ୍‌ଡି ସାଲିନେସନ ସୁବିଧା ବିକାଶ କରାଯିବ। ଯାହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ପାନୀୟ ଜଳ ମିଳିପାରିବ। କେନ୍ଦ୍ର ସରକାର ପାରାଦୀପ ବନ୍ଦରକୁ ସ୍ମାର୍ଟପୋର୍ଟ ଇଣ୍ଡଷ୍ଟ୍ରି ସିଟି ଭାବେ ଘୋଷଣା କରିଛନ୍ତି।



ଏହି ବନ୍ଦର ନଗରୀ ଓଡ଼ିଶାର ପ୍ରମୁଖ ଶିଳ୍ପାଞ୍ଚଳ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ପଦକ୍ଷେପ ଯୋଗୁଁ ଗତବର୍ଷ୧୦୦ ମିଲିୟନ ଟନ୍‌ରୁ ଉର୍ଦ୍ଧ୍ୱ ମାଲ ପରିବହନ କରି ଦେଶର ୩ଟି ବନ୍ଦର ମଧ୍ୟରେ ପାରାଦୀପ ସ୍ଥାନ ପାଇଛି। ୨୦୨୦ ମସିହା ସୁଦ୍ଧା ଏହି ବନ୍ଦର ବାର୍ଷିକ ୩୩୨ ନିୟୁତ ଟନ୍ ପଣ୍ୟ ପରିବହନ ସହ ଦେଶର ସର୍ବବୃହତ ବନ୍ଦର ହେବାର ଆକଳନ କରାଯାଇଛି। ପାରାଦୀପରେ ୧୫ ଏମ୍‌ଏମ୍‌ଟିପିଏର ତୈଳ ବିଶୋଧନାଗାର, ୧୨ ଏମ୍‌ଏମ୍‌ଟିପିଏର ପିଲେଟ ପ୍ରକଳ୍ପ ମୋଟ ୪ ଏମ୍‌ଏମ୍‌ଟିପିଏ କ୍ଷମତାସମ୍ପନ୍ନ ଦୁଇଟି ସାର କାରଖାନା ପ୍ରତିଷ୍ଠିତ ହୋଇସାରିଛି। ଏହାସହ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତରଫରୁ ବଡ଼ ଶିଳ୍ପାୟନ ପ୍ରକଳ୍ପ ସହ ବର୍ତ୍ତମାନର ତୈଳ ବିଶୋଧନାଗାର କ୍ଷମତାକୁ ୨୧ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି କରିବାର ବ୍ୟବସ୍ଥା ହୋଇଛି। କେନ୍ଦ୍ର ତୈଳମନ୍ତ୍ରଣାଳୟ ଦ୍ୱାରା ପାରାଦୀପରେ ସ୍ଥାପିତ ହେଉଥିବା ୭୦୦ ଟିଏମ୍‌ଟି କ୍ଷମତା ବିଶିଷ୍ଟ ପ୍ରଲିପ୍ରପଲିନ୍ ପ୍ରକଳ୍ପ ୨୦୧୮ ମସିହା ସୁଦ୍ଧା ଶେଷ ହେବାକୁ ଥିବା ବେଳେ ୩୫୫ ଟିଏମ୍‌ଟି କ୍ଷମତାସମ୍ପନ୍ନ ମନୋମିଥାଇଲ୍ ଗ୍ଲାଇକୋ ପ୍ରକଳ୍ପ ଡ୍ରାଉନଷ୍ଟ୍ରିମ୍ ଶିଳ୍ପର ଦ୍ରୁତ ବିକାଶ ପାଇଁ ସୁଯୋଗ ତିଆରି କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ଲାଷ୍ଟିକ, ପେଣ୍ଟ, ରବର ଏବଂ ସିନ୍ଥେଟିକ୍ କପଡ଼ା ଶିଳ୍ପ ପାରାଦୀପ ଆଖପାଖରେ ଦ୍ରୁତ ଶିଳ୍ପାୟନରେ ସହାୟକ ହେବ। ଏହାସହ ବିଭିନ୍ନ ସଡ଼କ ପ୍ରକଳ୍ପ, ନଦୀ ଆଧାରିତ ବନ୍ଦର ତଥା ଆନ୍ତର୍ଜାତିକ ଜଳପଥ ବିକାଶ ପାରାଦୀପ ଓ ଆଖପାଖ ଅଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବ। ପାରାଦୀପ ଆଖପାଖ ଶିଳ୍ପାୟନକୁ ପ୍ରଧାନମନ୍ତ୍ରୀ ଉର୍ଜାଗଙ୍ଗା ଯୋଜନାରେ ଗ୍ୟାସ୍ ପାଇପ ଲାଇନ ଶକ୍ତି ଯୋଗାଣରେ ସହଯୋଗର ହାତ ବଢ଼ାଇବ। ବୈଠକ ପରେ ପାରାଦୀପରେ ଶିଳ୍ପାୟନର ଯୋଗ୍ୟ ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ବିଶ୍ୱ ମାନର ଦକ୍ଷତା ବିକାଶ ଖୋଲିବା ପାଇଁ ଶ୍ରୀ ପ୍ରଧାନ ଘୋଷଣା କରିଛନ୍ତି। ବୈଠକରେ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ହର୍ଷମିରତ କୌର ବାଦଲ ତଥା ଇସ୍ପାତ ସଡ଼କ ପରିବହନ ରାଜମାର୍ଗ ଜାହଜ ଚଳାଚଳ, ବେସାମରିକ ଜାହଜ ଚଳାଚଳ, କ୍ଷୁଦ୍ର, ମଧ୍ୟମ ଓ ଅଣୁଶିଳ୍ପ, ତୈଳ ଓ ପ୍ରାକୃତିକ ଗ୍ୟାସ, ରେଳ, ସାର ଓ ରସାୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିଥିଲେ।


# ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

## ପାଇକମାଳ, ବରଗଡ଼

### ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ,ବୈଶାଖ ମେଳା-୨୦୧୮


### ପୂଜାନୀତି କାର୍ଯ୍ୟକ୍ରମ

| | |
|---|---|
| ତା. ୨୫.୦୪.୨୦୧୮ରିଖ (ବୁଧବାର) | - ବିଶ୍ୱଶାନ୍ତି ମହାଯଜ୍ଞ କଳସ ଅଧିବାସ। |
| ତା. ୨୬.୦୪.୨୦୧୮ରିଖ (ଗୁରୁବାର) | - ଏକାଦଶୀ - ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ପାର୍ଶ୍ୱ ଦେବାଦେବୀ ନିମନ୍ତ୍ରଣ, ବ୍ରହ୍ମାବରଣ ଓ ବୀଜ ମନ୍ତ୍ର ଜପ ହୋମ ଆହୁତି। |
| ତା. ୨୭.୦୪.୨୦୧୮ରିଖ (ଶୁକ୍ରବାର) | - ଦ୍ୱାଦଶୀ - ବିଶ୍ୱଶାନ୍ତି ମହାଯଜ୍ଞ, ବୀଜ ମନ୍ତ୍ର ଜପ ହୋମ ଆହୁତି। |
| ତା. ୨୮.୦୪.୨୦୧୮ରିଖ (ଶନିବାର) | - ତ୍ରୟୋଦଶୀ / ଚତୁର୍ଦ୍ଦଶୀ - ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପୂଜା ସଂଧ୍ୟା ୭ ଘଟିକାରୁ ପ୍ରଭୁଙ୍କ ମହାସ୍ନାନ, ଚନ୍ଦନ, ଅଗୁରୁ, ଚୁଆତେଲ, ଗଙ୍ଗାଜଳ, କ୍ଷୀର ଆତୀର ବେଶ, ଫୁଲ, ଚନ୍ଦନ, ଅଳଙ୍କାର ନୂତନ ବସ୍ତ୍ର ପରିଧାନ ପରେ ହୋମ ଆଳତୀ ଓ କନ୍ଦାଭୋଗ ଅର୍ପଣ, ଅନ୍ନଭୋଗ ସହିତ ପିଠାପଣା ଆଦି ଭୋଗ ଲାଗି ପରେ କନ୍ଧ ସମାଜ ଦ୍ୱାରା ପାରମ୍ପରିକ ନୀତିରେ ମୁଖ୍ୟ ମନ୍ଦିର ଧ୍ୱଜା ବନ୍ଧନ ଓ ମହାଦୀପ ପ୍ରଜ୍ୱଳନ, ରାତି ୧୦ଟାରେ ମହାପ୍ରସାଦ ବିତରଣ ଓ ସଂଧ୍ୟା ୭ ଘଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ। |
| ତା. ୨୯.୦୪.୨୦୧୮ରିଖ (ରବିବାର) | - ଚତୁର୍ଦ୍ଦଶୀ - ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ। |
| ତା. ୩୦.୦୪.୨୦୧୮ରିଖ (ସୋମବାର) | - ପୂର୍ଣ୍ଣିମା-ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ। |



**ପୁରୁଷୋତ୍ତମ ପ୍ରଧାନ**
କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର, ପାଇକମାଳ, ବରଗଡ଼

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ଏପ୍ରିଲ - ୦୬ ମଇ, ୨୦୧୮


# ସ୍ୱପ୍ନ ଯେବେ ମରିଯାଏ

ଆଜିକାଲିର ସମୟରେ ମଣିଷ ସ୍ୱାଭିମାନ ସହ ବଞ୍ଚିବାକୁ ହେଲେ ଅନେକ ଝଡଝଞ୍ଜା ମଧ୍ୟ ଦେଇ ଗତି କରିବାକୁ ପଡିଥାଏ। ଏହାରି ମଧ୍ୟରେ ଐତିହ୍ୟ, ପରମ୍ପରା ଓ ନିଜର ବୁନିଆଦିକୁ ନେଇ ଯେଭଳି କର୍ତ୍ତବ୍ୟ କରିବାକୁ ପଡିଥାଏ ତାହା ଧାରାଚ୍ୟୁତ ହେଲେ ଜୀବନ ସୁମଧୁର ହେବା ପରିବର୍ତ୍ତେ ବିଷମୟ ହୋଇଯାଏ। ସାଂସାରିକ ମୋହମାୟାର ବିଷ ଫଳ ଏଭଳି ଯେ, ଏହାକୁ ଖାଇ କେହି ତତ୍କ୍ଷଣାତ ମୃତ୍ୟୁବରଣ କରେନାହିଁ। ବରଂ ଏହି ବିଷର ଜ୍ୱାଳାରେ ନିତିପ୍ରତି ଯନ୍ତ୍ରଣା ଅନୁଭବ କରେ ହେଲେ ପ୍ରକାଶ୍ୟରେ ଏହା କାହାରି ଆଗରେ ବଖାଣି ହୁଏନାହିଁ। କାରଣ ସାମାଜିକ କଟକଣା ଏବଂ ପରିବାରର ସମ୍ମାନ ଉପରେ ଆଞ୍ଚ ଆସିବାର ଯଥେଷ୍ଟ ଆଶଙ୍କା ରହିଥାଏ। କିନ୍ତୁ ଜୀବନରେ ଭଲ ମଣିଷ ହେବା ଓ ସମାଜରେ ପ୍ରତିଷ୍ଠା ଅର୍ଜନ କରିବାର ମୋହ ଊଣା ଅଧିକେ ସମସ୍ତଙ୍କ ମନରେ ରହିଥାଏ। ଧନୀ-ଗରିବ ତାରତମ୍ୟରେ ଏଭଳି ଭାବନା ମଣିଷ ମନକୁ ସର୍ବଦା ଆଗକୁ ବଢ଼ିବାର ପ୍ରେରଣା ଦେଉଥାଏ। ପୂର୍ବେ ଯେଉଁ ପରିବାର ଶିକ୍ଷା ଓ ଆଭିଜାତ୍ୟପୂର୍ଣ୍ଣ ଚଳଣି ନିକଟରୁ ଦୂରରେ ରହିଥିଲେ ସେହିସବୁ ପରିବାରରେ ସମ୍ପ୍ରତି ନିଜର ପିଲାମାନଙ୍କୁ ଅଧିକ ଶିକ୍ଷିତ କରାଇବା ଦିଗରେ ଆଗ୍ରହ ସୃଷ୍ଟି ହୋଇଛି। ଯାହାଫଳରେ ସମାଜରୁ ନିରକ୍ଷରତା ଏକପ୍ରକାର ହ୍ରାସ ପାଇଛି। ନିରକ୍ଷରତା ହ୍ରାସ ଦେଶ ତଥା ଜାତି ପାଇଁ ଏକ ଶୁଭ ଲକ୍ଷଣ ନିଶ୍ଚୟ। କାରଣ ପିଲାମାନେ ଶିକ୍ଷିତ ଓ ଉପାର୍ଜନକ୍ଷମ ହେବା ଦ୍ୱାରା ପରିବାରର ଆର୍ଥିକ ମେରୁଦଣ୍ଡ ସୁସ୍ଥ ସବଳ ହୋଇପାରେ। ତେଣୁ ସମାଜର ତଳ ସ୍ତରଠୁ ଉପର ସ୍ତର ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ପିଲାଙ୍କୁ ଶିକ୍ଷିତ ଓ ସ୍ୱାବଲମ୍ବୀ କରାଇବାକୁ ଅହରହ ଉଦ୍ୟମ ଜାରି ରଖିଛନ୍ତି। ଗାଁଠୁ ସହର ପର୍ଯ୍ୟନ୍ତ ଯିଏ ଯେଉଁ ପରିସ୍ଥିତିରେ ଥିଲେ ବି ଗୃହସ୍ଥଟିଏ ନିଜ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରାଣମୂର୍ଚ୍ଛା ପରିଶ୍ରମ କରି ଉପାର୍ଜନ କରିଥାଏ। ଯେଉଁ ଅର୍ଥରେ ପରିବାର ପ୍ରତିପୋଷଣ ସହ ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାର ସ୍ୱପ୍ନଟିଏ ଲୁଚି ରହିଥାଏ। ବାସ୍ତବରେ ଦେଖିଲେ ପରମ୍ପରା ଅନୁସାରେ ନିପଟ ମଫସଲରେ ରହୁଥିବା ଗୋଟିଏ ପରିବାରର କେହି ଜଣେ ଶିକ୍ଷିତ ହେବା ପରେ ସହରାଭିମୁଖୀ ହୋଇ କାମ ଧନ୍ଦା ଅନ୍ୱେଷଣରେ ଲାଗିପଡେ। ସେଥିରେ କାହା ଭାଗ୍ୟରେ ସରକାରୀ ଚାକିରୀ ତ ଆଉ କେହି କେହି ଘରୋଇ ଉଦ୍ୟୋଗ, ଶିଳ୍ପ ସଂସ୍ଥା ବା ଛୋଟବଡ ବ୍ୟବସାୟ ଦ୍ୱାରା ନିଜ ପରିବାର ପାଇଁ ରୋଜଗାର ଆରମ୍ଭ କରିଥାନ୍ତି। ଏଥିରେ ସେହି ପରିବାରରୁ ଧିରେ ଧିରେ ଦୁର୍ଦ୍ଦିନ ଲୋପ ପାଇ ସୁଦିନ ଆସିଥାଏ। ଆୟ ଅନୁସାରେ ବା ନିଜର ସମ୍ବଳକୁ ନେଇ କେହି ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟରେ ପଢ଼ାଉଥିଲା ବେଳେ ଆଉ କେହି ଅଧିକ କଷ୍ଟ ସ୍ୱୀକାର କରି ନିଜ ପିଲାଙ୍କୁ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢ଼ାଇଥାନ୍ତି। ଆବଶ୍ୟକ ସ୍ଥଳେ ଏଥିପାଇଁ ଋଣ କରିବାକୁ ପଡିଥାଏ। ଯେଉଁଥିରେ ନିଜ ପିଲାମାନେ ଉଚ୍ଚ ଶିକ୍ଷା ପାଇଥାନ୍ତି। ହେଲେ ସଭିଙ୍କ ମନ ଭିତରେ ଆଶାଥାଏ ଯେ,

**ସମ୍ବାଦକୀୟ**

**ତାରକ ମହାନ୍ତି**



ପିଲାମାନେ ଉଚ୍ଚ ଶିକ୍ଷିତ ହେବା ଫଳରେ ପରିବାରର ଆର୍ଥିକ ଅବସ୍ଥା ସୁଧୁରିଯିବ ଓ ଗୃହସ୍ଥଟି ପିଲାଙ୍କ ପାଇଁ ଆଣିଥିବା ଋଣ ଟଙ୍କା ମଧ୍ୟ ସୁଝି ହୋଇଯିବ। ଏଥିରେ ମାତାପିତାଙ୍କ ସ୍ୱପ୍ନ ସାକାର ହେବା ସହିତ ସମାଜରେ ପରିବାରର ମାନ ମର୍ଯ୍ୟାଦା ବଢ଼ିଯିବ। ନିଜକୁ ଅଭାବ ଅସୁବିଧାରେ ରଖି ପିଲାଙ୍କ ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରିଥିବା ମାଆବାପାଙ୍କ ଶେଷ ଜୀବନ ନିଶ୍ଚୟ ଶାନ୍ତିରେ କଟିଯିବ ବୋଲି ଭାବନାଟିଏ ମଧ୍ୟ ରହିଥାଏ। ଏଭଳି ସ୍ୱପ୍ନ ଦେଖିବା କାହାପକ୍ଷେ ଆଦୌ ଅସମ୍ଭବ ବା ଅସମିଚୀନ ନୁହେଁ। ମାତ୍ର ସବୁ ବାପାମାଆଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇନଥାଏ। ପିଲାଙ୍କ ସ୍ୱପ୍ନ ପାଇଁ ସର୍ବହରା ହୋଇଥିବା କିଛି ବାପାମାଆ ନିଜର ଅପୂରଣୀୟ ସ୍ୱପ୍ନକୁ ନେଇ ମାନସିକ ଅବସାଦ ଭିତରେ କାଳାତିପାତ କରିବା ସହିତ ଶେଷ ଜୀବନରେ ନାନାଦି କଷ୍ଟ ଯନ୍ତ୍ରଣା ଭୋଗ କରିଥାନ୍ତି। ଯାହାକି ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ। ପିଲାଙ୍କ ଆପରଗତାକୁ ନେଇ ଯେଉଁମାନେ ବଡ ବଡ ସ୍ୱପ୍ନ ଦେଖିଥାନ୍ତି ବାସ୍ତବରେ ସେ ଚିତ୍ର ଖଣ୍ଡବିଖଣ୍ଡିତ ହୋଇଯାଏ। ଏହାର କାରଣ ଖୋଜି ବସିଲେ ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ। ଏଥିରେ ଯେଉଁ ବାପାମାଆଙ୍କ ସନ୍ତାନମାନେ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ କର୍ମ ବିମୁଖତା ଯୋଗୁ ପରିବାର ଉପରେ ବୋଝ ପରି ଲଦି ହୁଅନ୍ତି ସେହି ପରିବାର ବିଷୟରେ ଚିନ୍ତା କଲେ ଦୁଃଖ ଲାଗିବା ସ୍ୱାଭାବିକ।

ଏହା କୌଣସି ନିର୍ଦ୍ଦିଷ୍ଟ ପରିବାର ବା ବ୍ୟକ୍ତିର କାହାଣୀ ନୁହେଁ। ବରଂ ଆମେ ଦେଖୁଥିବା, ଜାଣିଥିବା ଅନେକ ପରିବାର ମଧ୍ୟରେ ଏଭଳି କିଛି ସମସ୍ୟା ଦିନକୁ ଦିନ ଉଗ୍ରରୂପ ଧାରଣ କରିବାକୁ ଯାଉଛି। କେହି କେହି ଏହାକୁ ବାପାମାଆଙ୍କ ଦାୟିତ୍ୱହୀନତା ଓ ଅପାରଗତାକୁ ଦାୟୀ କରୁଥିଲା ବେଳେ ଆଉ କେହି ଏହାକୁ ସଂସ୍କାରହୀନ ବୋଲି କହିପାରନ୍ତି। ହେଲେ ବାସ୍ତବ ଘଟଣା କିନ୍ତୁ ସେଭଳି ନୁହେଁ ବୋଲି ଜଣାପଡେ। ନିଜର ପିଲାଙ୍କୁ ଉତ୍ତମ ଭୋଜନ, ଭଲ ସ୍କୁଲ, ଟ୍ୟୁସନ ଓ ବହିପତ୍ର ଦେଇଥିଲେ ମଧ୍ୟ ପିଲାମାନେ ଯେତେବେଳେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ନହୋଇ ବେପରୁଆ ଭାବେ ଜୀବନ ବଞ୍ଚିବାକୁ ଚାହାଁନ୍ତି ସେତେବେଳେ କେଉଁ ଉପାୟରେ ଏମାନଙ୍କୁ ରାସ୍ତାକୁ ଆଣିବାକୁ ହେବ ତାହାହିଁ ପ୍ରଶ୍ନବାଚୀ। କାରଣ ଆଜିକାଲିର ପିଲାମାନେ ନିଜ ଚିନ୍ତାଧାରା, ଜୀବନଶୈଳୀ ଏବଂ ଦେଖାଶୁଣା ସଭ୍ୟତା ପଛରେ ଧାଇଁବା ଦ୍ୱାରା ବିପର୍ଯ୍ୟୟ ଆରମ୍ଭ ହୋଇଥାଏ। ପ୍ରାରମ୍ଭରୁ ଏହା ଜଣାପଡିନଥିଲେ ମଧ୍ୟ ବୟସକ୍ରମେ ଏହା ପଦାକୁ ଆସେ। ସେତେବେଳେ ବାପାମାଆମାନେ ନିରୁପାୟ ହୋଇପଡନ୍ତି। ସମାଜ ଓ ଲୋକଲଜ୍ଜା ଭୟରେ କେହି ଏହାକୁ ପ୍ରକାଶ କରୁଥିଲେ ବି ଆଉ କେହି ଏହାକୁ ନିଜ ଭିତରେ ମାଡି ମକଚି ଅଶାନ୍ତିରେ ଦିନ ବିତାଇବାକୁ ବାଧ୍ୟ ହୁଅନ୍ତି। କେବଳ ଏତିକିରେ କଥା ସରିନଥାଏ। କିଛି ପିଲା ସାମାନ୍ୟ ରୋଜଗାର ନକରି ମଧ୍ୟ ପରିବାର ଉପରେ ନିଜର ସମସ୍ତ ଖର୍ଚ୍ଚକୁ ଅଯଥା ଲଦି ଦିଅନ୍ତି। ମିଛ ଆଭିଜାତ୍ୟ ଓ ଦେଖେଇହେବା ଗୁଣ ଯୋଗୁ କିଛି କିଛି ପିଲା ବାପାମାଆଙ୍କୁ ଅଧିକରୁ ଅଧିକ ଋଣ କରିବାକୁ ବାଧ୍ୟ କରି ନିଜର ବଦ ଖର୍ଚ୍ଚ ବଢ଼ାଇ ଚାଲନ୍ତି। ଫଳରେ ନିରୁପାୟ ବାପାମାଆମାନେ ନିଜ ଭାଗ୍ୟକୁ ନିନ୍ଦା କରିବା ସହିତ ଏହା ବିରୋଧରେ କିଛି ଠୋସ୍ ପଦକ୍ଷେପ ନେଇପାରନ୍ତି ନାହିଁ। ଯେଉଁଥିପାଇଁ ପିଲାମାନେ ଭାବନ୍ତି ଜୁଲୁମ କଲେ ଯଦି ମିଳିଯାଉଛି ତେବେ ପରିଶ୍ରମ କରିବା କାହିଁକି? ପିଲାମାନଙ୍କ ଏଭଳି ଚିନ୍ତାଧାରା ନିକଟରେ ବିବଶ ବାପାମାଆମାନେ ନିଜ ଜୀବନକୁ ତିଳତିଳ କରି ଜାଳିଦେବା ବ୍ୟତିରେକ ଅନ୍ୟ କିଛି ଉପାୟ ନଥାଏ। ବାଧ୍ୟ ହୋଇ ସହିଷ୍ଣୁ ଭାବ ପ୍ରଦର୍ଶନ କରିବା ସହିତ ସମାଜ ଆଖିରେ ନିଜକୁ ନିନ୍ଦିତ ନକରି ଘର ଭିତରେ ଅସହ୍ୟ ଯନ୍ତ୍ରଣାର କଷ୍ଟ ଭୋଗ କରନ୍ତି। କର୍ମ ଓ ଭାଗ୍ୟର ଦ୍ୱନ୍ଦ୍ୱ ଭିତରେ ଭବିଷ୍ୟତ ଜୀବନର ସବୁ ସ୍ୱପ୍ନ କେମିତି ଚୁଲି ଭିତରକୁ ଚାଲିଯାଇଥାଏ। ବଳକା ଜୀବନକୁ କିଭଳି ବିତାଇବାକୁ ପଡିବ ସେଇ ଚିନ୍ତାରେ ରହିଥିବା ବାପାମାଆଙ୍କ କରୁଣ ଚିତ୍ର ସମାଜକୁ ବ୍ୟଥିତ କରୁଥିଲେ ବି ଏଥିରୁ ନିସ୍ତାର ପାଇଁ କେହି ଆନ୍ତରିକତା ଦେଖାଇ ନଥାନ୍ତି। ତେଣୁ ଏକଲା ପଣକୁ ନେଇ ବଞ୍ଚିବାର ଜ୍ୱଳନ ଭିତରେ ସ୍ୱପ୍ନ ସବୁ ମରି ମରି ଯାଉଥାଏ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ସ୍କାଣ୍ଡିନେଭିଆରେ ଭାରତ



**ସୌମେନ୍ଦ୍ର ଜେନା**


ଚଳିତ ମାସର ତୃତୀୟ ସପ୍ତାହରେ ଏପ୍ରିଲ ୧୬-୧୭ ୨୦୧୮ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଉତ୍ତର ଇଉରୋପର ୫ଟି ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ସାକ୍ଷାତ କରିବା ସହ ସ୍କାଣ୍ଡିନେଭିଆଭାବେ ପରିଚିତଏହି ଅଞ୍ଚଳ ସହ ସଂପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ୱିଡେନର ରାଜଧାନୀ ଷ୍ଟକହୋମ ଗସ୍ତରେ ଯାଇଥିଲେ। ସ୍ୱିଡେନର ପ୍ରୟାସ କ୍ରମେ ସେଠାରେ ଅନୁଷ୍ଠିତ ଭାରତ-ନର୍ଡିକ ଶିଖର ସମ୍ମେଳନରେ ଯୋଗଦେବା ସହ ଭାରତ-ସ୍ୱିଡେନ ବୁଝାମଣା ନେଇ ଆଲୋଚନା କରିବା ମୋଦିଙ୍କ ମୁଖ୍ୟଲକ୍ଷ୍ୟ ଥିଲା। ସ୍କାଣ୍ଡିନେଭିଆ ଅଞ୍ଚଳ ରୂପେ ପରିଚିତ ଏହି ଦେଶଗୁଡିକ ନର୍ଡିକ ମଧ୍ୟରୁ ପାଞ୍ଚଗୋଟି ଦେଶ ସ୍ୱିଡେନ, ଡେନମାର୍କ, ନରୱେ, ଆଇସଲାଣ୍ଡ ଓ ଫିନଲାଣ୍ଡର ରାଷ୍ଟ୍ରମୁଖ୍ୟମାନେ ଏହି ଶିଖର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଡେନମାର୍କର ପ୍ରଧାନମନ୍ତ୍ରୀ ଲାର୍ସ ଲୋକେ ରାସମୁସେନ, ସ୍ୱିଡେନ ପ୍ରଧାନମନ୍ତ୍ରୀ ଷ୍ଟେଫାନ ଲୋଫଭେନ, ଫିନଲାଣ୍ଡ ରାଷ୍ଟ୍ରମୁଖ୍ୟ ଜୁହା ସିପିଲା, ଆଇସଲାଣ୍ଡ ରାଷ୍ଟ୍ରମୁଖ୍ୟ କାଟ୍ରିନ ଜାକୋବସ ଡୋଟ୍ଟିଏର,ନରୱେ ରାଷ୍ଟ୍ରମୁଖ୍ୟ ଏର୍ଣ୍ଣା ସୋଲବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅନେକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ବିଶ୍ୱର ଅନେକ ପ୍ରମୁଖ ଦେଶଗୁଡିକୁ ଗସ୍ତ କରିସାରିଥିବା ନରେନ୍ଦ୍ର ମୋଦି ଉତ୍ତର-ଇଉରୋପର ଏହିସବୁ ଛୋଟ ଦେଶଗୁଡିକୁ ଗସ୍ତ କରିବାର ଉଦ୍ଦେଶ୍ୟ କଣ ରହିଛି? ଉତ୍ତରରେ ଏହା କୁହାଯାଇପାରେ ଯେ ଭଲ ଦେଶ କହିଲେ ସାଧାରଣତଃ ଯାହା ବୁଝାଯାଇଥାଏ ସ୍କାଣ୍ଡିନେଭିଆର ଏହି ଦେଶଗୁଡିକ ହେଉଛନ୍ତି ତାହା। କାରଣ ଏହିସବୁ ଦେଶରେ ସାଧାରଣ ଲୋକଙ୍କ ହାରାହାରି ଆୟୁ ୮୦ବର୍ଷରୁ ଅଧିକ। ପୃଥିବୀର ଭଲ ପ୍ରଶାସନ ତାଲିକାରେ ଶୀର୍ଷସ୍ଥାନ ଏହି ପାଞ୍ଚଟି ଦେଶ ଭିନ୍ନ ଭିନ୍ନ ବିଷୟକୁ ନେଇ ଦଖଲ କରିବା ସହ ୯୫-୧୦୦ ପଏଣ୍ଟ ମଧ୍ୟରେ ରହିଥାନ୍ତି। ଗଣତନ୍ତ୍ର ଶାସନ କ୍ଷେତ୍ରରେ ଫିନଲାଣ୍ଡ, ନରୱେ ଏବଂ ସ୍ୱିଡେନ ୧୦୦ରୁ ୧୦୦ ଅଙ୍କ ଲାଭ କରିଛନ୍ତି। ପୃଥିବୀର ସବୁଠାରୁ କମ୍ ଦୁର୍ନୀତିଗ୍ରସ୍ତ ଦେଶଗୁଡିକ ମଧ୍ୟରେ ଏହି ଦେଶ ମଧ୍ୟରୁ ଚାରିଗୋଟି ଦେଶ ଶୀର୍ଷ ସ୍ଥାନରେ ରହିଛନ୍ତି। ଶିକ୍ଷା, ଉଦ୍‌ଭାବନ, ନଗଦମୁକ୍ତ ଅର୍ଥବ୍ୟବସ୍ଥା, ମୁକ୍ତବଜାର, ଉନ୍ନତ ଅର୍ଥନୀତି, ଆଧୁନିକ ଗବେଷଣା କ୍ଷେତ୍ରରେ ଏହିସବୁ ଦେଶଗୁଡିକ ଖ୍ୟାତି ଅର୍ଜନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଆଇସଲାଣ୍ଡ, ନରୱେ ଏବଂ ଡେନମାର୍କ ନାଟୋ ମେଣ୍ଟର ସଦସ୍ୟଭୁକ୍ତ ରାଷ୍ଟ୍ର ହୋଇଥିବା ସମୟରେ ସ୍ୱିଡେନ ଓ ଫିନଲାଣ୍ଡ କୌଣସି ସାମରିକ ମେଣ୍ଟରେ ଯୋଗ ନଦେଇ ସ୍ୱାଧୀନ ରହିଆସିଛନ୍ତି। ସ୍ୱିଡେନ, ଡେନମାର୍କ ଏବଂ ଫିନଲାଣ୍ଡ ଇଉରୋପୀୟ ସଂଘରେ ସଦସ୍ୟ ରହିଛନ୍ତି। ପୃଥିବୀର ଖୁସିଦେଶ ଭାବେ ପରିଚିତ ରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରଥମ ଚାରିଗୋଟି ସ୍ଥାନ ଫିନଲାଣ୍ଡ ନରୱେ, ଡେନମାର୍କ ଏବଂ ଆଇସଲାଣ୍ଡ ଦଖଲ କରିଥିବା ସମୟରେ ସ୍ୱିଡେନ ନବମ ସ୍ଥାନରେ ରହିଛି। ପରିବେଶ,ସ୍ୱାସ୍ଥ୍ୟ, ସ୍ୱଚ୍ଛତା, କ୍ଷେତ୍ରରେ ଏହି ନର୍ଡିକ ରାଷ୍ଟ୍ରଗୁଡିକର ଦକ୍ଷତା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା, ପ୍ରାକୃତିକ ଶକ୍ତିର ଉପଯୋଗ ଏସବୁ ଦେଶରେ ଅଧିକ ହୋଇଥାଏ। ଆଧୁନିକ ଅର୍ଥରେ ଜନକଲ୍ୟାଣକାରୀ ରାଷ୍ଟ୍ର କହିଲେ ଯାହା ବୁଝାଯାଇଥାଏ ନର୍ଡିକ ଦେଶଗୁଡିକ ତାର ଅସଲ ପ୍ରମାଣ। ଭାରତ ମଡେଲ ଭାବରେ ଏସବୁ ଦେଶଠାରୁ ଅନେକ ଜ୍ଞାନକୌଶଳ, ନୂତନ ଉଦ୍‌ଭାବନଜନିତ ବୈଷୟିକ ଜ୍ଞାନ ହାସଲ କରିବାର ସୁବିଧା ରହିଛି। ସର୍ବାଧିକ ହାରର ଟିକସଦାତା ଏହିସବୁ ଦେଶରେ ରହିଛନ୍ତି। ଟିକସଦାନକୁ ନର୍ଡିକ ଦେଶରେ ଅଧିକ ସମ୍ମାନ ଦିଆଯାଇଥାଏ। ଟିକସ ଆଦାୟ ଏବଂ ଉପଯୁକ୍ତ ବିନିଯୋଗ କ୍ଷେତ୍ରରେ ଏସବୁ ଦେଶର ଯୋଜନା ବେଶ ସ୍ପଷ୍ଟ। ତେଣୁ ଉଚ୍ଚମାନର ଟେକନୋଲୋଜି ସହ ରାଷ୍ଟ୍ରପରିଚାଳନା ଓ ଲୋକଙ୍କ ଖୁସି ପାଇଁ ଯାହା ପଦକ୍ଷେପ ନିଆଯାଇପାରେ ଭାରତ ଏହି ଦେଶଗୁଡିକଠାରୁ ଶିକ୍ଷା କରିପାରିବ।

ଅପରପକ୍ଷେ ଭାରତ ପାଇଁ ସ୍କାଣ୍ଡିନେଭିଆର ଏହିସବୁ ଛୋଟ ଦେଶ ଯେପରି ମୂଲ୍ୟବାନ ସେମିତି ଏମାନଙ୍କ ପାଇଁ ଭାରତର କ୍ରମବର୍ଦ୍ଧିଷ୍ଣୁ ବଜାର, ସମୃଦ୍ଧ ଅର୍ଥନୀତି, ଲୋଭନୀୟ ବିକାଶହାର ଏବେ ଆକର୍ଷଣର କେନ୍ଦ୍ର। ବ୍ରେକଜିଟ୍ ପରେ ଇଉରୋପ ଦେଶଗୁଡିକ ମଧ୍ୟରେ ଆର୍ଥିକ ସ୍ଥିରତା ରକ୍ଷା ବଡ ସମସ୍ୟା ହୋଇଛି। ମଧ୍ୟ ପ୍ରାଚ୍ୟ ଏସିଆର ଅସ୍ଥିରତା ଯୋଗୁ ଲକ୍ଷଲକ୍ଷ ସଂଖ୍ୟକ ଶରଣାର୍ଥୀ ଏସବୁ ଦେଶରେ ପ୍ରବେଶ କରିବା ପରେ ପରିଦୃଶ୍ୟ ବଦଳିବାରେ ଲାଗିଛି। ଶରଣାର୍ଥୀମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା, ଅଳ୍ପଶିକ୍ଷା, ବେରୋଜଗାର, ପୁଷ୍ଟିହୀନତା, ସ୍ୱାସ୍ଥ୍ୟ ସଚେତନତାର ଅଭାବପରି ସମସ୍ୟାଗୁଡିକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଏଥିପାଇଁ ୨୦୧୫-୨୦୧୬ରେ ଡେନମାର୍କ-ସ୍ୱିଡେନ ମଧ୍ୟରେ ଥିବା ଯୋଗାଯୋଗ ସଡକଗୁଡିକୁ ବନ୍ଦ ରଖାଯିବା ସହ ସୀମାକୁ ସିଲ କରି ଦିଆଯାଇଥିଲା। ଷ୍ଟକହୋମର ସହରତଳ ଅଞ୍ଚଳରେ ଶରଣାର୍ଥୀମାନଙ୍କ ଯୋଗୁ ଦଙ୍ଗାଗୋଳ ବିଗତମାନଙ୍କରେ ବଢିବାରେ ଲାଗିଛି। ତେଣୁ ସ୍ୱିଡେନର ଶରଣାର୍ଥୀ ବିରୋଧୀ ରାଜନୀତିକ ଦଳ ମୁଣ୍ଡ ଟେକିଛନ୍ତି। ଅପରପକ୍ଷେ ନରୱେ ଏବଂ ସ୍ୱିଡେନ ହାତରେ ମୋଟା ପରିମାଣର ପେନସନ୍ ଫଣ୍ଡ ରହିଥିବା ଦୃଷ୍ଟିରୁ ସେମାନେ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ରାଷ୍ଟ୍ର ଖୋଜିବାରେ ବ୍ୟସ୍ତ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଅସ୍ପଷ୍ଟ ମନୋଭାବ, ଇଉରୋପରେ ଧିମା ବିକାଶହାର ସମସ୍ୟା ହୋଇ ଥିଲାବେଳେ ସେମାନଙ୍କ ପାଇଁ ଏସିଆର ଚୀନ ଓ ଭାରତ ଦୁଇଟି ଆକର୍ଷଣୀୟ ବଜାର ଭାବେ ଉଭା ହୋଇଛନ୍ତି। ଗୋଟିଏ ପଟେ କମ୍ୟୁନିଷ୍ଟ ଶାସିତ ଏକଛତ୍ର ଶାସନ ମୁଖ୍ୟଥିବା ଚୀନର ସାମ୍ରାଜ୍ୟବାଦୀ ଭୂ-ରାଜନୀତି ସହ କଠୋର ନୀତି ଯୋଗୁ ଏହିସବୁ ଦେଶ ସେଠାରେ ଅଧିକ ପୁଞ୍ଜି ବିନିଯୋଗ ଜାରି ରଖିବାକୁ ବିପଦ ବୋଲି ମନେ କରୁଛନ୍ତି। ଏହି ପରିସ୍ଥିତିରେ ବୃହତ ଗଣତନ୍ତ୍ର, ସୁଦୃଢ଼ ନ୍ୟାୟପାଳିକା, ସଂସ୍କାରବାଦୀ ଅର୍ଥନୀତି, ବର୍ତ୍ତମାନର ସରକାରଙ୍କ ଅନେକ ଜନକଲ୍ୟାଣକାରୀ ସଫଳ ଯୋଜନାଗୁଡିକ ନର୍ଡିକ ଦେଶଗୁଡିକୁ ଆକର୍ଷିତ କରିବାକୁ ସକ୍ଷମ ହୋଇଛି। ଏବର ରାଜନୀତିକ ସ୍ଥିରତା, କେନ୍ଦ୍ରରେ ସୁଦୃଢ଼ ସରକାର ମୋଦିଙ୍କ ଦୃଢ ନେତୃତ୍ୱ ଓ ଜଗତ କଲ୍ୟାଣକାରୀ ଦୃଷ୍ଟିକୋଣକୁ ଏସବୁଦେଶ ଅଧିକ ପସନ୍ଦ କରୁଛନ୍ତି। ଅନେକ ପ୍ରକାରର ଯୋଜନାରେ ସାମିଲ ହୋଇ ସେମାନେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ରହିଛନ୍ତି। ସ୍ୱିଡେନ ୨୦୧୫ରୁ ମେକଇନ୍ ଇଣ୍ଡିଆରେ ପୁଞ୍ଜିନିବେଶ କରିଆସୁଛି। ଅନ୍ୟମାନଙ୍କୁ ଭିନ୍ନ ଭିନ୍ନ ଯୋଜନାରେ ସାମିଲ କରିବାକୁ ସେ ଆଗ୍ରହୀ ରହିଛି। ଷ୍ଟକହୋମଠାରେ ଏନେଇ ଭାରତ-ନର୍ଡିକ ଦେଶଗୁଡିକ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଆଗାମୀ ଦିନରେ ଭାରତର ଭିନ୍ନ ଭିନ୍ନ ଯୋଜନାରେ ଏମାନେ ସାମିଲ ହେଲେ ଏମାନଙ୍କର ଲାଭ ନିଶ୍ଚିତ ହେବ। କାରଣ ପୃଥିବୀର ସମସ୍ତ ଆର୍ଥିକ ଏବଂ ବାଣିଜ୍ୟିକ ସଂସ୍ଥା ଆଗାମୀ ଦିନରେ ଭାରତର ଅର୍ଥନୀତି ଅଧିକ ସୁଦୃଢ଼ ଏବଂ ବିକାଶ ହାର ବୃଦ୍ଧିପାଇବାର ସମ୍ଭାବନା ନେଇ ଯେଉଁ ଭବିଷ୍ୟବାଣୀ କରିଆସିଛନ୍ତି ତାହା ନର୍ଡିକ ଦେଶ ସମୂହକୁ ଭରସା ଦେଇପାରିଛି। ଏପ୍ରକାର ଆଲୋଚନା ପୂର୍ବରୁ ଆମେରିକା ସହ ଏହି ଦେଶମାନେ ଏପରି ବୈଠକ କରିସାରିଛନ୍ତି। ସ୍ୱିଡେନର ରାଜଧାନୀ ଷ୍ଟକହୋମ୍ ଗସ୍ତବେଳେ ଅନ୍ୟ ଏକ ପ୍ରମୁଖ ବିଷୟ ଥିଲା ଭାରତ-ସ୍ୱିଡେନ ବୁଝାମଣା। କାରଣ ୧୯୮୮ ପରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କ ଏହି ଗସ୍ତ ପ୍ରାୟ ୩୦ବର୍ଷର ଅନ୍ତରାଳରେ ହୋଇଥିଲା। ତେଣୁ ସ୍ୱିଡେନର ପ୍ରଧାନମନ୍ତ୍ରୀ ପ୍ରୋଟୋକଲ ଭାଙ୍ଗି ନିଜେ ମୋଦିଙ୍କୁ ସ୍ୱାଗତ କରିଥିଲେ। ମୋଦି ସ୍ୱିଡେନର ରାଜପରିବାର ଲୋକଙ୍କୁ ସାକ୍ଷାତ କରିବା ସହ ଷ୍ଟକହୋମ ବିଶ୍ୱବିଦ୍ୟାଳୟଠାରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରତିରକ୍ଷା ଗୋଷ୍ଠୀଗୁଡିକରେ ଭାରତର ପ୍ରବେଶକୁ ସ୍ୱିଡେନ ସରକାର ସମର୍ଥନ ଦେବା ସହ ଏନଏସଜି ଗୋଷ୍ଠୀ ଏବଂ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟତା ପାଇଁ ଭାରତକୁ ସମର୍ଥନ ଦେବା ବେଶ ଉଲ୍ଲେଖନୀୟ। ପ୍ୟାରିସ ଚୁକ୍ତିର ଭବିଷ୍ୟତ, ବିଶ୍ୱରେ ଶାନ୍ତିସ୍ଥାପନା, ବିଶ୍ୱ ବାଣିଜ୍ୟରେ ସହଯୋଗ, ଆତଙ୍କବାଦର ମୁକାବିଲା, ଆତଙ୍କବାଦୀଙ୍କୁ ଅର୍ଥଯୋଗାଣ ବନ୍ଦ କରାଯିବା, ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ସ୍ୱିଡେନର ଯୁଦ୍ଧ ବିମାନ ନିର୍ମାତା ସାବ୍ ଭାରତର ବାୟୁସେନା ପାଇଁ ଗ୍ରିପେନ-ଇମଡେଲ ଯୋଗାଇବାକୁ ମେକ ଇନ୍ ଇଣ୍ଡିଆରେ ସାମିଲ ହୋଇଛି। ଆଗାମୀ ଦିନରେ ୭୨୦୦ କୋଟି ଟଙ୍କା (୧.୧ ମିଲିଅନ ଡଲାର) ସ୍ୱିଡେନର କମ୍ପାନୀ ଭଲଭୋ, ଆଇକିଆ ଓ ଏଷ୍ଟ୍ରା ଜେନେକା ନିବେଶ କରିବାକୁ ପ୍ରତିଶ୍ରୁତି ମିଳିଥିଲା। ଗତ ତିନିବର୍ଷ ମଧ୍ୟରେ ୧.୫ ବିଲିଅନ ଡଲାର ଅର୍ଥ ସ୍ୱିଡେନ କମ୍ପାନୀମାନେ ଭାରତରେ ନିବେଶ କରିସାରିଛନ୍ତି। ଗାଡି ନିର୍ମାତା ଭଲଭୋ ଗ୍ରୁପ୍ ୨୫୦ ମିଲିଅନ ଡଲାର ଆଗାମୀ ତିନିବର୍ଷରେ ଭାରତରେ ନିବେଶ କରିବ। ସେହିପରି ଔଷଧ ନିର୍ମାତା ଆଷ୍ଟ୍ରା ଜେନେକା ଆଗାମୀ ପାଞ୍ଚ ବର୍ଷରେ ୯୦ ମିଲିଅନ ଡଲାର ନିବେଶ କରିବାକୁ ସ୍ଥିର କରିଛି। ସ୍ୱିଡେନର ୨୦ଜଣ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ମୁହାଁମୁହିଁ ବୈଠକରେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ଜଣ ଭାରତରେ ସେମାନଙ୍କ ବାଣିଜ୍ୟିକ ଯୋଜନା ସଂପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବୁଝାଇଥିଲେ। ଭଲଭୋ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଚାର୍ଲସ ଫ୍ରମ୍ପ ଭାରତରେ ଇଲେକ୍ଟ୍ରିକଯାନ ନିର୍ମାଣ ନେଇ ପ୍ରକାଶ କରିଥିଲେ। ଭାରତରେ ଭଲଭୋ ପକ୍ଷରୁ ଇଲେକଟ୍ରିକ ଏବଂ ହାଇବ୍ରିଡ ବସ୍ ଚଲୁଥିଲାବେଳେ ୨୦୧୯ରୁ ଇଲେକ୍ଟ୍ରିକ୍ ଏବଂ ହାଇବ୍ରିଡ କାର ବଜାରକୁ ପ୍ରବେଶ କରିବ ବୋଲି ସେ ପ୍ରକାଶ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୫୭ରୁ ଭାରତ - ସ୍ୱିଡେନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ରହିଆସିଛି। ନିକଟରେ ଫେବୃଆରୀ ୨୦୧୬ରେ ସ୍ୱିଡେନର ପ୍ରଧାନମନ୍ତ୍ରୀ ଭାରତ ଗସ୍ତରେ ଆସି ଶିକ୍ଷା ବିଜ୍ଞାନ, ଗବେଷଣା, ପରିବେଶ ସ୍ୱାସ୍ଥ୍ୟ, ମହାକାଶ କ୍ଷେତ୍ରରେ ଭାରତ ସହ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଗ୍ରିପେନ ଯୁଦ୍ଧବିମାନ ନିର୍ମାଣ ସହ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ ଭାରତରେ ଉତ୍ପାଦନ ପାଇଁ ସ୍ୱିଡେନର ଆଗ୍ରହ ବିଷୟରେ କହିଥିଲେ। ଏବେ ଭାରତର ସରକାର ରୁଷିଆ ଉପରୁ ଅଧିକ ବୋଝ ବା ନିର୍ଭରଶୀଳତା ହ୍ରାସ କରିବାକୁ ପୃଥିବୀର ସମସ୍ତ ଭଲ ଭଲ ପ୍ରତିରକ୍ଷା ଉତ୍ପାଦନକାରୀ କମ୍ପାନୀଗୁଡିକୁ ଭାରତରେ ଉତ୍ପାଦନର ସୁଯୋଗ ଦେବାପାଇଁ ଚାହୁଁଛନ୍ତି। ତୋପ ନିର୍ମାଣ କ୍ଷେତ୍ରରେ ବୋଫର୍ସ କମ୍ପାନୀ ସ୍ୱିଡେନରେ ଆଗୁଆ ରହିଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ୩୦ବର୍ଷ ଆଗରୁ ଏହି କମ୍ପାନୀର ତୋପ ବ୍ୟବହୃତ ହୋଇଆସୁଛି। ସେହିପରି ଏରିକସନ୍, ଏସକେଏଫ, ଏବିବି, ଅଲଟାସ୍ କୋପକୋ, ସାଣ୍ଡଭିକ୍, ଆଲଫା, ଲାଭାଲ, ଇଲେକଟ୍ରୋଲକ୍ସ, ରେସିଫାର୍ମ, କ୍ୱିନ ହୋଟେଲ ସ୍ୱିଡେନ, ସ୍କାନିଆ ପରଷ୍ପର ପରି ସ୍ୱିଡେନ କମ୍ପାନୀଗୁଡିକ ଭାରତରେ କାର୍ଯ୍ୟରତ ରହିଛନ୍ତି। ସେମିତି ଭାରତର ଅନେକ କମ୍ପାନୀ ଯେମିତି ଆଦିତ୍ୟ ବିର୍ଲା ଗ୍ରୁପ, ଓ୍ୱିପ୍ରୋ, ଭାରତ ଫୋର୍ଜ ସମେତ ଅନେକ ଔଷଧ କମ୍ପାନୀ ସ୍ୱିଡେନରେ ବ୍ୟବସାୟ କରୁଛନ୍ତି। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ଓ ସାଂସ୍କୃତିକ ସଂପର୍କ ବେଶ୍ ସୁଦୃଢ଼ ରହିଛି। ସ୍ୱିଡେନରେ ୨୧,୮୦୦ ଭାରତୀୟ ଲୋକେ କାର୍ଯ୍ୟରତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୩,୧୦୦ ଭାରତୀୟ ପାସପୋର୍ଟଧାରୀ ଥିଲା ବେଳେ ୯୩୪୭ ଭାରତୀୟ ମୂଳର ଲୋକ ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ କୁଶଳୀ ଓ ଦକ୍ଷଲୋକେ ରହିଛନ୍ତି। ମଇ ୨୦୧୭ ମଧ୍ୟରେ ୧୬,୪୭୧ ଭାରତୀୟଙ୍କୁ ସ୍ୱିଡେନ୍‌ରେ କାର୍ଯ୍ୟ ଅନୁମତି ମିଳିଥିଲା। ସଂପ୍ରତି ଭାରତ-ସ୍ୱିଡେନ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ହେବା ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା ସ୍ୱିଡେନରେ ବଢିବାରେ ଲାଗିଛି। ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ସହଯୋଗ ବୃଦ୍ଧିପାଇବାର ସମ୍ଭାବନା ରହିଛି।


*ଭାସ୍, ଭୁବନେଶ୍ୱର-୩*
*ମୋ-୯୮୫୩୩୩୫୦୭୮*


# ସୂକ୍ଷ୍ମର ଶକ୍ତି

**ଡ. ସତ୍ୟନାରାୟଣ ମିଶ୍ର**



ଆମେ ସାଧାରଣ ଜୀବନରେ ଶରୀରର ସାମର୍ଥ୍ୟ ଓ ଶକ୍ତିକୁ ଯେତେ ସୀମିତ ବୋଲି ଭାଗୁ, ପ୍ରକୃତ ପକ୍ଷେ ଦେଖିବାକୁ ଗଲେ, ଏହାର ସାମର୍ଥ୍ୟ ଅନେକ ଅନେକ ଗୁଣ। ରବର୍ଟ ଓଭେନ୍‌ଙ୍କ ପୁସ୍ତକ 'ଫୁଟଫଲସ୍ ଅନ ଦି ବାଉଣ୍ଡରୀ ଅଫ ଆନାଦର ଓ୍ୱାର୍ଲର୍ଡ'ରେ ସ୍ଥାନିତ ଏକ ବୃତ୍ତାନ୍ତକୁ ଅବତାରଣା କଲେ ଏହା ସ୍ପଷ୍ଟ ହେବ। ଲିଭରପୁଲରୁ ବାହାରି ଠିକ୍ ପଶ୍ଚିମ ଦିଗରେ ଅବସ୍ଥିତ କାନାଡାର ନୋଭାସ୍କୋଟିୟା ଅଞ୍ଚଳ ଆଡକୁ ମହାସାଗର ପଥରେ ବଢ଼ି ଚାଲିଥିଲା ବ୍ରିଟିଶ୍ ଜାହାଜ 'ରକ୍'। କିଛି ସପ୍ତାହ ଅନ୍ତେ, ଜାହାଜର ଜନୈକ କର୍ମଚାରୀ ରବର୍ଟ ବ୍ରୁସ ଜାହାଜରେ କ୍ୟାବିନ୍‌ରେ ଜଣେ ଅଜଣା ଲୋକଙ୍କୁ ଦେଖିବାକୁ ପାଇଲା। ଅଜଣା ଲୋକଟି କ୍ୟାବିନ୍‌ର ଏକ କଳାପଟାରେ କିଛି ଲେଖୁଥିବାର ଦେଖାଯାଉଥିଲା। କର୍ମଚାରୀ ଜଣକ ଜାହାଜର କ୍ୟାପ୍‌ଟେନ୍‌କୁ ଏ ଖବର ଦେଲା। କାପ୍‌ଟେନ୍‌ଙ୍କର ବ୍ରୁସର କଥାରେ ବିଶ୍ୱାସ ହେଲାନାହିଁ। ତଥାପି ସେ କ୍ୟାବିନ୍‌କୁ ଯାଇ କଳାପଟା ଉପରେ ନଜର ପକାଇଲେ। ସତରେ କିଛି ଲେଖା ହୋଇଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଲେ। ସେଥିରେ ସ୍ପଷ୍ଟ ଭାବରେ ଲେଖାଯାଇଥିଲା - 'ଉତ୍ତର-ପଶ୍ଚିମ ଦିଗ ଆଡକୁ ଅଗ୍ରସର ହୁଅ'। କ୍ୟାପ୍‌ଟେନ୍ କ୍ୟାବିନ୍‌କୁ ତନ୍ନ ତନ୍ନ କରି ଖୋଜିଲେ ମାତ୍ର ସେଠାରେ କାହାକୁ ପାଇଲେ ନାହିଁ। କ୍ୟାବିନ୍‌କୁ ନିଶ୍ଚିତ ଭାବରେ କିଏ ଆସିଥିବା ଭଳି ଲାଗୁଥିଲା। କଳାପଟାର ଲେଖା ମିଳାଇବା ପାଇଁ ସେ ଜଣ ଜଣ କରି ସମସ୍ତ ସହଯୋଗୀମାନଙ୍କୁ ପଚାରିଲେ, ମାତ୍ର କେହି କ୍ୟାବିନ୍‌କୁ ଯାଇଥିବାର ଏବଂ କଳାପଟାରେ ଲେଖିଥିବାର ସ୍ୱୀକାର କଲେନାହିଁ। ହସ୍ତାକ୍ଷର ଯାଞ୍ଚ ପରେ ମଧ୍ୟ କଳାପଟାର ଅକ୍ଷର କାହାସହିତ ମେଳ ଖାଇଲା ନାହିଁ। ତଥାପି କଳାପଟା ଲେଖାର ନିର୍ଦ୍ଦେଶମାନି ସେ ଉତ୍ତର-ପଶ୍ଚିମ ଦିଗରେ ଜାହାଜର ଗତି ବଦଳାଇଲା। ବହୁତ ଦୂର ଯିବା ପରେ ସାମନାରେ ଥିବା ବରଫ ଭିତରେ ଗୋଟିଏ ଜାହାଜ ଫସିଥିବାର ନଜରରେ ପଡିଲା। ଏହି ଜାହାଜର କର୍ମଚାରୀମାନଙ୍କ ସହଯୋଗରେ ଫସି ଯାଇଥିବା ଜାହାଜର ସବୁ ଯାତ୍ରୀଙ୍କୁ ଉଦ୍ଧାର କରାଗଲା। ସେହି ଉଦ୍ଧାର ପାଇଥିବା ଯାତ୍ରୀମାନେ ରକ୍ଷାକାରୀ ଜାହାଜର ସବାର ହେଉଥିବା ବେଳେ ହଠାତ୍ ପୂର୍ବୋକ୍ତ କର୍ମଚାରୀ ରବର୍ଟ ବ୍ରୁସଙ୍କର ଏକ ବ୍ୟକ୍ତି ଉପରେ ନଜର ଅଟକିଗଲା। ସେ ଆଶ୍ଚର୍ଯ୍ୟ ହୋଇଗଲେ ଯେ, ସେ ବ୍ୟକ୍ତି ଆଉ କେହି ନଥିଲେ, ମାତ୍ର କଳାପଟାରେ ନିର୍ଦ୍ଦେଶ ଲେଖିଥିବା ବ୍ୟକ୍ତି। ବ୍ରୁସ୍ ସଙ୍ଗେ ସଙ୍ଗେ ଯାଇ କ୍ୟାପ୍‌ଟେନ୍‌ଙ୍କୁ ଖବର ଦେଲେ। କ୍ୟାପ୍‌ଟେନ୍ ବ୍ୟକ୍ତିଟିକୁ ନିଜ କକ୍ଷକୁ ଡକାଇ, କଳାପଟା ଉପରେ ପୂର୍ବୋକ୍ତ ବାକ୍ୟ ଲେଖିବାକୁ କହିଲେ। ସେହି ବ୍ୟକ୍ତିଙ୍କୁ ଦୁଇଟିଯାକ ଲେଖାର ଅକ୍ଷର ଅବିକଳ ମିଶିଯାଉଥିଲା। ସେହି ବ୍ୟକ୍ତିଙ୍କୁ କଳାପଟାରେ କିଏ ଆସି ଲେଖିଥିଲା ବୋଲି ଯେତେ ପଚାରିଲେ ମଧ୍ୟ ସେ ଏ ବିଚିତ୍ର ଘଟଣା ଉପରେ କିଛି ବି କହିପାରି ନଥିଲେ। ସେ କେବଳ ଏତିକି କହିଲା, ଜାହାଜ ଫସିଯାଇଥିବାରୁ ସେ ଅତ୍ୟନ୍ତ ଚିନ୍ତାତୁର ଅବସ୍ଥାରେ ଶୋଇଯାଇଥିଲା ଏବଂ ବ୍ରୁସ୍ କହିବାର ସମୟ, ଯେତେବେଳେ କଳାପଟାରେ କିଛି ଲେଖାଯାଉଥିଲା, ସେ ସମୟରେ ପ୍ରାୟ ସେ ଶୋଇଥିବାର ପ୍ରମାଣ ମିଳିଲା। ନିଦରୁ ଉଠିବା ପରେ ସେ ସାଥିମାନଙ୍କୁ ପୁରା ବିଶ୍ୱାସର ସହିତ ନିଶ୍ଚିନ୍ତ ରହିବା ପାଇଁ କହିଥିଲା ଓ କହିଥିଲା ଚିନ୍ତା କରନାହିଁ, ଆମେ ସମସ୍ତେ ସୁରକ୍ଷିତ ଭାବରେ ବଞ୍ଚିଯିବା।

ଏହି ବୃତ୍ତାନ୍ତରୁ ଅନୁମିତ ହୁଏ, ସ୍ଥୂଳଠାରୁ ସୂକ୍ଷ୍ମର ସାମର୍ଥ୍ୟ ଅଧିକ ଏବଂ ପ୍ରୟାସ କରି ହାଡ-ମାଂସର ଶରୀରରୁ ଯଦି ସୂକ୍ଷ୍ମସତ୍ତାକୁ ଅଲଗା କରାଯାଇପାରେ, ତେବେ ଅନେକ ଚମତ୍କାରୀ କାର୍ଯ୍ୟ ସାଧନ କରିହେବ। ମାତ୍ର ଏହି ପ୍ରୟାସ ଏକ ତୀବ୍ର ଶୋଧନ ପ୍ରକ୍ରିୟା ଅଟେ। ଏଥିରେ ସଫଳ ବ୍ୟକ୍ତି ହିଁ ମହାପୁରୁଷ ହୋଇଥାଏ।

*(ସହାୟକ : ପତ୍ରିକା- ଅଖଣ୍ଡଜ୍ୟୋତି, ଏପ୍ରିଲ୍ ୨୦୧୮)*


*ସି-୮୬, ଲିଙ୍ଗରାଜ ବିହାର*
*ପୋଖରୀପୁଟ, ଭୁବନେଶ୍ୱର-୨୦*
*ମୋ-୯୯୩୮୧୬୭୩୩୧*


# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

ଭାଗ-୨

ସେହି କାଳଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ॥

ଯୁବରାଜ ଗୋବିନ୍ଦଚନ୍ଦ୍ରଙ୍କ ଧାର୍ମିକ ଚରିତ୍ରରେ ଭଗବାନଙ୍କର ନିରାକାର ଓ ସାକାର ରୂପର ଅଦ୍ୱୈତ ଦର୍ଶନ ମିଳେ। ଶ୍ରୀମଦ୍ ଭଗବଦ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଶିଷ୍ୟ ଅର୍ଜୁନଙ୍କୁ ବିଭିନ୍ନ ରୂପରେ ଦର୍ଶନ ଦେଇଛନ୍ତି। ସେହିପରି ଗୋବିନ୍ଦଚନ୍ଦ୍ର ଶ୍ରୀଗୁରୁଙ୍କ ଭିତରେ ଭଗବାନଙ୍କର ସବୁ ରୂପକୁ ଦର୍ଶନ କରି ଆତ୍ମହରା ହୋଇ ପଡ଼ିଛନ୍ତି! ଯେପରି ଗୀତାର ସବୁ ଅଧ୍ୟାୟରେ ଗୁରୁଙ୍କର ଉପସ୍ଥିତି ଅନୁଭବ ହୁଏ,ସେହିପରି ଗୋବିନ୍ଦଚନ୍ଦ୍ର ସାଧନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁଙ୍କର ସାହଚର୍ଯ୍ୟ ପାଇ କୃତାର୍ଥ ହୋଇଛନ୍ତି। କେଉଁ କାଳରେ, କେତେବେଳେ, କେଉଁ ସ୍ଥିତିରେ କ'ଣ କଲେ ଉପଯୁକ୍ତ ସମୟରେ ଭଗବତ ଦର୍ଶନ ମିଳିବ, ତାହାର ସୂତ୍ରଧର ହେଉଛନ୍ତି ଗୁରୁ। ଦ୍ୱାପରରେ ଅର୍ଜୁନ ଥିଲେ ଯୁବରାଜ। କଳିଯୁଗର ପ୍ରଥମ ପର୍ଯ୍ୟାୟରେ ଗୋବିନ୍ଦଚନ୍ଦ୍ର ମଧ୍ୟ ଥିଲେ ଯୁବରାଜ। ଜଣେ ଭଗବାନଙ୍କ ଭିତରେ ଗୁରୁଙ୍କୁ ଦର୍ଶନ କରିଛନ୍ତି, ଆଉ ଜଣେ ଗୁରୁଙ୍କ ଭିତରେ ଭଗବାନଙ୍କୁ ଦର୍ଶନ କରି ସିଦ୍ଧିପ୍ରାପ୍ତ ହୋଇଛନ୍ତି! ଉଭୟେ ସ୍ୱୀୟ ସାଧନା ବଳରେ ଏକ ନୂତନ ଅଧ୍ୟାତ୍ମିକ ସମାଜ ଗଠନରେ ଉଦାହରଣ ହୋଇ ଯାଇଛନ୍ତି। ତତ୍କାଳୀନ ଜନରବରେ ଉଭୟେ ନିମିତ୍ତ ଅବସ୍ଥାରୁ ସହସା ଭଗବାନଙ୍କୁ ପ୍ରାପ୍ତ ହୋଇଛନ୍ତି!

ଟୀକା ଗୋବିନ୍ଦଚନ୍ଦ୍ରରେ ତିନୋଟି ମୁଖ୍ୟ ଚରିତ୍ର- ମାତା, ଗୁରୁ ଓ ଶିଷ୍ୟ। ପ୍ରଥମ ଚରିତ୍ର ମାତା ମୁକ୍ତା ଦେଈ, ବଙ୍ଗଦେଶର ବିଧବା ରାଣୀ ଥିଲେ। ଦ୍ୱିତୀୟ ଚରିତ୍ର ଶ୍ରୀଗୁରୁ ହାଡ଼ିପା, ପୂର୍ବ ଜନ୍ମରେ ଜଣେ ଋଷିପୁତ୍ର ଥିଲେ। ବ୍ରହ୍ମାଙ୍କ ଅଭିଶାପରେ ସେ ଚଣ୍ଡାଳ ଘରେ ଜନ୍ମ ନେଇଥିଲେ। ତୃତୀୟ ଚରିତ୍ର ଯୁବରାଜ ଗୋବିନ୍ଦଚନ୍ଦ୍ର। ଏହି ତିନି ଚରିତ୍ରଙ୍କ ମଧ୍ୟରେ ସାଧନାର ଯେଉଁ ଗୁପ୍ତ ବୁଝାମଣା ହୋଇଥିଲା ତାହା ତତ୍କାଳୀନ ଆତ୍ମୀୟସ୍ୱଜନ ଓ ସର୍ବ ସାଧାରଣଙ୍କୁ ଅଗୋଚର ଥିଲା। ଭୋଗ ବିଳାସରେ ବୁଡ଼ି ରହିଥିବା ଯୁବରାଜଙ୍କର ଯୋଗୀ ହେବା ପଛରେ ଯେଉଁ ମାତାଙ୍କ ପ୍ରେରଣା, ଭଗବାନଙ୍କର ଅହେତୁକ ଅନୁକମ୍ପା ଥିଲା, ତାହା କେବଳ ଏହି ତିନି ଚରିତ୍ର ଜାଣିଥିଲେ। ପ୍ରଥମ ଚରିତ୍ର ରାଣୀ ମୁକ୍ତାଦେଈ ଜଣେ ତପସ୍ୱିନୀ ଥିଲେ। ତାଙ୍କ ଗୁରୁ ଥିଲେ ଗୋରେଖ ଗୋସାଇଁ। ଗୁରୁଙ୍କ ନିର୍ଦ୍ଦେଶରେ ମୁକ୍ତା ଦେଈ ଘୋର ତପସ୍ୟା କରି ସିଦ୍ଧି ପ୍ରାପ୍ତ ହୋଇଥିଲେ ଓ ତିନିପୁରକୁ ସ୍ୱଦେହରେ ଗମନ କରି ପାରୁଥିଲେ! ସତୀ ସ୍ୱାଧୀ ମୁକ୍ତା ଦେଈ ପବିତ୍ର ଚିତ୍ତରେ ରହି ମହାଦେବଙ୍କୁ ଉପାସନା କରୁଥିଲେ। ପତିଙ୍କୁ ଅପୁତ୍ରିକ ଦୋଷରୁ ମୁକ୍ତ କରିବା ପାଇଁ ତପସ୍ୟାରତ ଥିଲେ। ସ୍ୱଗର୍ଭରୁ ଏକ ପୁତ୍ର ସନ୍ତାନ କାମନା କରି ଦୈନନ୍ଦିନ ଦୈବିକ କର୍ମକାଣ୍ଡମାନ ସଂପାଦନ କରୁଥିଲେ।

ମୁକ୍ତା ଦେଈ ପୁତ୍ରର ଜନ୍ମ ମରଣ ବୃତ୍ତାନ୍ତ ବୁଝାଇ ମରଣରୁ ରକ୍ଷା ପାଇବାର ଉପାୟ ବତାଇଛନ୍ତି। ଏକବିଂଶ ବୟସରେ ଗୋବିନ୍ଦଙ୍କ ଯମଦଣ୍ଡ କଷ୍ଟକୁ ଏଡ଼ାଇ ଯିବା ଉଦ୍ଦେଶ୍ୟରେ ମାତା ଗର୍ଭଧାରୀ ଯୋଗୀ ବେଶରେ ରାମନାମ ଜପିବା ପାଇଁ ପୁତ୍ରକୁ ପ୍ରବର୍ତ୍ତାଇଛନ୍ତି। ଅଶ୍ରୁଭରା ନୟନରେ ପୁତ୍ରକୁ କହିଛନ୍ତି- ହେ' ପୁତ୍ର, ମାୟାମୋହର ସଂସାରରେ ଯମ ଦେବତା ବଡ଼ ବଳବାନ! କାହାର ଦୁଃଖ ଶୋକ ପ୍ରତି ସେ ଦୟାଶୀଳ ନୁହନ୍ତି। ଯେଉଁ ପ୍ରାଣୀର ଆୟୁଷ ପୁରି ଯାଏ, ସେ ଉପସ୍ଥିତ ହୋଇ ସେହି ପ୍ରାଣୀଙ୍କୁ ଉଠାଇ ନିଅନ୍ତି ଯମାଳୟର ପାପ ପୁଣ୍ୟର ଅଦାଲତ ପ୍ରାଙ୍ଗଣକୁ। କିଏ ବାଳକ, କିଏ ବୃଦ୍ଧ, ରାଜା ପ୍ରଜା ସେ କଥା ବିଚାର କରନ୍ତି ନାହିଁ। ଯାହାର ଯେଉଁ ଦିନ ଆୟୁଷ ପୁରିଲା, ସେଇ ଜୀବକୁ ଟାଣି ଓଟାରି ନେବା ପାଇଁ ଭୁଲନ୍ତି ନାହିଁ। ଜୀବ ଯେତେ ବଡ଼ ବଳବାନ ହୋଇଥାଉ ପଛେ ଯମଙ୍କ ଠାରୁ ରକ୍ଷା ପାଇବା କେବେ ବି ସମ୍ଭବ ନୁହେଁ। କେବଳ ମହାବିଷ୍ଣୁଙ୍କ ଶରଣାପନ୍ନ ହୋଇ ସ୍ୱୀୟ ସାଧନ ବଳରେ ଜନ୍ମ ମରଣ ଚକ୍ରର ବିଧାତା ପୁରୁଷ ଯମଦେବଙ୍କୁ ଏଡ଼ାଇ ଯିବା ସମ୍ଭବ ହୋଇଥାଏ! ଏବେ ତୋତେ ସେଇ ପାପ ହରଣକାରୀ ଶ୍ରୀରାମଙ୍କ ନାମ ଜପ କରିବା ପାଇଁ ପରାମର୍ଶ ଦେଉଛିରେ ପୁତ୍ର। ବାବୁରେ, ଧନରେ, ରାଜ ସିଂହାସନ ତ୍ୟାଗ କରି ଯୋଗୀ ହୋଇଯିବା ପାଇଁ କାହିଁକି କହୁଛି, ତାହା ମନ ଦେଇ ଶୁଣରେ ବାପ। ମାତୃ ହୃଦୟର ଗହନ କଥା ବୁଝୁ ଧନ। ମାତା ଗର୍ଭଧାରୀର ଆଖି ଆଗରେ ଯୁବକ ପୁତ୍ରର ମୃତ୍ୟୁ କେତେ ଅସହ୍ୟ, ଯନ୍ତ୍ରଣାଦାୟକ, ତାହା କେବଳ ସେଇ ମାତା ଜାଣେ! ମାତା ଜାଣେ ସୁପୁତ୍ରର ବଦନରେ କେତେ ଅମୃତ ଭରି ରହିଛି। ତୋର ଏଇ ଚନ୍ଦ୍ର ବଦନକୁ ସବୁଦିନେ ଦେଖିବା ପାଇଁ ମୁଁ ଇଚ୍ଛା କରୁଛିରେ ପୁତ୍ର।

ଆଖିରୁ ଲୁହ ଗଡ଼ାଇ ମୁକ୍ତା ଦେଈ ଆହୁରି ବୁଝାଇଲେ-ହେ' ପୁତ୍ର, ଦୀର୍ଘ ବର୍ଷ ତପସ୍ୟା କରି ତୋତେ ପାଇଥିଲି। ଅପୁତ୍ରିକ ଦୋଷରୁ ମୁକ୍ତ ହୋଇଥିଲି। ଜନ ଜଗତକୁ ଚେତାଇ ଦେଇଥିଲି ମୁଁ ବନ୍ଧ୍ୟା ନୁହେଁ। ନାରୀ ନିଜ ପ୍ରାରବ୍ଧ କର୍ମର ଫଳ ପ୍ରଭାବରେ ନିଃସନ୍ତାନ ହୋଇ ପାରେ ନାହିଁ! ସେଥିପାଇଁ ଅନେକ ଉପାୟ ରହିଛି। ପ୍ରଥମ ଉପାୟ ଶିବ ଉପାସନା, ଯେଉଁ ଉପାୟ ଦ୍ୱାରା ପୁତ୍ର ଜନ୍ମ ଦେବା ସମ୍ଭବ ହୋଇ ପାରେ। ସେଇ ଦୈବୀ ବଳରେ ମୁଁ ଅସମ୍ଭବକୁ ସମ୍ଭବ କରି ଦେଖାଇ ଥିଲି। ମୋତେ ପୁଣି ସେଇ ଦଶା ଭୋଗ କରିବାକୁ ପଡ଼ିବ! ରାଜକୁଳ ଜୀବନ ଯାତନାରେ ଭରିଯିବ। ହେ' ପୁତ୍ର, ସ୍ୱାମୀ ହରା, ପୁତ୍ର ହରା ହୋଇ ମୁଁ କିପରି ସଂସାର ସାଗର ପାର ହେବି ମୋତେ ବୁଝାଇ ଦିଅ। ହରି ଓଁ ତତ୍ ସତ୍।


*ଦୂରଭାଷ-୯୬୬୮୬୩୧୨୫୭*



ଉପନ୍ୟାସ

ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୩୦

**ଟ୍ରେ**ନ୍ ଚାଲିଥାଏ ଆଗକୁ। ମନଭିତରେ ଗାଢନିଶା ଆଗକୁ ପଢିବାର, ମାଆର ଅଧୁରା ସ୍ୱପ୍ନକୁ ପୂରଣ କରିବାର। ଲାଗୁ ନଥାଏ ସେ ନୂଆ ବସିଛି ଟ୍ରେନ୍‌ରେ.. ଲାଗୁନଥାଏ ତା ଆଖପାଖର ଅପରିଚିତ ଲୋକଙ୍କ ଗହଣରେ ସେ କେତେ ଏକାକୀ! ଆଗର ଲକ୍ଷ୍ୟ ତାକୁ ନିଶାସକ୍ତ କରି ରଖିଥାଏ..! ରହିବା ଓ ପାଠ ପଢି ନିଜ ଗୁଜୁରାଣ ମେଂଟାଇବାକୁ ଆଶିଷ ଭାଇ ବୁଝି ଦେଇଛନ୍ତି-ଗୋଟେ ଚାଳିଘର,ସେଠି ସେ ମାଲିକକୁ ସକାଳ ବେଳା ସାହାଯ୍ୟ କରିବାକୁ ପଡିବ। ଆଂଚ ଲଗାଇ ଇଡ୍‌ଲି ସମ୍ବର, ଉପମା, ଉତପମ୍ ଆଦି ଜଳଖିଆ ବନାଇବାରେ । ତା ପରେ ସମ୍ବର ପାଇଁ ମସଲା ବଟା ଆଉ ପରିବା କଟା କାମ। ଦଶଟା ପରଠାରୁ ସେ ଫ୍ରି'..ତାପରେ ପୁଣି ରାତିକ କାମ..! ସେସବୁରେ ସାହାଯ୍ୟ କଲେ ମାସିକିଆ ଭଡା ଟଙ୍କାଟାରୁ କିଛି ବଳିପଡିବ।

ଯାହାହେଉ ଆଶିଷ ଭାଇ ଦେବତା ଭଳି ଉଭା ହୋଇନଥିଲେ ତା ପାଇଁ ସେଠାକୁ ଯିବା ଅସମ୍ଭବ ହୋଇପଡିଥାଆନ୍ତା। ପାଖରେ ନିଜ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହିତ କିଛି ପୋଷାକ ପତ୍ର ଓ ଅଳ୍ପ କିଛି ଟଙ୍କା..ପିଲାଦିନର ସାଙ୍ଗ ମଥୁରା କହିଥିଲା ଯିଏ ଯାହା ଦେବ ଜମାରୁ ଖାଇବୁନି। ସେଥିରେ କାଳେ ନିଶା ଥିବ। ସେଥିପାଇଁ ସେ ଜଗିରଖି ଚଳୁଛି। କାହା ସହିତ ବେଶି ମିଶୁନି କି କଥା ହେଉନି..। ନୂଆ କରି ଟ୍ରେନ୍‌ରେ ଯାଉଛି ବୋଲି ଯାବତୀୟ ସତର୍କତା।

ଏଥର ସେ ପାଠପଢି ମଣିଷ ହେବ। ମାଆର ସ୍ୱପ୍ନ ପୂରଣ ହେବ। ଏମିତି ଭାବୁ ଭାବୁ ରାତି ହୋଇଯାଇଥିଲା। ଦେବଦାସ ଚାହିଁଲା ଆକାଶକୁ..ତୋଫା ଜହ୍ନ..। ଚାରିଆଡେ ରୂପାର ତରଳ ରଙ୍ଗ ଲହଡି ଖେଳୁଛି।

ବାପା ମାଆ ଛେଉଣ୍ଡ ବିରାଟ ପାହାଡମାନ ମୁଣ୍ଡ ଟେକି ବେଶ୍ ଏକାକୀ ଭାବେ ଛିଡା ହୋଇଛନ୍ତି ଠିକ୍ ତା ପରି! ଖଣ୍ଡେ ଖଣ୍ଡେ ଥୁଂଟା ଗଛମାନ ବେଶ୍ ନିରସ ଦିଶୁଛନ୍ତି ରାତିରେ। ଲାଗୁଛି..ରାତିର ସେ ନୀରବ ସଂଗୀତକୁ କାନଡେରି ଶୁଣୁଛନ୍ତି। ସକାଳକୁ ଆତୁର ହୋଇ ଅପେକ୍ଷା କରିଛନ୍ତି ନା ରାତିର ଗହନ ଅନ୍ଧାର ଭିତରେ ନିଜକୁ ହଜାଇ ବିହ୍ୱଳି ଉଠୁଛନ୍ତି! ପଚାରିଲା ନିଜ ମନକୁ। ତନ୍ମୟ ହେଲା ରାତିର ଭିନ୍ନ ଏକ ଆହ୍ୱାନରେ। ଅଭିମନ୍ତ୍ରିତ ସ୍ୱରରେ। ପାହାଡର ଛାତିଚିରି ଟ୍ରେନ୍ ତାର ବେପରୁଆ ଛନ୍ଦରେ ଧାଉଁଛି ଆଗକୁ। କୋଉଠି କେମିତି ତେଲୁଣୀପୋକ କିମ୍ବା ସାପଟିଏ ପରି ବଙ୍କେଇ ଯାଉଛି ତାର ଗତି। ଆଉ କେତେବେଳେ ସାମୁଦ୍ରିକ ଜାହାଜ ପରି ଗୁରୁଗମ୍ଭୀର ହୋଇ ଚାଲିଛି କିଟିମିଟି ଅନ୍ଧକାର ସମୁଦ୍ରର ଛାତି ଚିରି! ତା ଭିତରେ କେତେ କଥା ଭାବୁଛି ଦେବଦାସ। ଅତୀତ ଗୋଟେ ଛୋଟ ଦିଆସିଲି ପରି ଦୃଶ୍ୟମାନ ହେଉଛି ଆଖି ଆଗେ! ତା ଭିତରେ କେତେ ବାରୁଦ ବୋଳା କାଠି..ଟିକେ ରଞ୍ଜା ସହିତ ରଞ୍ଜା ଘଷି ହେଲେ ଜଳିଉଠିବ କିଛି ସମୟ ପାଇଁ। ତା ମନର ଅନ୍ଧକାରକୁ ଟିକେ ଦୂର କରିବ। ସେ ଆଲୁଅରେ ତା ନିଜ ଲୋକେ ଦିଶିବେ! ତା ପିଲାଦିନ ବି କୌଣସି ଏକ ନାଟକର ଅଂଶ ଭଳି ଝଟକି ଉଠିବ। ଜୀବନଟା ଭଲ ଥିଲା ସେତେବେଳେ!

ମାଆ ଥିଲାବେଳେ ଗାଁଟା ଭଲ ଲାଗୁଥିଲା। ଭବିଷ୍ୟତ ପାଇଁ ଚିନ୍ତା ନଥିଲା। ଛୋଟବଡ ଦୁଷ୍ଟାମୀ କରି ଘରକୁ ଆସି ସେ ଦେଖୁଥିଲା ମାଆର ଅସହାୟତା! ଖାସ୍ ତା ପାଇଁ କେତେ କଣ ଶୁଣୁଥିଲା ସେ ବାହାର ଲୋକଙ୍କଠାରୁ। ହେଲେ ମାଆ ତାକୁ କିଛି ବି କହେନି। ସବୁ ଶୁଣିଯାଏ ଗପ ଶୁଣିବା ପରି। ସେମାନଙ୍କ ଆଗରେ ତାକୁ ଡାକି କହେ- ହଇରେ..ଦେବୁନା,ତୁ ଏଇଆ କଲୁ..? ବିଧବା ମା'ର ଭରସା ତୁଟାଇ ଦେଲୁ? ମୋ ଟାଣପଣ ଚୂନା କଲୁ? ଏସବୁ ଦେଖିବା ଆଗରୁ ମୁଁ ନମଲି କାହିଁକି ଯେ!

ଦେବଦାସ ଖୁବ୍ ଡରିଯାଉଥିଲା। ମାଆ କାନ୍ଦିଲେ ସେ ସହିପାରେନି ଜମା। କାକୁସ୍ଥ ହୋଇ ବାରିପଟ କୁଅ ମୂଳେ ଛିଡା ହୋଇରହୁଥିଲା ବାହାର ଲୋକ ନଯିବା ଯାଏଁ। ସେମାନେ ଯିବା ପରେ ତାକୁ କୋଳକୁ ନେଇ ଆଦରରେ କହୁଥିଲା-ମୋ ବାପାଟା ପରା..ଏମିତି କରନି। କାଲି ଶିବା ମାଆ କହୁଥିଲା ତୁ କାଳେ ତାଙ୍କ ବାଡିରୁ କାକୁଡି ଖାଉଥିଲୁ। ମହୁରୀ ମାଆ କହୁଥିଲା-ତାଙ୍କ ବଳଦ ଲାଞ୍ଜରେ ସୁନୁଫୋଟକା ବାନ୍ଧି ଦେଇଥିଲୁ ଯେ ସେ ପଘା ଛିଣ୍ଡେଇ ଆର ଗାଁରେ। ଖୁବ୍ ଖୋଜାଖୋଜି ପରେ ପାଇଲେ, ବିଚରା ଭୟ ପାଇଯାଇ ଜଣକ କଦଳି ବାଡିରେ ଛିଡାହୋଇଥିଲା। ପଶୁମାନଙ୍କ ପାଟିନାହିଁ ଯେ ସେମାନେ ନିଜ ମନକଥା କହିପାରିବେ। ତୁ ଏମିତି କାଇଁକି କରୁଚୁ ରେ!

ସେମାନେ ମୋତେ କେତେ କଣ କହୁଚନ୍ତି। ତୋତେ କଣ ଭଲ ଲାଗୁଚି? ବହୁକଷ୍ଟ କରି ତୋତେ ପାଇଛି। ତୋ ଛଡା ଆଉ କେହି ନାହିଁ ମୋର। ତଥାପି ଯଦି ଏମିତି କାଣ୍ଡ କରିବୁ, ତେବେ କାହାକୁ କଣ କହିବି!

ଦେବା ଚିହିଁକି ଉଠେ-"କାଇଁକି ମାଆ ସେ ମହୁରୀ ବାପା ତୋତେ ସେଦିନ କେତେ କଣ କହିଯାଇଥିଲା,ଆମ ଗାଈ ତାଙ୍କ ବାଡରୁ ଲଟାଟାଏ ଯାଇ ଦେଇଥିଲା ବୋଲି..! ତୁ ସିନା କିଛି କହିଲୁନି। ହେଲେ ମୋତେ ବାଧିଲା। ସେଥିପାଇଁ ତାଙ୍କ ବଳଦ ଲାଞ୍ଜରେ ଫୋଟକା ବାନ୍ଧି ଦିଆସିଲି ଲଗେଇ ଲୁଚିଯାଇଥିଲି। ଆଉ ଗୁଡେ କାକୁଡି ଟୋକେଇରୁ ମୁଁ ସାମାନ୍ୟ କାକୁଡି ଗୋଟାଏ ଖାଇଦେଇଥିଲି ବୋଲି ଶିବା ମାଆ ମୋତେ ସେଦିନ କହିଥିଲା-ହଅ ବାପନଥିବା ପୁଅ ଏମିତି ବାଲୁଙ୍ଗା ଓ ଖେଚଡ ହୁଅନ୍ତି। ସେମାନଙ୍କୁ ଅକଲ କିଏ ଶିଖାଇବ ଯେ! ମାଆ ସିନା କିଛି କହିଲେ ହୁଅନ୍ତା! ଓଲଟା ମୁହଁବଢା କରିଦେଇଛି ଏ ଟୋକାର"। ଆଜି କିନ୍ତୁ ତାକୁ ପାନେ ଦେବି ବୋଲି ରାଗରେ ଛେଳିମାନଙ୍କୁ ଅଡେଇ ଅଡେଇ ନେଇ ଛାଡି ଦେଇଥିଲି ତା ବାଡିରେ। ସେମାନେ କାଇଁକି ମୋ ଦୋଷରେ ତୋତେ ସବୁବେଳେ ଶୋଧନ୍ତି? ଆଉ ଆରପାରିକୁ ଚାଲିଯାଇଥିବା ମୋ ବାପଟାକୁ ବି ଛାଡନ୍ତିନି? କେତେବେଳେ ରାଗରେ ଗରଗର ହୁଅନ୍ତି ନହେଲେ ଦୟା କରନ୍ତି! ମୋତେ ସେମାନଙ୍କ କିଛି ବି ଭଲ ଲାଗେନି ମା'। ସେଥିପାଇଁ ରାଗ ହୁଏ।

ମାଆ ଆଉଁସି ଦେଇ କହେ-ବାଇଆଟାଏ କି ତୁ? ଏମିତି କଣ କାହା ସହିତ ଲଢିହୁଏ? ତୁ ଯଦି ଏସବୁଠାରୁ ତୋ ମାଆକୁ ବଂଚେଇବାକୁ ଚାହୁଁ ତେବେ ଭଲ ମଣିଷ ହୋଇ ପାଠ ପଢି ଭଲ ଚାକିରୀଟାଏ କରିବାକୁ ହେବ। ଯେମିତି ଏ ଗାଁ ଲୋକ ତୋତେ ଦେଖି ତଟକା ହୋଇଯିବେ। ବିନା ବାପର ପିଲା ବୋଲି କହି ଯେଉଁ ଅପବାଦ ଦେଉଥିଲେ ସେମାନେ ଦେଖନ୍ତେ ସେହି ବାପ ଛେଉଣ୍ଡ ଛୁଆ ଦିନେ ସେମାନଙ୍କ ଛାତି ଉପରେ ପଥର ଛେଚୁଥିବ!

ମାଆ ମୁହଁ ନାଚିଉଠେ ଆଖି ଆଗରେ। ମନେପଡେ ସାଙ୍ଗସାଥୀମାନଙ୍କ କଥା। ଆଉ ତା ଭିତରେ ସବୁଠାରୁ ଅସୁନ୍ଦରୀ ଅଣ୍ଡିରିଚଣ୍ଡୀ ପାରୋ କଥା..! ସବୁବେଳେ ନାକରୁ ସିଂଘାଣୀ ବୋହୁଥିବ। ଚୁଟି ବୋଧେ ଧୋଇନଥିବ ଅନେକଦିନରୁ। ଉକ୍କୁଣୀ ଭର୍ତି ହୋଇଯାଇଥିବେ ତା ମୁଣ୍ଡରେ। ଉକ୍କୁଣୀ ଡେଇଁବା ଭୟରେ ଝିଅମାନେ କେହି ସାଙ୍ଗ ହେଉନଥିବେ ତା ସହିତ। ତାକୁ ବର୍ଷକ ବାର ମାସଯାକ ଥଣ୍ଡା..। ବାପା ଜମିଦାର ଭଳି ଟଙ୍କା ମୁଣ୍ଡତଳେ ସାଇତି ଥିବ ହେଲେ ଝିଅ ମୁଣ୍ଡରୁ ଓକ୍କୁଣୀ ଝଡି ପଡୁଥିବ! ଦେଖିବାକୁ ସେମିତି ସୁନ୍ଦରୀ ବି ତ ନଥିଲା! ଶ୍ୟାମଳ..କହରା ଚୂଟି। ସେମିତି ଢଙ୍ଗର ନୁହଁ। ଝିଅସାଙ୍ଗ ନଥାନ୍ତି ବୋଲି ପୁଅମାନଙ୍କ ସହିତ ମିଶେ ବାଧ୍ୟ ହୋଇ।

(କ୍ରମଶଃ...)

ବିଶେଷ କବିତା



# ତୁ ନଥିବା ଅନ୍ଧାର

ଡା. ଗୌରୀଶଙ୍କର ପଣ୍ଡା





**ମୁଁ** ମୁଖା ଖୋଲିଦିଏ ଏଥର।
ତା' ପରେ ତ' ତାତି ଓ ତାଣ୍ଡବ !

ଅନ୍ଧାର ସାକ୍ଷୀ ହୁଏ
ହଳାହଳ ପାନର
ମୂର୍ଚ୍ଛା ହେବାର।

ଏ ଅନ୍ଧାର ହିଁ ମତେ ଦେଖେ
ସଇତାନରୁ ସନ୍ଥ
ସନ୍ଥରୁ ସଇତାନ ହେବା।

ଅନ୍ଧାରରେ ନିଜକୁ
ବେଶ୍ ଭାଙ୍ଗି-ଗଢ଼ିହୁଏ।





ଅନ୍ଧାର ମୋ ପାଇଁ ତଫାତ୍ ରଖେନା
ବିବସ୍ତ୍ର ହେବା କି ଭୂଷିତ ହେବା
ବିବର୍ଣ୍ଣ ହେବା କି ରଙ୍ଗ ମାଖିବା
ଲୁହ ଝରାଇବା କି ହସ ଫୁଟାଇବା
ଚୁପ୍ ରହିବା କି ଚିତ୍କାର କରିବା।

ତୁ ଥିଲେ ଏବେ କ'ଣ ହୁଅନ୍ତା?
ତଫାତ୍‌ଟା ଅନ୍ତତଃ ଜଣା ପଡ଼ନ୍ତା ...!
ନା ସନ୍ଥ ହେବାକୁ ପଡନ୍ତା
ନା ସଇତାନ!
ନା ଈଶ୍ୱରଙ୍କ ବିରୁଦ୍ଧରେ ମୋ'ର ଯୁଦ୍ଧ ଚାଲିଥାନ୍ତା ...!

ତୋ'ର ନଥିବାରେ ହିଁ ଯାବତୀୟ ଯୁଦ୍ଧ
ମୁଁ ଚିହ୍ନିଥିବା 'ମୁଁ'ଟି ଏବେ
ଅପବାଦେ ଅବରୁଦ୍ଧ/ ସ୍ମୃତିରେ ଶ୍ୱାସରୁଦ୍ଧ।

ଏକ୍ଳାପଣର ଅନ୍ଧାରରେ
ଟାଣ ହେଉଥାଏ ମୋ ପଞ୍ଜରା।
ତଥାପି ମୋହଗ୍ରସ୍ତ କରୁଥାଏ ତୁଚ୍ଛା ଅନ୍ୟମନସ୍କତା
ଅନ୍ଧାର ଅଢୁଆଳେ ଏବେ ବି
ମୋ'ର ଖାଲି ଗୋଟେ ଚିନ୍ତା ...
ତୁ ପାଖେ ଥିଲେ କ'ଣ
ଅନ୍ଧାରକୁ ଏତେଟା ଚିହ୍ନି ହୋଇଥା'ନ୍ତା ...??

*ମାର୍ଫତ୍- ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡା*
*ଶାନ୍ତିନଗର, ସୋନପୁର- ୭୬୭୦୧୭*
*ମୋ- ୯୪୩୮୨୦୪୫୯୮*

# ଦୁଇଟି କବିତା : ପ୍ରଦୀପ୍ ବନ୍ଧ



(୧)

ଜୀବନ ପାହାଚ ସରି ଆସିଲାଣି
ପାପ ପୁନ୍ୟ ମାପି ମାପି
ସଳଖି ଚାଲିବା ପାଇଁ ଆଉ ବନ୍ଧୁ
କଣ ଅଛିଯେ ବାକି...।

ନର ରୂପି ଏହି ମାନବ ସମାଜ
ଖାଇ ସାରିଲେଣି ପୋଡି
ଗୀତା ଭାଗବତ ପୁରାଣ ଗାଦିକୁ
ଛାଡିଲେଣି ପଢ଼ା ପଢ଼ି।

(୨)

ଏକା ଏକା
ଛଳନା ନଇର ସୁଖିଲା ଜୁଆର
ସବୁ ଖାଲି ଲାଗେ ବିଷ
ପ୍ରାପ୍ତଭରା ଏହି
ଶୂନ୍ୟ ପୃଥିବୀରେ
କାହାର ଗାଇବି ଜପ...।


ଯାହା ପାଇଁ ଦିନେ ଘୂରି ବୁଲୁଥିଲି
ସବୁ ଦୁଃଖ ସୁଖ ଭୁଲି
ମୋତେ ପର କରି ସବୁ ଚାଲିଗଲେ
ଡେଣା ଲାଗିଗଲା ବୋଲି ...।

ଫେନିଳ ଆକାଶେ
ଦୂର ଦିଗ୍‌ବଳୟକୁ
ଆଖିଖୋଲି ଯେବେ ଦେଖେ
ଅତୀତକୁ ସବୁ ପଛରେ ପକାଇ
ଚାଲି ଆସ ମୋ ସାଥେ
ମୋତେ କେହି ଜଣେ
ହାତ ଠାରି ଡାକେ।



# କୁନାବାପାଙ୍କ କୁନି କଥା

୪୪



**ଗ**ଲା ଗୁରୁବାର, ସବୁ ଖବର କାଗଜରେ ଦୁଇଜଣ ଗୁରୁଙ୍କ ବିଷୟରେ ପ୍ରଥମ ପୃଷ୍ଠାରେ ଛାପିଲେ। ଅବଶ୍ୟ ଦୁଇଜଣ, ଦୁଇ ଅଲଗା କେଶରେ ଜଡିତ। ଜଣେ ହେଲେ ଧର୍ମଗୁରୁ, ତାଙ୍କୁ ଶିଷ୍ୟାମାନଙ୍କ ସହ ଦୁଷ୍କର୍ମ କରିଥିବାରୁ ଆଜୀବନ କାରାବାସ ଯିବାର ଦଣ୍ଡାଦେଶ ଦେଲେ ନ୍ୟାୟାଧୀଶ। ଆଉଜଣେ ହେଲେ ବିଦ୍ୟାଗୁରୁ, ଯାହାଙ୍କ ଯୋଗୁ ସଦ୍ୟ ବିବାହିତା ତାଙ୍କ ଶିଷ୍ୟା ହେଲେ ବିଧବା, ଆଉ ପ୍ରଚ୍ଛନ୍ନ ହାତଥିବା ମାନିଲେ ଗୁରୁ ଜଣକ। ଗୁରୁବାର ସକାଳୁ ଖବର କାଗଜ ପ୍ରଥମ ପୃଷ୍ଠାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ଖବର ଦେଖି ଗୁରୁଗମ୍ଭୀର ଭାବେ ବସିଥିଲେ କୁନାବାପା। ଭାବୁଥିଲେ, ପ୍ରକୃତରେ ଭାରତକୁ ବିଶ୍ୱଗୁରୁ କରିବାର ପ୍ରଧାନମନ୍ତ୍ରୀଙ୍କ ଦାବି, ଭାରତର ଗୁରୁଶିଷ୍ୟ ପରମ୍ପରା ଓ ଏଭଳି ଖବରର ମୁଖ୍ୟ କାର୍ପଟଦାର ସାଜୁଥିବା ଗୁରୁଙ୍କ ବିଷୟରେ। କୁନାବୋଉ ଆସି କହିଲେ, ହେଇଟି, ଦେଖିଲ, ଲମ୍ବା ଦାଢ଼ିତଳେ ସଇତାନଟା ଭଗବାନ ବେଶ ହୋଇ କେମିତି କାଣ୍ଡ ସବୁ ଭିଡଆଉଥିଲା। ଆଜିକାଲି ଆଉ ବିଶ୍ୱାସ କାହାକୁ କରିବା। ଆଉ ଗୋଟେ ଗୁରୁ ହେଇ ବିଦ୍ୟା ଶିକ୍ଷାଦେବା କ'ଣ? ନିଜର ବ୍ୟକ୍ତିଗତ ଶତ୍ରୁତାରୁ ଦି'ଟା ଜୀବନ ନେଲା, ଆଉ ଗୋଟେ ଜୀବନ ବରବାଦ କଲା। ଏଗୁଡାଙ୍କୁ କଠୋର ଦଣ୍ଡ ମିଳିବା ଦରକାର। କୁନାବାପା ଖାଲି, ହୁଁ କହି ଚୁପ୍ ରହିଲେ, କିନ୍ତୁ କୁନାବୋଉ ତାଙ୍କର ଗୁଣୁଗୁଣୁ ହେଇ ଗାଳି କରୁଥାନ୍ତି।

କଥାଟା ଯେ' ଦାଣ୍ଡରେ ପଡି ହାଟରେ ଗଡୁଛି। ତେଣୁ କଲୋନୀ ଛକଠୁ ଆରମ୍ଭ କରି ରାଜଧାନୀ ଖଣି ପର୍ଯ୍ୟନ୍ତ ସବୁଠି ଚର୍ଚ୍ଚା। ଅଫିସ ଯିବା ପୂର୍ବରୁ ଡାଲି କିଣି ଘରେ ଦେବାକୁ କୁନାବୋଉ କହିଥିଲେ। ତେଜରାତି ଦୋକାନି ଟୁଲୁ ପାଖରେ ସକାଳ ଗରାଖି, ମର୍ଣ୍ଣିଂଓ୍ୱାକ ଫେରନ୍ତା ଜେନାବାବୁଙ୍କ ହାବୁଡେ ପଡିଲେ କୁନାବାପା। ଜେନାବାବୁ କହିଲେ, ଯାହାକୁହ, ଗୁରୁ ହେବତ ଆଶାରାମଙ୍କ ଭଳି। ହଇହୋ ଚାଳିଶି ବର୍ଷରେ ଚା' ଦୋକାନୀର ଦଶ ହଜାର କୋଟିର ମାଲିକ। ଆଉ କି ସମର୍ପଣ ଉପରେ ପ୍ରବଚନ ଦେଉଥିଲେ ଯେ, କେତେ ନାରୀ ତାଙ୍କ ପାଖରେ ନିଜକୁ ସମର୍ପି ଦେଇଥିବେ! ଏଇଟା ଛୋଟପିଲା, ଷୋଳ ବୟସୀ ଚଗଲିଟା ବୋଲି କେଶ ଦେଇଦେଲେ ନା! ନହେଲେ ତାଙ୍କ ଲାଗୁଙ୍ଗରେ ହାତ କିଏ ମାରିବ? ବିଲୁଆ ମୁହାଁ ବିଶ୍ୱାଳଙ୍କ ହାବୁଡେ ପଡିଲେ କୁନାବାପା। ସେ କହିଲେ, ଯାହାକୁହ, ଆମ ଦେଶରେ ଗୁରୁମାନେ ସମ୍ମୋହନ ଜାଣନ୍ତି, ଏଇ ଗୁରୁମାନଙ୍କ ପାରିବା ପଣିଆ ଯୋଗୁ ଆମ ପ୍ରଧାନମନ୍ତ୍ରୀ ଦେଶକୁ ବିଶ୍ୱଗୁରୁ କରିବାର ସ୍ୱପ୍ନ ଦେଖିଥିବେ। ହେଲେ ଏଇ କଲେଜ ଗୁରୁଟା ନାଁ ପକେଇଲା। ପାର୍ସଲ ବୋମା ତିଆରିରେ ଶିଷ୍ୟ ହେଇ ନିଜ ଶିଷ୍ୟା ଉପରେ ଟ୍ରାଏଲ କଲା! ଯାହାହେଉ ଧରାପଡିଗଲା, ନହେଲେ ଆଉ କେତେ ପାର୍ସଲ ଫୁଟିଥାନ୍ତା। ମୁଁ ପା ସେଦିନଠୁ ଆଉ ଜରିଲଗା ଗିଫ୍ଟ ଖୋଲୁନି। ହେଲେ, ଯାହାକୁହ, ଆମେ ଓଡ଼ିଆ ପ୍ଲାନିଙ୍ଗ ଓ ବମ୍ ମେକିଙ୍ଗରେ କାହାଠୁ କମ୍ ନୁହଁ, ଏଇଟା ସିଦ୍ଧ ହେଇଗଲା। ଟୁଲୁ କହିଲା ସାରେ, ଡାଲି ପ୍ୟାକେଟ ଦେବି ନାଁ ଖୋଲା। କୁନାବାପା କହିଲେ, ନାଇଁ ମୋ ବେଗରେ ଦେଇଦେ, ନହେଲେ ପ୍ୟାକେଟ ଫୁଟିବ ଯଦି? ସମସ୍ତେ ହସିଲେ। ଫେରିବା ବାଟରେ ଅଟକିଲେ ପାନ ଦୋକାନ ପାଖରେ। ସେଠି ଟୋକାଦଳେ ବସି ଖଟି ମାରୁଥିଲେ। ଫ୍ରେଞ୍ଚକଟ୍ ଦାଢ଼ିବାଲା ମନୁଆ କହୁଥାଏ, ଏଥର ଆଉଗୋଟେ ନୂଆ ଉପାୟ ବତେଇଲେ ଏଇ ମାଷ୍ଟ୍ରେ। ଏସିଡ୍ ମାଡକଲେ ପାଖୁ ଯିବାକୁ ପଡିବ, ପାର୍ସଲ ବୋମାରେ ଟେନସନ୍ ନାହିଁ। ତେଣୁ ଏଥର ହତାସ ପ୍ରେମିକ ଏଇ ମାଷ୍ଟ୍ରଙ୍କ ଫଟ ପୁଜିବେ। ଟେକା ନିଶୁଆ ସିଲୁ କହିଲା, ସାଙ୍ଗ ଯାହାକହ, ଏଇଭଳି ଗୁରୁ ପ୍ରସିଦ୍ଧି ପାଇବା ଦରକାର। ପାଠ ସାଠ ଉଭୟ ପଢ଼ାଇବେ। ଯାଙ୍କ ଶିଷ୍ୟ ନିଶ୍ଚୟ ଡିଫେନ୍ସରେ ଚାକିରି ପାଇବେ। ପପୁ ଧେଡ କହିଲା, ଯା'ହେଉ ଏବେ ସବୁ ବାବାମାନେ ଜେଲରେ ସଜା କାଟୁଛନ୍ତି। ତେଣୁ ତାଙ୍କ ସିଟ୍ ଗୁଡା ଆମଭଳି ଯୁବକମାନେ ପାଇବା ଦରକାର। ଭଲ ଆୟ, ତା'ସାଙ୍ଗକୁ ମାଗଣା ଏଣ୍ଟରଟେନମେଣ୍ଟ। ମୁଁ ଭାବୁଛି ଏ ସହର ଛାଡି ଯାଇ କୋଏଠି ଗୋଟେ ଆଶ୍ରମ କରିବି। ଚାକିରିତ ନାହିଁ, ଘରେ ବାପାଙ୍କ ପେନସନ ପଇସା ନେଇ କେତେଦିନ ଚଳିବି। ବାବା ହେଲେ, ମତେ ସରକାର ଆଶ୍ରମ କରିବାକୁ ଜମି ଦେବେ, ଭକ୍ତ ଧନ ଦେବେ, ଗାଇ ଦେବେ, ମୋ ସମର୍ଥନରେ ଭକ୍ତମାନେ ଜୟଜୟକାର କରିବେ। ଏଇ ଛୋଟମୋଟ ଚାକିରି ପଛରେ କାହିଁକି ଗୋଡେଇବି? ଦେଖୁନା, ଚା ବେପାରୀରୁ କୋଟିପତି ହେଲେ ବାପା। ପାଖ ନିଶୁଆ ଚା' ଦୋକାନ ଆଡେ ଦେଖେଇ ପୁଟୁଲା କହିଲା, ଏ ସିରିଆଇର ଭବିଷ୍ୟତ ଉଜ୍ଜ୍ୱଳ। ଚା'ଦୋକାନୀ ସବୁ ଏକାଳରେ କୋଟିପତି ହେଉଛନ୍ତି। କିଏ ଚା' ବିକାଳିରୁ ବାବାହେଇ ହଜାର ହଜାର କୋଟିର ମାଲିକ, ତ'କିଏ କୋଟି କୋଟି ଜନତାଙ୍କ ମଉଡମଣୀ ପ୍ରଧାନମନ୍ତ୍ରୀ। ମୁଁ ବି ଭାବୁଛି ଆଗକୁ ଚା'ଦୋକାନଟେ ଦେବି। ତମେସବୁ ମୋ ପାଖକୁ ଚା'ପିଇବାକୁ ଆସିବ। ମିଲୁ କହିଲା, ତୋ ପାଖକୁ ମୁଁ ପକୁଡି ଦୋକାନ ଦେବି। ଚା'ପକୁଡି ବେଷ୍ଟ। ସବୁ ଶୁଣି କିଛି ଭାବି ଭାବି ଘରକୁ ଫେରିଲେ କୁନାବାପା। ସର୍ବେ ଭବନ୍ତୁ ସୁଖୀନଃ

**- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪**

# ହଜିଗଲେ ମହାତ୍ମା ଗାନ୍ଧୀ

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ



**ବ**ନାଗ୍ନି ପରି କଥାଟା ବ୍ୟାପି ଯାଇଥିଲା ଆମ ସହରରେ। ସବୁଠି ସେଇ ଗୋଟିଏ ଚର୍ଚ୍ଚା। ପୁଲିସ ହାତରେ ଧରାପଡ଼ିଛି ଆଜି ଜାଲ୍‌ନୋଟ୍ ଛାପା ର୍‍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ଜନୈକ ଯୁବକ। ତା'ପରି ଶାନ୍ତ ଶିଷ୍ଟ ଯୁବକ ଜଣକ ଯେ ଏଡ଼େ ଭୟଙ୍କର ଅପରାଧ କରିପାରେ, ଏକଥାକୁ କେହିହେଲେ ବିଶ୍ୱାସ କରିପାରୁନଥିଲେ। ତେଣୁ କଥାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ପାଇଁ ସଂଜବେଳକୁ ଆମେ ଦଳେ ସାମ୍ବାଦିକ ପହଂଚି ଯାଇଥିଲୁ ପୁଲିସ ଷ୍ଟେସନରେ।

ସେତେବେଳକୁ ପୁଲିସ ହାଜତରେ ଥିଲେ ଚଡ଼ି ଆଉ ଗଞ୍ଜି ପିନ୍ଧିଥିବା ଜଣେ ଯୁବକ। ତାଙ୍କୁ ଦେଖିଲେ ଲାଗୁଥିଲା ତାଙ୍କର କି ଦୟନୀୟ ଅବସ୍ଥା ହୋଇସାରିଛି ଏଥି ମଧ୍ୟରେ। ଭାରପ୍ରାପ୍ତ ଥାନାଧିକାରୀଙ୍କଠୁ ଅନୁମତି ନେଇ ଆମେ ତାଙ୍କୁ ସାକ୍ଷାତ କଲୁ ସେଇଠି। ଯୁବକ ଜଣକର ଚେହେରା ଦେଖିଲେ ଲାଗୁଥିଲା, ସେ ଉଚ୍ଚ ଶିକ୍ଷିତ ହୋଇଥିବେ ନିଶ୍ଚୟ। ବୈଷୟୀକ ଡିଗ୍ରୀଧାରୀ ଏଇ ଉଚ୍ଚ ଶିକ୍ଷିତ ଯୁବକମାନେ ହିଁ ତ ଏମିତି ଛୋଟ ଛୋଟ ଅପରାଧିକ କାମସବୁ କରୁଛନ୍ତି ଆଜିକାଲି। କାହାକୁ ବାହାରୁ ଦେଖି ନିରପରାଧ ବୋଲି କହିହେବ ନାହିଁ କେବେହେଲେ। କଣ ଅବା କରିବେ ସେମାନେ? ଚାକିରୀ ମିଳୁନାହିଁ ଯେତେବେଳେ ଏପରି ଅସାଜିକ କାର୍ଯ୍ୟକୁ ବୃତିଭାବେ ଗ୍ରହଣ କରି ନେଉଛନ୍ତି ସେମାନେ। ରାହାଜାନି, ବ୍ୟାଙ୍କ ଡକାୟତି, ଏ.ଟି.ଏମ୍. ଲୁଟେରା, ଜାଲ୍‌ନୋଟ୍ କାରବାର ପରି ପ୍ରତିଟି ଅପରାଧିକ କାର୍ଯ୍ୟକୁ ସେମାନେ କରି ପାରୁଛନ୍ତି ଅତି ସହଜରେ। ବାଘ ସାପ ପରି ଖୁବ୍ ସୁନ୍ଦର ଚେହେରା ଭିତରେ ଲୁଚି ରହିଥାଏ ଅତ୍ୟନ୍ତ ହିଂସ୍ର ଜୀବଟିଏ। ଏଇ ବାବୁ ଯେ ସେମିତି ହୋଇ ନଥିବେ ଏହାର ଗ୍ୟାରେଣ୍ଟି ଦେବ କିଏ? ଆହା କି କାଳ ନହେଲା ସତରେ?

"ତୁମେ କେବେଠୁ ଏଇ ଧନ୍ଦା ଆରମ୍ଭ କଲଣି?" ଆମ ଭିତରୁ କେହିଜଣେ ସାମ୍ବାଦିକ ପ୍ରଶ୍ନ କଲେ।

"କୋଉ ଧନ୍ଦା ସାର୍? ମୁଁ ଆପଣଙ୍କ ପ୍ରଶ୍ନକୁ ଠିକ୍‌ଭାବେ ବୁଝି ପାରିଲି ନାହିଁ।" ଯୁବକଟି କହିଲା।

"ଆହା..ହା, ମୁଁ ମରି ଯାଏଟି। ପୁରାପୁରି ତ ଅଜାଣି ସୀତା, ଗୁଡ଼କୁ କହୁଛି କୋଚିଲା ପିତା। ସତେ ଯେମିତି କିଛି ବୁଝି ପାରୁନ ତୁମେ? ହଇହୋ ଏଇ ଜାଲ୍‌ନୋଟ୍ ଛାପା କାମ କେବେଠୁ ଆରମ୍ଭ କଲଣି ତୁମେ? ଆଉ କିଏ କିଏ ଅଛନ୍ତି ତୁମ ସାଥିରେ?" ଆମ ସାଙ୍ଗରେ ଥିବା ମହିଳା ସାମ୍ବାଦିକା ଜଣକ ପ୍ରଶ୍ନକଲେ।

"ମୁଁ ସତ କହୁଛି ମ୍ୟାଡମ୍। ଏଇ ମୋର ଆଖି ଛୁଉଁଛି। ମୋ ଛାତି ଉପରେ ହାତ ଥୋଇ ଜଗନ୍ନାଥଙ୍କ ନାମରେ ସପଥ କରି କହୁଛି। ମୁଁ ସେମିତି କିଛି ଅପରାଧ କରିନାହିଁ। ଆପଣମାନେ ହେଲେ ମୋତେ ବିଶ୍ୱାସ କରନ୍ତୁ। ମୁଁ ସତ କହୁଛି। ମୁଁ କେବେ କୋଉ ଜାଲ୍ ନୋଟ୍ କାରବାର କରେନାହିଁ। ମହାତ୍ମା ଗାନ୍ଧୀଙ୍କ ନୀତି ଆଉ ଆଦର୍ଶକୁ ବିଶ୍ୱାସ କରୁଥିବା ସାଧାରଣ ମଣିଷଟିଏ ମୁଁ। ଏବେ ୟୁନିଭରସିଟିରେ ଗାନ୍ଧୀ ଦର୍ଶନର ସ୍ନାତକୋତ୍ତର ଛାତ୍ର ମୁଁ।" ଏତିକି କହିଲା ବେଳକୁ ଛୋଟପିଲା ପରି ବିକଳ ହୋଇ ଭୋ ଭୋ କାନ୍ଦିବାକୁ ଲାଗିଥିଲା ସେ।

"ତାହେଲେ ତୁମେ ଜାଲ୍‌ନୋଟ୍ ସହ ଧରାପଡ଼ିଲ କେମିତି? ପୁଲିସବାବୁ କହୁଛନ୍ତି ତୁମେ ଜଣେ ଅପରାଧି? କୁଆଡ଼େ ଜାଲ୍‌ନୋଟ୍ କାରବାର କରୁଥିବା କଥା ସ୍ୱୀକାର କରିସାରିଛ ମଧ୍ୟ?" ପଚାରିଲେ ଅନ୍ୟ ଜଣେ ସାମ୍ବାଦିକ ବନ୍ଧୁ।

"ମିଛ କଥା। ସଂପୂର୍ଣ୍ଣ ମିଛ କଥା। ଡାହା ମିଛ। ଏଇ ଦେଶର ଆଇନର ବ୍ୟବସ୍ଥା ହିଁ ଏମିତି। ଯାହା ହାତରେ ଜାଲ୍‌ନୋଟ୍ ବାହାରିଲା, ସିଏ ହିଁ ଅପରାଧି। ବାଃ ବାଃ ରେ ଆଇନ୍!! ଶୁଆ ଖାଏ ଧାନ ଆଉ ବଗ ପଡ଼େ ବନ୍ଧନ। ଯିଏ ଦୋଷୀ, ସିଏ ଖସିଯାଏ ସହଜରେ। ଆଉ ନିରୀହ ନିଷ୍ପାପ ଲୋକଟିଏ ପଡ଼ିଯାଏ ହରଡ଼ଘଣାରେ। ଏ କି ପ୍ରକାର ଆଇନ ବ୍ୟବସ୍ଥା ହୋ? ଯେତେ ଚେଷ୍ଟାକଲେ ହେଁ ବୁଝିପାରେ ନାହିଁ ମୁଁ। ହଁ, ଏକଥା ସତ ଯେ, ସେଇ ତଥାକଥିତ ଜାଲ୍ ଦୁଇ ହଜାର ଟଙ୍କିଆ ନୋଟ ତିନିଖଣ୍ଡ ମୋ ହାତରେ ଥିଲା, ଯେଉଁ ନୋଟରୁ କୁଆଡ଼େ ହଜିଯାଇଛି ବାପୁଜୀଙ୍କ ପ୍ରତିଛବି। ସେଇ ନୋଟ୍‌ତକ ମୁଁ କିନ୍ତୁ ପାଇଥିଲି ଏଇ ସହରର ଏକ ପ୍ରତିଷ୍ଠିତ ବ୍ୟାଙ୍କ ଏ.ଟି.ଏମ୍.ରୁ। ବାପା ଟ୍ରାନ୍ସଫର କରିଦେଇଥିବା ଟଙ୍କାରୁ ଆଜି ସର୍ବମୋଟ ଦଶ ହଜାର ଟଙ୍କା ଉଠେଇଥିଲି ମୁଁ। ସେଇ ଏ.ଟି.ଏମ୍. ମେସିନ୍‌ରୁ ମୋତେ ମିଳିଥିଲା ପାଂଚଟି ନୂଆ ଦୁଇ ହଜାର ଟଙ୍କିଆ ନୋଟ୍, ଯାହାର କ୍ରମିକ ସଂଖ୍ୟା ମଧ ଥିଲା କ୍ରମାନ୍ନୟରେ। ସେଥିରୁ ଦୁଇଖଣ୍ଡ ନୋଟ୍ ଠିକ୍ ଥିବାବେଳେ, ବାକି ତିନିଖଣ୍ଡରେ ନଥିଲା ମହାତ୍ମା ଗାନ୍ଧୀଙ୍କ ପ୍ରତିଛବି। ଅବଶ୍ୟ ଏ ବିଷୟରେ ବ୍ୟାଙ୍କରେ ଜଣେଇବାକୁ ଚାହିଁଥିଲି ମୁଁ। କିନ୍ତୁ ଆଜି ବ୍ୟାଙ୍କ ଛୁଟି ଥିବାରୁ କିଛିହେଲେ କରିପାରିଲି ନାହିଁ। ତେଣୁ ବାଧହୋଇ ପୁଲିସ ଷ୍ଟେସନକୁ ଆସିଥିଲି ମୁଁ ଏଫ୍.ଆଇ.ଆର୍. ଦେବା ପାଇଁ, ଏଇ ନୋଟ୍‌ରୁ ମହାତ୍ମା ଗାନ୍ଧୀଙ୍କ ମିସିଂ ରିପୋର୍ଟ ଲେଖାଇବା ପାଇଁ। ତାହା ହିଁ ଥିଲା ମୋର ଅପରାଧ। ମସ୍ତବଡ଼ ଅପରାଧ। ମୁଁ ଯଦି ଅପରାଧି, ତେବେ ସ୍ୱଇଚ୍ଛାରେ କେମିତି ନିଜେ ନିଜେ ଚାଲି ଆସିଥିଲି ଥାନା ଭିତରକୁ? ବାଘ କଣ ଆପେ ଆପେ ଜନ୍ତାରେ ଧରାଦିଏ ସାର୍? ଏଇକଥା କେହି ହେଲେ ତ ଥରେ ଭାବିଦେଖନ୍ତୁ?

ବାପୁଜୀଙ୍କ ପ୍ରତି ଅପମାନ। ଘୋର ଅପମାନ। ଆପଣମାନେ ହେଲେ କୁହନ୍ତୁ, ବାପୁଜୀଙ୍କ ନୀତି ଆଉ ଆଦର୍ଶକୁ ବିଶ୍ୱାସ କରୁଥିବା ଜଣେ ଯୁବକ କେମିତି ହେଲେ ସହ୍ୟ କରି ପାରିଥାନ୍ତା ଏଇ ଅବିଚାର? କିନ୍ତୁ ସେଇଟା ହିଁ ମୋ ପାଇଁ କାଳ ହେଲା ଆଜି। କିଛି ଅନୁସନ୍ଧାନ ନକରି ଏଇବାବୁମାନେ ମୋତେ ଅପରାଧି ସଜେଇ ଦେଲେ ଜାଲ୍‌ନୋଟ୍ ମାଫିଆ ଭାବେ। ମୁଁ ଅପରାଧି? ତାହେଲେ ଆପଣମାନେ ବି ବିଶ୍ୱାସ କରୁଛନ୍ତି ଏକଥା? ଓଃ କି କଷ୍ଟ ସତରେ? ଏଦିନ ଦେଖିବା ପୂର୍ବରୁ ମୋତେ ଯାହା ମରଣ ହେଲାନାହିଁ। ଦୟାକରି ମୋ ଅବସ୍ଥା ଦେଖନ୍ତୁ। ଏଇଠି କେମିତି ହୁଏ ଅପରାଧ ଅନୁସନ୍ଧାନ, ସେକଥା ଆପଣମାନେ କଣ ଜାଣନ୍ତି ନାହିଁ? ହଣ୍ଟର ଦେଖିଲେ ତ ସର୍କସର ବାଘ ବି ବୋଲ ମାନେ ସାର୍, ମୁଁ ଅବା କି ଛାର ମାତ୍ର? ନିଜକୁ ବଂଚେଇବା ପାଇଁ ଅପରାଧ ସ୍ୱୀକାର କରିବା ବ୍ୟତିତ ଅନ୍ୟପନ୍ଥା ହିଁ ନଥିଲା ମୋର।

ସମାଜର ସଜାଗ ପ୍ରହରୀ ଆପଣମାନେ। ସତ୍ୟର ପୂଜାରୀ। ଆପଣମାନେ ହେଲେ ମୋ କଥା ଟିକେ ବୁଝନ୍ତୁ। ଉପଯୁକ୍ତ ଅନୁସନ୍ଧାନ କରି ମୋତେ ଆଉ ମୋ ବିଶ୍ୱାସ, ମୋ ବାପୁଜୀ ମହାତ୍ମା ଗାନ୍ଧୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ।" ବଡ଼ କାକୁସ୍ଥ ଭାବେ ହାତଯୋଡ଼ି ନ୍ୟାୟଭୀକ୍ଷା କରୁଥିଲା ଯୁବକ ଜଣକ।

"ଠିକ୍ ଅଛି, ଠିକ୍ ଅଛି। ଅସନ୍ତାକାଲି ବ୍ୟାଙ୍କ ଖୋଲିବା ପରେ ପରେ ଏବିଷୟରେ ଅନୁସନ୍ଧାନ କରିବୁ ଆମେ। 'ଲକ୍ଷେ ଅପରାଧି ପଛେ ଖସି ଯାଆନ୍ତୁ, କିନ୍ତୁ ନିରପରାଧିଟିଏ ଦଣ୍ଡିତ ନହେଉ।' ଏହା ହିଁ ତ ଆମ ଦେଶର ବିଧି ବିଧାନ।" ଯୁବକ ଜଣକୁ ଶାନ୍ତ୍ୱନା ଦେଇ ଫେରି ଆସିଲୁ ଆମେ ଥାନାବାବୁଙ୍କ ଚେମ୍ବରକୁ। ସେଇଠୁ ତଥା କଥିତ ଜାଲ୍‌ନୋଟ୍‌ର ଫଟୋ ଉଠେଇ ଫେରି ଆସିଥିଲୁ ଘରକୁ। ଫେରିବା ବେଳେ ବ୍ୟାଙ୍କରେ ଏଇ ନୋଟ୍‌ର ସତ୍ୟାସତ୍ୟ ଅନୁସନ୍ଧାନ କରିବା ପାଇଁ ଅନୁରୋଧ କରିଥିଲୁ ଥାନାବାବୁଙ୍କୁ।

ପରଦିନ ବ୍ୟାଙ୍କ ଖୋଲିବା ପରେ ଅଭିଯୁକ୍ତ ଯୁବକକୁ ନେଇ ବ୍ୟାଙ୍କରେ ପହଂଚିଲେ ପୁଲିସ ବାବୁମାନେ। ଆମେ ସାମ୍ବାଦିକମାନେ ମଧ ପହଂଚି ଯାଇଥିଲୁ ବ୍ୟାଙ୍କରେ ଠିକ୍ ସମୟରେ। ଏଟିଏମ୍ ଚାର୍ଜରେ ଥିବା କ୍ୟାସ୍ ଅଫିସର୍, ତାଙ୍କର ରେଜିଷ୍ଟର ସହ ମିଳେଇ ଦେଖିଲେ ସେଇ ନୋଟ୍‌ସବୁକୁ। ବ୍ୟାଙ୍କ ରେଜିଷ୍ଟର ସହିତ ମିଶି ଯାଉଥିଲା ତାର କ୍ରମିକ ସଂଖ୍ୟା। ତନ୍ନ ତନ୍ନ କରି ପରୀକ୍ଷା କଲେ ମଧ ତାର ସୁରକ୍ଷା ବିଶେଷତ୍ୱ। ଅସଲି ଥିଲା ସେସବୁ, କେବଳ ମହାତ୍ମା ଗାନ୍ଧୀଙ୍କ ପ୍ରତିଛବି ବ୍ୟତିତ। ସେତକ ଥିଲା ଛାପାକଳ ଜନୀତ ଏକ ଅନିଚ୍ଛାକୃତ ତୃଟି। କ୍ଷମା ପ୍ରାର୍ଥନା ସହ ସଙ୍ଗେ ସଙ୍ଗେ ନୋଟ ସବୁକୁ ବଦଳ କରିଦେଲେ ବ୍ୟାଙ୍କ ଅଧିକାରୀ। ଆମେ ସମସ୍ତେ ଫେରି ଆସିଲୁ ଥାନାକୁ।

ନିରୀହ ଯୁବକ ଜଣକ ସସମ୍ମାନେ ଛାଡ଼ ପାଇଗଲେ ଆଇନର ଶକ୍ତପଞ୍ଝା ଭିତରୁ। ଯିବା ସମୟରେ ଆମକୁ ଗଦ୍‌ଗଦ କଣ୍ଠରେ ଧନ୍ୟବାଦ ଦେଲେ ସେ। ତା ସହିତ ଜଣେ ଦାର୍ଶନୀକ ପରି କହିବାକୁ ଲାଗିଥିଲେ "ଆମ ମାନସ ପଟରୁ କେବେଠୁ ହଜି ଗଲେଣି ମହାତ୍ମା ଗାନ୍ଧୀ। ତାଙ୍କ ନୀତି ଆଉ ଆଦର୍ଶକୁ ବି ଆମେ ହତ୍ୟା କରିବାରେ ଲାଗିଛୁ ପ୍ରତିଦିନ, ପ୍ରତିଟି ମୁହୂର୍ତରେ। ଆହା, ବାପୁଜୀ ହେଲେ ମିଳି ଯାଆନ୍ତେ ଆମକୁ। ଅତିକମ୍‌ରେ ତାଙ୍କ ସ୍ୱପ୍ନର ରାମରାଜ୍ୟ ତ ଫେରି ଆସନ୍ତା ଏଇ ଦେଶକୁ।"

*ଭାରତୀ କୁଟୀର, ଡୁଙ୍ଗୁରିପାଲି – ୭୬୭୦୨୩,*
*ସୁବର୍ଣ୍ଣପୁର, ମୋ : ୯୪୩୭୬୪୦୩୧୬*

## ରଥଯାତ୍ରା ପାଇଁ ଉଚ୍ଚସ୍ତରୀୟ ବୈଠକ

# ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ



**ଭୁବନେଶ୍ୱର :** ରାଜ୍ୟ ସଚିବାଳୟରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରାକୁ ଶାନ୍ତି, ଶୃଙ୍ଖଳାର ଶେଷ କରିବା ପାଇଁ ବ୍ୟାପକ ଆଲୋଚନା କରାଯାଇଛି । ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପରିମଳ ଓ ପରିବେଶ ବ୍ୟବସ୍ଥା ବଜାୟ ରଖିବା ସହିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି । ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବଜାୟ ରଖିବା ପାଇଁ ସମସ୍ତ ପ୍ରକାର ଆଗୁଆ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଜେନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜୁନ୍ ୨୫ରୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ଏହି ସମୟରେ ପୁରୀକୁ ଆସୁଥିବା ଯାତ୍ରୀଙ୍କୁ ଚିକିତ୍ସା ଯୋଗାଇଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆଶୁଚିକିତ୍ସା କେନ୍ଦ୍ର ଖୋଲିବ । ସେହିପରି ଆମ୍ବୁଲାନ୍ସ ବ୍ୟବସ୍ଥା, କୌଣସି ପ୍ରକାର ରୋଗ ବା ମହାମାରୀକୁ ତୁରନ୍ତ ରୋକିବା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବା ସହିତ ପରିମଳ ବ୍ୟବସ୍ଥାକୁ ବଜାୟ ରଖିବା ଦିଗରେ ଆଲୋଚନା କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩୨ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମଧ୍ୟ କେତେକ ଆଶୁଚିକିତ୍ସା କେନ୍ଦ୍ର ଖୋଲିବ । ମହାପ୍ରଭୁଙ୍କ ଯାତ୍ରା ପାଇଁ ରାଜ୍ୟ ସରକାର ୩୦ଟି ଆମ୍ବୁଲାନ୍ସ ମୁତୟନ କରିବେ । ତେବ ଯେଉଁ ସବୁ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବୁଲାନ୍ସ ଯୋଗାଇଦେବେ ତାହା ଏନ୍‌ଜିଓ ବୈଠକରେ ନିଷ୍ପତ୍ତି ହେବ । ଅନ୍ୟପକ୍ଷରେ ପୁରୀ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ୧୩ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲିବ । ପୁରୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପକ୍ଷରୁ ବିଶେଷଜ୍ଞ ଡାକ୍ତର ମୁତୟନ ସହ ୨୪ ଘଣ୍ଟିଆ ଓପିଡି ବ୍ୟବସ୍ଥା ଚାଲୁ ରହିବ । ଯାତ୍ରା ସମୟରେ ୨୦୩-ଜାତୀୟ ରାଜପଥର ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ- ପିପିଲି, ମଙ୍ଗଳପୁର, ସାତଶଙ୍ଖ, ସାକ୍ଷୀଗୋପାଳ, ଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ଓପିଡି ଏବଂ କାଜୁଆଲିଟି ସେବା ମିଳିବ । ଦୋଳବେଦୀକୋଣ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ଶଯ୍ୟା ବ୍ୟବସ୍ଥା କରାଯିବ ଏବଂ ଏହା ଶ୍ରୀଗୁଣ୍ଡିଚା ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଦିବାରାତ୍ର କାର୍ଯ୍ୟ କରିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦ଟି ଅଧିକ ଶଯ୍ୟା ବ୍ୟବସ୍ଥା କରାଯିବ । ଜରୁରୀ ଆବଶ୍ୟକତା ନିମନ୍ତେ ବିଭିନ୍ନ ଗ୍ରୁପର ୨୦୦ ୟୁନିଟ୍ ରକ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାରେ ମହଜୁଦ ରଖାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ବିଶେଷଜ୍ଞ ଡାକ୍ତରଙ୍କ ଠାରୁ ଆରମ୍ଭ କରି ଷ୍ଟାଫ୍‌ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟାନ୍ୟ ପାରାମେଡିକାଲ୍ ମୋଟ ୫୮୬ ଜଣଙ୍କୁ ମୁତୟନ କରାଯିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ (୦୬୭୫୨-୨୨୨୧୭୫) କାର୍ଯ୍ୟ କରିବ । ଅନ୍ୟପକ୍ଷରେ ପାନୀୟ ଜଳ ଉତ୍ସଗୁଡ଼ିକ ନିୟମିତ ଭାବେ ବିଶୋଧନ କରାଯିବା ସହିତ ନମୁନା ପରୀକ୍ଷା ହେବ । ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସଚେତନତା ଠାରୁ ଆରମ୍ଭ କରି ବିଭିନ୍ନ ବିଷୟରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା, ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ଅର୍ଚ୍ଚନା ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଶାସନ ସଚିବ ସୁରଜିତ ଦାଶ, ହରିବଲ୍ଲଭ ମିଶ୍ର ଓ ଶରତ ଚନ୍ଦ୍ର ମିଶ୍ର, ସ୍ୱତନ୍ତ୍ର ସଚିବ ଡା. ଜେକେ ତ୍ରିପାଠୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବ୍ରଜକିଶୋର ବ୍ରହ୍ମା, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଲିଙ୍ଗରାଜ ମିଶ୍ର, ଡା. କାଜଲ ରକ୍ଷିତ ଉପସ୍ଥିତ ଥିଲେ ।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା :** ସୋମବାର ଦିନ ଏକ ହତ୍ୟା ମାମଲାର ବିଚାର କରି କଳାହାଣ୍ଡି ଜିଲ୍ଲା ଦୌରା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ହତ୍ୟାକାରୀ ଜୟସିଂହ ମାଝୀକୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ପିଙ୍ଗଳ କୋଡ ଦଫା ୩୦୨ରେ ଆଜିବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ହେଲେ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଏହି କି ଯେ କଳାହାଣ୍ଡି ଜିଲ୍ଲା ଥୁ.ରାମପୁର ଥାନା ଅନ୍ତର୍ଗତ ପୁରୁଣାପଦର ଗ୍ରାମର ଆସାମୀ ଜୟସିଂହ ମାଝୀ ୧୮.୧୧.୨୦୧୪ ତାରିଖ ଦିନ ପୁରୁଣାପଦର ଗ୍ରାମର ଲାଇବନ ବାଗ ଓରଫ ହରିଜନ (୪୦) ନିଜ ଘର ବାରଣ୍ଡାରେ ଖାଇବା ପାଇଁ ବସିଥିବା ସମୟରେ ଆସାମୀ ଜୟସିଂହ ମାଝୀ ଏକ ଟାଙ୍ଗିଆ ହାତରେ ଧରି ନୃସଂଶ ଭାବରେ ଲାଇବନକୁ ହାଣି ପକାଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକ ଲାଇବନ ମାଝୀର ସ୍ତ୍ରୀ ଆଳମଣି ହରିଜନ ଥୁ.ରାମପୁର ଥାନାରେ ଅଭିଯୋଗ କରିବା ପରେ କେସଂ ନଂ. ୭୩, ତା. ୧୯.୧୧.୨୦୧୪, ଦଫା ୪୪୯/୩୦୨ରେ ଏକ ମାମଲା ଦାୟର କରାଯାଇଥିଲା । ସିଟି କେସ୍ ନଂ. ୭/୨୧୫ ସେସନ କେସ୍‌ର ଶୁଣାଣି କରି ଆଜି ଜିଲ୍ଲା ଦୌରା ଜଜ୍ ଆସାମୀ ଜୟସିଂହ ମାଝୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦୦୦ ଟଙ୍କା ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବା ସକାଶେ ଦଣ୍ଡ ବିଧାନ କରିଛନ୍ତି । ଏହି ମାମାଲାରେ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଭବାନୀଶଙ୍କର ମିଶ୍ର କେସ୍ ପରିଚାଳନା କରିଥିଲେ ।

# ଖୋରଧା ସହରରେ ବେନିୟମ ନିର୍ମାଣ ପ୍ରତି ବିଡ଼ିଏର ଧାନ ନାହିଁ

**ଖୋରଧା :** ସହରରେ ବିଭିନ୍ନ ସ୍ଥାନରେ ଦିନକୁ ଦିନ ବେନିୟମ ନିର୍ମାଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ବି.ଡ଼ି.ଏ ଓ ଖୋରଧା ପୌରପରିଷଦ ମଧ୍ୟରେ ସମନ୍ୱୟ ଅଭାବରୁ ସହର ଭିତରେ ବେନିୟମ ନିର୍ମାଣ ବୃଦ୍ଧି ପାଉଛି । ବେନିୟମ ଭାବରେ କୋଠା ଘର ସବୁ ନିର୍ମାଣ ଯୋଗୁଁ ଟ୍ରାଫିକ୍ ସମସ୍ୟା ଠାରୁ ଆରମ୍ଭ କରି ଜଳ ନିଷ୍କାସନ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଛି । ଯାହାଫଳରେ ସାଧାରଣ ଲୋକେ ହଇରାଣ ହରକତ ହେଉଛନ୍ତି । କେଉଁଠି ବେନିୟମ ଭାବରେ ଉଚ୍ଚ ଅଟ୍ଟାଳିକାମାନ ନିର୍ମାଣ କରାଯାଉଛି ତ ଆଉ କେଉଁଠି ବିନା ବିଡ଼ିଏ ପ୍ଲାନରେ ଘର ତିଆରି କରାଯାଉଛି । ବିଶେଷ କରି ଟ୍ରାଫିକ୍ ଓ ଜଳ ନିଷ୍କାସନ ସମସ୍ୟା ବଢୁଥିଲେ ମଧ୍ୟ ଖୋରଧା ପୌରପରିଷଦ ତଥା ବିଡ଼ିଏ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ । ଯଦି ଏଭଳି ବେନିୟମ ନିର୍ମାଣ ସହରରେ ବଢି ଚାଲେ ତେବେ ଭବିଷ୍ୟତରେ ଯେଉଁ ସମସ୍ୟା ସୃଷ୍ଟି ହେବ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଦିଗହରା ସ୍ୱାସ୍ଥ୍ୟ ବୀମା ଓ ବିଜୁ କୃଷକ କଲ୍ୟାଣ ଯୋଜନା

**ଖୋରଧା :** ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କେବଳ ନର୍ସିଂ ହୋମ ମାଲିକମାନଙ୍କୁ ବଡ଼ ଲୋକ କରିଥିବା ବେଳେ ହିତାଧିକାରୀମାନଙ୍କୁ ଶୋଷଣ କରୁଛନ୍ତି । ଏଭଳି ଅନେକ ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ୨୦୧୨ ମସିହାରେ ଏହି ବୀମା ଯୋଜନା ଆରମ୍ଭ ହୋଇଥିଲା । ୨୦୧୪ ମସିହାରେ ବିଜୁ କୃଷକ କଲ୍ୟାଣ ଯୋଜନାର ଶୁଭାରମ୍ଭ ହୋଇଥିଲା । ଗରିବ ଦିନ ମଜୁରିଆ ଶ୍ରମିକ କୃଷକ ପରିବାର ଲୋକେ ଯେପରି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ନ ହୁଅନ୍ତି ସେ ଉଦ୍ଦେଶ୍ୟରେ ସରକାର ଦୁଇଗୋଟି ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ବହନ କରିଥାନ୍ତି । ଏଥିପାଇଁ ସ୍ମାର୍ଟ କାର୍ଡ଼ ମଧ୍ୟ ପ୍ରଦାନ କରାଯାଇଛି । ଚାଷୀ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ତାହା ଦେଖାଇ ଔଷଧ ଓ ପରୀକ୍ଷା ଖର୍ଚ୍ଚ ପାଇ ପାରିବେ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । କିନ୍ତୁ କାର୍ଡ଼ ଦ୍ୱାରା ହିତାଧିକାରୀ ଉପକୃତ ହେଉ ନାହାଁନ୍ତି । ବରଂ ନର୍ସିଂ ହୋମ ଓ ବୀମା କମ୍ପାନୀ ଅଧିକାରୀ ମାଲାମାଲ ହେଉଛନ୍ତି । ଏ କ୍ଷେତ୍ରରେ ଖୋରଧା ଜିଲ୍ଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଏହା ପଛରେ ଏକ ବଡ଼ ଧରଣର ଘୋଟାଲା ହେଉଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବୀ ହେଉଛି । ସାମାନ୍ୟ ଥଣ୍ଡା ଜ୍ୱର ହୋଇଥିଲେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ଓ ନର୍ସିଂ ହୋମ ଗୁଡ଼ିକ ପ୍ରଥମେ ସ୍ମାର୍ଟ କାର୍ଡ଼ ମାଗୁଛନ୍ତି । କାର୍ଡ଼ ନେଇ ସବିଶେଷ ବିବରଣୀ କମ୍ପ୍ୟୁଟରରେ ଚଢାଇବା ପରେ ଅନ୍ୟ ରୋଗ ହୋଇଛି ବୋଲି ଦର୍ଶାଇ ବିଲ୍ ପ୍ରସ୍ତୁତ କରିଥାନ୍ତି । ପରବର୍ତ୍ତୀ ସମୟରେ ବିଲ୍‌ରୁ ଅଧିକ ଅର୍ଥ କାଟି ନିଆଯାଇଥାଏ । ଫଳରେ ହିତାଧିକାରୀମାନେ ସାମାନ୍ୟତମ ଟେର ପାଇ ନଥାନ୍ତି । ଏହି ଘଟଣାକୁ ଖୋଦ୍ ବିଭାଗୀୟ ଅଧିକାରୀମାନେ ସ୍ୱୀକାର କରୁଥିବା ବେଳେ ଏ ନେଇ ଏହାର ନୀରପେକ୍ଷ ତଦନ୍ତ ନିତ୍ୟାନ୍ତ ଜରୁରୀ ବୋଲି ସାଧାରଣରେ ଦୃଢ ଦାବି ହେଉଛି ।

# ଡେନ୍ଟୁଳିଖୁଣ୍ଟି ବ୍ଲକରେ ଜଳଛତ୍ର ଧର୍ମକୁ ଆଖିଠାର

**ଡେନ୍ଟୁଳିଖୁଣ୍ଟି :** ଡେନ୍ଟୁଳିଖୁଣ୍ଟିର ୧୫ଟି ଗ୍ରାମ ପଞ୍ଚାୟତରେ ମୁଖ୍ୟ ରାସ୍ତାମାନଙ୍କର ମୁଖ୍ୟଛକ ଗୁଡିକରେ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜଳଛତ୍ର ଖୋଲିବା କଥା, କିନ୍ତୁ ଏହାର ପ୍ରାୟ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏଠାରେ ଜଳଛତ୍ର ଧର୍ମକୁ ଆଖିଠାର ସଦୃଶ୍ୟ ହୋଇଛି । ଜଳଛତ୍ର ପାଇଁ ଆଦେଶ ଦେଇ ପଞ୍ଚାୟତ ଚୁପ୍ ହୋଇ ବସି ରହୁଛି । ଯିଏ ପାଣି ଯୋଗାଇବା କଥା ତାହାର କେନ୍ଦ୍ର ପାଖରେ ଦେଖାନାହିଁ । ପୁଣି ହାଣ୍ଡି, ମଗ, ଗ୍ଲାସ ସେହିପରି ସେଠାରେ ପଡିରହୁଛି । ପ୍ରତ୍ୟେକ ଦିନ ହାଣ୍ଡି ସଫା ହେବା କଥା ତାହା ମଧ୍ୟ ହେଉନାହିଁ । ଏ ବିଷୟରେ ସମ୍ପୃକ୍ତ ପାଣି ଯୋଗାଉଥିବା ଲୋକଙ୍କୁ ପଚାରିବାରୁ ପାରିଶ୍ରମିକ ଠିକ ସମୟରେ ମିଳୁନାହିଁ । ପୁଣି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ପଚାରିଲେ ସରପଞ୍ଚ, ସରପଞ୍ଚଙ୍କୁ ପଚାରିଲେ ପିଇଓ ଦେବ ବୋଲି ଚାଲି ଯାଉଛନ୍ତି । ସମ୍ପୃକ୍ତ ପିଇଓଙ୍କୁ ପଚାରିଲେ କେତୋଟି କେନ୍ଦ୍ର ଖୋଲାଯାଇଛି ମଧ୍ୟ ଜାଣି ନଥିବା ଅଭିଯୋଗ ହେଉଛି । ସେହିପରି ଗତ ଜିଲ୍ଲାପାଳଙ୍କ ଜନ ଶୁଣାଣି ସମୟରେ ଜଳଛତ୍ରରେ ପାଣି ଯୋଗାଇ ପାରିଶ୍ରମିକ ପାଇ ନଥିବା ଅଭିଯୋଗ ହୋଇଥିବା ଦେଖାଯାଇଥିଲା । ସରକାର ପଥଚାରୀଙ୍କ ପାଇଁ ଗଛମୂଳେ କିମ୍ବା ବିଶ୍ରାମ ଗୃହ ନିକଟରେ ଖରା ମାସରେ ପଥଚାରୀ ବିଶ୍ରାମ ନେବା ସହିତ ବିଶୁଦ୍ଧ ପାଣି ଟିକିଏ ପିଇବାକୁ ଯୋଗାଇବା ପାଇଁ ଖୋଲିଥିଲେ, କିନ୍ତୁ ଏଠାରେ ବିଶୁଦ୍ଧ ପାଣି କ'ଣ ଏଠାରେ ଅପରିଷ୍କାର ବାସି ପାଣି ମିଳୁଥିବା ଅଭିଯୋଗ ହେଉଛି । ଏହା ଧର୍ମକୁ ଆଖିଠାର ନୁହେଁ ତ ଆଉ କ'ଣ । ସରକାରୀ ବାବୁମାନେ ଏହି ରାସ୍ତା ଦେଇ ଯାତାୟତ କରୁଥିଲେ ମଧ୍ୟ ଗୋଟିଏ ବି ଦିନ ପଚାରି ନବୁଝିବା ପିଇଓଙ୍କ ପାଖରେ କେତେଟି କେନ୍ଦ୍ର ଅଛି ଉତ୍ତର ନଥିବ । ପୁଣି ମାସକୁ ମାସ ଜଳ ଯୋଗାଉଥିବା ବ୍ୟକ୍ତିଙ୍କୁ ପାରିଶ୍ରମିକ ନଦେବା ଯାହା ଫଳରେ ପାଣି ଠିକ୍ ସେ ଯୋଗାଉନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହିତ ପ୍ରତିକାର ପାଇଁ ସଜାବ ରହିବାକୁ ସାଧାରଣରେ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତିର ଆଶା ...

ଆମେରିକାକୁ ଧମକ ଦେଉଥିଲେ । ଆମେରିକା ତଥା ଜାତିସଂଘ ତରଫରୁ ଉତ୍ତର କୋରିଆ ବିରୋଧରେ ଅନେକ ପ୍ରକାରର ଅର୍ଥନୀତିକ କଟକଣା ଲାଗୁ ହୋଇଛି । ଦକ୍ଷିଣ କୋରିଆ ସହ ସେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚାହିଁବେ ଏହା ଆଶା କରାଯାଉନଥିଲା । ତେବେ କିଛି ଦିନ ପୂର୍ବେ ଉତ୍ତର କୋରିଆ ଆଉ ଅଣୁଅସ୍ତ୍ର ପରୀକ୍ଷା ନକରିବାକୁ ନିଷ୍ପତ୍ତି ନେଇଥିଲା । ସୂଚନାଯୋଗ୍ୟ, କିମ୍ ଜଙ୍ଗ ମିଲିଟାରୀ ଡିମାର୍କେସନ୍ ଲାଇନ୍ ପାର ହୋଇ ଦକ୍ଷିଣ କୋରିଆର ସୀମାବର୍ତ୍ତୀ ଏକ ଗ୍ରାମରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ସ୍ୱାଗତ କରି କରମର୍ଦ୍ଦନ କରିଥିଲେ । କିମ୍ ଜଙ୍ଗ୍ କହିଥିଲେ ଯେ ସେ ଏକ ନୂଆ ଇତିହାସ ରଚିବାକୁ ଚାହୁଁଛନ୍ତି । ଉଭୟ ରାଷ୍ଟ୍ରମୁଖ୍ୟ ପ୍ରାୟ ୪୫ମିନିଟ୍ ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସୀମାରେ ଶନ୍ତି ପାଇଁ ଉଭୟ ନେତା ପାଇନ୍ ଗଛ ରୋପଣ କରିଥିଲେ ।

### ଋଣ ଦେବା ...

ମଞ୍ଜୁର କରିଛନ୍ତି । ୨୦୧୭ ସେପ୍ଟେମ୍ବର ୧୩ତାରିଖରେ ପୂର୍ବତନ ବିଧାୟକଙ୍କ ସ୍ୱାସ୍ଥ୍ୟବୀମାକୁ ୧ଲକ୍ଷ ଟଙ୍କାରୁ ଅଢ଼େଇ ଲକ୍ଷ ଟଙ୍କାକୁ ବୃଦ୍ଧି ହୋଇଥିଲା । କିନ୍ତୁ ଏହାକୁ ନେଇ ପୂର୍ବତନ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା । ବଜେଟ୍ କମିଟିର ସୁପାରିସ୍‌ରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏହା ସହିତ ମନ୍ତ୍ରିମଣ୍ଡଳର ଯେଉଁ ସଦସ୍ୟ ସରକାରୀ ବାସଭବନ ପାଇନଥିବେ ତାଙ୍କୁ ଦୈନିକ ଘରଭଡ଼ା ବାବଦରେ ୧୦୦ଟଙ୍କା ପରିବର୍ତ୍ତେ ୧୦୦୦ଟଙ୍କା ମିଳିବ । ଏଥିପାଇଁ ଆବଶ୍ୟକ ଓଡ଼ିଶା ବିଧାନସଭା ସଦସ୍ୟ ଦରମା,ଭତ୍ତା ଓ ପେନ୍‌ସନ୍ ଆକ୍ଟ-୧୯୫୪ରେ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି । ଏହି ବିଲ୍ ଅନୁମୋଦନ ନିମନ୍ତେ ବିଧାନସଭାକୁ ପଠାଯିବ । ସେହିପରି ଓଡ଼ିଶା ଫରେଷ୍ଟ୍ ସର୍ଭିସ୍ ଗ୍ରୁପ୍-୧(ଜୁନିୟର ବ୍ରାଞ୍ଚ୍) ରୁଲ୍‌ସ୍-୨୦୧୩ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଫରେଷ୍ଟର୍‌ଙ୍କୁ ଅତିରିକ୍ତ ଜଙ୍ଗଲ ସଂରକ୍ଷକ ପଦବୀ ପର୍ଯ୍ୟନ୍ତ ପଦୋନ୍ନତି ଦେବା ନିମନ୍ତେ ରାଜ୍ୟ ସରକାର ଫରେଷ୍ଟର୍‌ଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଯୁକ୍ତ ଦୁଇ ବିଜ୍ଞାନ ପରିବର୍ତ୍ତେ ସ୍ନାତକ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଫରେଷ୍ଟର ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟ ଯୁକ୍ତ ଦୁଇ ବିଜ୍ଞାନ ସହ ସ୍ନାତକ ହେବା ଜରୁରୀ । ମୋଟ ମଞ୍ଜୁରୀପ୍ରାପ୍ତ ୩୪୧ଟି ଅତିରିକ୍ତ ଜଙ୍ଗଲ ସଂରକ୍ଷକ ପଦବୀ ମଧ୍ୟରୁ ୨୨୭ଟି ପଦବୀ ସିଧାସଳଖ ନିଯୁକ୍ତି ପାଉଥିବା ଫରେଷ୍ଟ୍ ରେଞ୍ଜରଙ୍କ ପଦୋନ୍ନତି ଜରିଆରେ ପୂରଣ ହୋଇଥାଏ । ବାକି ପଦବୀକୁ ଫରେଷ୍ଟର୍ ର୍‍ୟାଙ୍କ୍‌ରୁ ପଦୋନ୍ନତି ପାଇ ଫରେଷ୍ଟ ରେଞ୍ଜର୍ ହେଉଥିବା ଅଫିସର୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥାଏ । ସେହିପରି ଓଡ଼ିଶା ଭୂତଳ ଜଳ (ନିୟନ୍ତ୍ରଣ, ବିକାଶ ଓ ପରିଚାଳନା) ବିଲ୍-୨୦୧୧ର ଦୁଇଟି ଧାରାକୁ ନେଇ ରାଷ୍ଟ୍ରପତି ଆପତ୍ତି ଉଠାଇବା ପରେ ଏହାର ସଂଶୋଧନ ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏହି ବିଲ୍‌ର ଦୁଇଟି ପ୍ରାବଧାନ କେନ୍ଦ୍ରୀୟ ବିଦ୍ୟୁତ୍ ଆଇନ-୨୦୦୩କୁ ବିରୋଧ କରୁଛି । ଯାହାକୁ ଦୃଷ୍ଟିରେ ରଖି ଏହି ଭୂତଳ ଜଳ ବିଲ୍‌ରେ ସଂଶୋଧନ ପ୍ରସ୍ତାବ କ୍ୟାବିନେଟ୍‌କୁ ଆସିଥିଲା । ଏହା ଲାଗୁ ହେଲେ ଭୂତଳ ଜଳସମ୍ପଦର ସୁନିୟନ୍ତ୍ରଣ, ପରିଚାଳନା ଓ ବିକାଶକୁ ସୁନିଶ୍ଚିତ କରାଯାଇପାରିବ । ସେହିପରି ଓଡ଼ିଶା ସରକାର ରୁଲ୍‌ସ୍ ଅଫ୍ ବିଜିନେସ୍‌ର ରୁଲ୍-୧୪ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ବୋଲି ଜଣାପଡ଼ିଛି ।

### ଦୁଷ୍କର୍ମ ଓ ହତ୍ୟା ...

ଦୃଷ୍ଟିରୁ ତଥା ଆଇନତଃ ତ୍ରୁଟିଯୁକ୍ତ ଥିଲା । ସେହି ତ୍ରୁଟି ସଜାଡ଼ିବା ପାଇଁ ପକ୍‌ସୋ ଆଇନର ଧାରା ୪,୫ ଓ ୬ରେ ସଂଶୋଧନ ଆଣି ୧୨ବର୍ଷରୁ କମ୍ ବୟସର ବାଳିକା କିମ୍ବା ବାଳକଙ୍କ ସହ ଦୁଷ୍କର୍ମ କଲେ ଅପରାଧୀକୁ ମୃତ୍ୟୁଦଣ୍ଡ ମିଳିବାର ବ୍ୟବସ୍ଥା କରିବାକୁ ଆଇନ ମନ୍ତ୍ରଣାଳୟ ଓ ସଂପୃକ୍ତ ଅନ୍ୟ ସମସ୍ତ ପକ୍ଷଙ୍କୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି । ବିଚାରବିମର୍ଷ ପରେ ଏହି ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟ୍‌କୁ ଦିଆଯିବ ଓ ନୂଆ ଅଧାଦେଶ ଅଣାଯିବା ବ୍ୟବସ୍ଥା ହେବ । ଗତ ୨୨ ତାରିଖରେ ଅଣାଯାଇଥିବା ଅଧାଦେଶରେ ବ୍ୟବସ୍ଥା ଅଛି ଯେ ୧୨ବର୍ଷରୁ କମ୍ ବୟସର ବାଳିକାକୁ ଦୁଷ୍କର୍ମ କଲେ ମୃତ୍ୟୁଦଣ୍ଡ ମିଳିବ । ୧୬ବର୍ଷରୁ କମ୍ ବୟସର ଝିଅ ସହ ଦୁଷ୍କର୍ମ କଲେ ଅପରାଧୀକୁ ୨୦ବର୍ଷର ଜେଲ୍ ଦଣ୍ଡ ମିଳିବ ଯାହା ସ୍ଥଳ ବିଶେଷରେ ଆଜୀବନ କାରାଦଣ୍ଡକୁ ବଢ଼ିପାରେ । ଫଳରେ ଅପରାଧୀ ତା'ର ସ୍ୱାଭାବିକ ମୃତ୍ୟୁ ଯାଏ ଜେଲ୍‌ରେ ରହିବ । ଦୁଷ୍କର୍ମ ମାମଲାଗୁଡ଼ିକର ଦ୍ୱରିତ ବିଚାର ପାଇଁ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ ହାଇକୋର୍ଟଗୁଡ଼ିକ ସହ ଆଲୋଚନା କରି ଫାଷ୍ଟ ଟ୍ରାକ୍ କୋର୍ଟମାନ ଖୋଲାଯିବ । ପୁଣି ୧୬ବର୍ଷରୁ କମ୍ ବୟସର ବାଳିକା ସହ ଦୁଷ୍କର୍ମ/ଗଣଦୁଷ୍କର୍ମ କରିଥିବା ଅଭିଯୋଗ ଆସିଲେ ଅଭିଯୁକ୍ତକୁ ଆଗୁଆ ଜାମିନ ମିଳିବ ନାହିଁ । ଜମ୍ମୁ-କଶ୍ମୀରର କଠୁଆରେ ଜଣେ ୮ବର୍ଷର ବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଓ ସୁରଟରେ ଜଣେ ୯ବର୍ଷର ବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ପରେ ସମଗ୍ର ଦେଶରେ ତୁମୁଳ ଆଲୋଡ଼ନ ସୃଷ୍ଟି ହେବାରୁ ସରକାର ଏହି ଅଧାଦେଶ ଆଣି ଅପରାଧୀକୁ ଅତି କଠୋର ଦଣ୍ଡରେ ଦଣ୍ଡିତ କରାଯାଇପାରିବା ଭଳି ବ୍ୟବସ୍ଥା କରିଛନ୍ତି । ଦିଲ୍ଲୀରେ ୨୦୧୨ରେ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ପକ୍‌ସୋ ଆଇନରେ ସଂଶୋଧନ କରାଯାଇ ବୀଭତ୍ସ ଦୁଷ୍କର୍ମ ଓ ହତ୍ୟା ଅପରାଧରେ ଅପରାଧୀକୁ ଆଜୀବନ କାରାଦଣ୍ଡ ମିଳିବା ବ୍ୟବସ୍ଥାକୁ ବଦଳାଇ ମୃତ୍ୟୁଦଣ୍ଡ ମିଳିବା ବ୍ୟବସ୍ଥା ହୋଇଛି । ନିକଟ ଅତୀତରେ ୪ଟି ରାଜ୍ୟରେ ନାବାଳିକାଙ୍କୁ ଦୁଷ୍କର୍ମ କଲେ ମୃତ୍ୟୁଦଣ୍ଡ ମିଳିବା ପାଇଁ ଆଇନ ପ୍ରଣୟନ କରାଯାଇଛି ।

### ମାଫିଆଙ୍କ ...

କୁଲଡିହା ଅଭୟାରଣ୍ୟରୁ ହାତୀମାନେ ପାହାଡ ତଳେ ତଳେ ସାତକୋଶିଆ ଓ ନଟୋ ଅଭୟାରଣ୍ୟ ଦେଇ ଶିମିଳିପାଳ ପର୍ଯ୍ୟନ୍ତ ପହଞ୍ଚି ପାରିବେ । କେବଳ ହାତୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ନୁହେଁ ସାତକୋଶିଆ ଓ ଶିମିଳିପାଳ ଅଭୟାରଣ୍ୟରେ ରହୁଥିବା ଅନ୍ୟ ହାତୀମାନଙ୍କ ସଂସ୍ପର୍ଶରେ ଆସିଲେ ସେହି ହାତୀମାନଙ୍କ ଦ୍ୱାରା ଉନ୍ନତ ପ୍ରଜନନ ସମ୍ଭବ ହୋଇ ପାରିବ । ଏଣୁ ୨୦୧୨-୧୩ ମସିହାରୁ ସମସ୍ତ ୧୦୯ ଗୋଟି ଖଣିର ନିଲାମ ବନ୍ଦ ରହିଥିଲା । ହେଲେ ନିଲାମ ବନ୍ଦ ସତ୍ତ୍ୱେ ଚୋରାରେ ଖଣି ମାଫିଆମାନେ ପଥର ଖୋଳା କାର୍ଯ୍ୟ ଚଳାଇଥିଲେ । ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ପ୍ରଶାସନ ୨୦୧୫ ଅକ୍ଟୋବର ମାସଠାରୁ ଖଣିରେ ୧୪୪ଧାରା ଲାଗୁ କରାଯିବା ସହ ୧ପ୍ଲାଟୁନ ଫୋର୍ସ ମୃତୟନ କରାଯାଇଥିଲା । ଏ ଘଟଣା ପରେ ଖଣି ମାଲିକ ମାନଙ୍କର ଧନ୍ଦାରେ ଶିଥିଳତା ଆସିଯାଇଥିଲା । ଉକ୍ତ ଅଞ୍ଚଳଟି ହାତୀ ଚଲାପଥ ଭିତରେ ଆସୁନଥିବା ନେଇ ରିପୋର୍ଟ ପ୍ରସ୍ତୁତ ପାଇଁ ଚାପ ଆରମ୍ଭ କରି ଦେଇଥିଲେ । ଉଭୟ ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଅନେକଥର ମାପ କରାଯାଇଥିଲା । ଶେଷରେ ଉକ୍ତ ପାହାଡର ୧୦୯ଟି ଖଣି ମଧ୍ୟରୁ ୯୮ଟି ହାତୀ ଚଲାପଥ ମଧ୍ୟରେ ଆସୁନଥିବାର ରିପୋର୍ଟ ପ୍ରସ୍ତୁତ ହୋଇ ଯାଇଥିଲା । ଅନ୍ୟ ପଟେ ବନ୍ୟଜନ୍ତୁ ସୁରକ୍ଷା ପରିଷଦର ଅନୁମୋଦନ ଆବଶ୍ୟକଥିବାରୁ ମାଫିଆ ମାନେ ଜିଲା ପ୍ରଶାସନ କୁ ହାତବାରିଷି କରି ବନ୍ୟଜନ୍ତୁ ପରିଷଦକୁ ଖଣି ଅଞ୍ଚଳକୁ ଆଣିବାକୁ ସକ୍ଷମ ହୋଇଥିଲେ । କେନ୍ଦ୍ରୀୟ ବନ୍ୟଜନ୍ତୁ ସୁରକ୍ଷା ପ୍ରତିଷ୍ଠନର ମୁଖ୍ୟ କୌଶିକ ହାଁସଦା ଓ କଞ୍ଜରଭେଟର ଶୁଭେନ୍ଦୁ ମହାନ୍ତି ୨୦୧୭ଫେବୃଆରୀ ୦୬ ତାରିଖରେ ଖଣି ଅଞ୍ଚଳ ଗସ୍ତ କରି ଖଣି ମାଲିକଙ୍କୁ ସୁହାଇବା ଭଳି ରିପୋର୍ଟ ପ୍ରସ୍ତୁତ କରି ଦେଇଗଲେ । ସବୁ ଘଟଣା ପରେ ୨୦୧୭ ସେପ୍ଟେମ୍ବର ମାସରେ ୯୮ଟି ଖଣି ପାଇଁ ୫ବର୍ଷିଆ ନିଲାମ ସୂତ୍ରରେ ପଥର ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି । ଏବେ ସୁଦ୍ଧା ୯୦ଟି ଖଣି ପାଇଁ ଅର୍ଥ ଜମା ହୋଇସାରିଛି । ନିକଟରେ ଖଇରା ତହସିଲ ଅଧିନରେ ୨୦ଟି ଖଣି ଓ କପ୍ତିପଦା ତହସିଲ ଅଧିନରେ ଏହି ପାହାଡରେ ୬ଟି ଖଣିର ଉତ୍ତୋଳନ ଆରମ୍ଭ ହୋଇଛି । ଖଣି ଚାଲୁପରେ ଦୀପାବଳିର ବାଣ ଭଳି ବ୍ଲାଷ୍ଟିଂ ଆରମ୍ଭ ହୋଇଥିବାର ସ୍ଥାନୀୟ ଗୁଆପାଳ, କଦଳୀଗଡିଆ ଗ୍ରାମର ଅଧିବାସୀମାନେ ଅଭିଯୋଗ କରିଛନ୍ତି । ଏହଛଡା ହାତୀ ଆକ୍ରମଣରେ କୁଟିରପାଳ ଗ୍ରାମର ଜଟିଆ ମାଣିକ ମୃତ୍ୟୁ ବରଣ କରିଛନ୍ତି । ୧୦ବର୍ଷ ମଧ୍ୟରେ ହାତୀମାନଙ୍କ ଦୌରାତ୍ମ୍ୟ ଯୋଗୁଁ ଶତାଧିକ ଲୋକଙ୍କ ଘର ଭାଙ୍ଗିଯାଇଛି । ସେହିଭଳି ଶାରିଶୁଆ ପାହାଡ ପାଦ ଦେଶରେ ଥିବା ଏକ କ୍ରସରରେ କିଛି ଦିନ ତଳେ ଚାପି ହେବା ଯୋଗୁଁ କଟି ସିଂ ନାମକ ଜଣେ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି । ଏହାଛଡା ବ୍ଲାଷ୍ଟିଂ ପ୍ରଭାବରୁ ଗୁଆପାଳ ଗ୍ରାମର ସପନା ନାଇକ ସମେତ ୮ରୁ ଉର୍ଦ୍ଧ୍ୱ ଶ୍ରମିକ ଓ ୨୦ରୁ ଅଧିକ ହରିଣ, ସମ୍ବର, କୁଟୁରା ମୃତ୍ୟୁବରଣ କରିଛନ୍ତି । ୧୦ବର୍ଷ ମଧ୍ୟରେ ମଣିଷ ଓ ଭାଲୁ ମୁହାଁମୁହିଁ ହେବା ଯେଉଁ ୫ଟି ଭାଲୁ ୧୦ରୁ ଅଧିକ ଆଦିବାସୀ ଜୀବନ ହାରିଛନ୍ତି । ପରିବେଶକୁ ସୁରକ୍ଷିତ ରଖିବାକୁ ହେଲେ ଖଣି ଖୋଳା ବନ୍ଦ ହେବା ଦରକାର ବୋଲି ବିଶିଷ୍ଟ ପ୍ରକୃତି ବନ୍ଧୁ ପରସ୍କାର ପ୍ରାପ୍ତ ପରିବେଶବିତ ପୂର୍ଣ୍ଣଚନ୍ଦ୍ର ସେଣ୍ଡ କହିଛନ୍ତି । ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ବିଶ୍ୱନାଥ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ଯେଉଁ ଖଣି ଗୁଡିକ ହାତୀଚଲାପଥ ମଧ୍ୟରେ ଆସୁଛି ତାକୁ ବାଦ ଦିଆଯାଇ ଖଣି ନିଲାମ ଦିଆଯାଇଛି । ଜିଲାପାଳଙ୍କ ଅଧକ୍ଷତାରେ ଏକ ଟିମ୍ ଗଠନ କରାଯାଇ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଖଣି ନିଲାମ ଦିଆଯାଇଥିବା କହିଛନ୍ତି ।

### ଚାଷୀଙ୍କୁ ...

ଉପରେ ନିର୍ଭର କରୁଥିବା ବେଳେ ଏମାନଙ୍କ ପାଇଁ ବଜେଟ୍‌ରେ ମାତ୍ର ୨୫୦ କୋଟି ଟଙ୍କା ବ୍ୟବସ୍ଥା କରାଯିବା ଦୁର୍ଭାଗ୍ୟଜନକ । କୃଷକ କଲ୍ୟାଣ ପାଇଁ ଯେତିକି ଅର୍ଥ ବ୍ୟବସ୍ଥା କରାଯାଇଛି ସେହି ଅନୁସାରେ ସେମାନଙ୍କ ମୁଣ୍ଡପିଛା ହାରାହାରି ହିସାବ ଦୈନିକ ୨୭ ପଇସା ହେବ ବୋଲି ସେ କହିଥିଲେ । ୨୭ ପଇସାରେ ବର୍ତ୍ତମାନ କ'ଣ ମିଳୁଛି ବୋଲି ସେ ପ୍ରଶ୍ନ କରିଥିଲେ । ସେହିପରି ଅନ୍ୟ ସଦସ୍ୟମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ଚାଷୀଙ୍କ ପକେଟ୍‌ରେ ପଇସା ରହୁନଥିବା ବିଜେପି ସଦସ୍ୟ ବିଭୂତି ଭୂଷଣ ହରିଚନ୍ଦନ କହିଥିଲେ । ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାରଥୀ କହିଥିଲେ ଯେ କୃଷିକୁ ଏକ ଲାଭଜନକ ବୃତ୍ତି ତଥା କୃଷକଙ୍କ ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଅଣୁ ଜଳସେଚନ କ୍ଷେତ୍ରରେ ୨୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି । କୃଷକଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଯୋଜନା, ସଏଲ୍ ହେଲ୍‌ଥ କାର୍ଡ ଏବଂ ଜଳବିଭାଜିକା ପ୍ରକଳ୍ପ ଆଦି କାର୍ଯ୍ୟକାରୀ ହେଉଛି । ଉଦ୍ୟାନକୃଷି ମିଶନ୍ ସହାୟତାରେ ୨୪ଟି ଜିଲ୍ଲାରେ ଅଧିକ ଜମିରେ ଫଳଚାଷ କରାଯାଉଛି । ବିଶ୍ୱବ୍ୟାଙ୍କ ସହାୟତାରେ ନିରାଞ୍ଚଳ ଯୋଜନା ନିମନ୍ତେ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ସବୁ ପାଇଁ ରାଜ୍ୟ ଅଂଶଧନ ବାବଦକୁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ସହ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ରାଜ୍ୟକୁ ଚାରି ଥର କୃଷି କର୍ମଣ ପୁରସ୍କାର ମିଳିଥିବା କଥା ମଧ୍ୟ ମନ୍ତ୍ରୀ ଗୃହରେ କହିଥିଲେ ।

# ଖୋରଧା ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା

**ଖୋରଧା :** ଜିଲ୍ଲା ସଦରମହକୁମାରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ କେହି ମଧ୍ୟ ଚିନ୍ତିତ ନୁହେଁନ୍ତି । ଏହାର ନିରାକରଣ ଦିଗରେ ପୁଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି । ପୌର ପ୍ରଶାସନ ଟ୍ରାଫିକ୍ ସମସ୍ୟା ସମାଧାନ କରିବା ପାଇଁ ଆଗେଇ ନ ଆସିବାରୁ ପୌରାଞ୍ଚଳରେ ସକାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ଲାଗିରହୁଛି । ସହରର ରାସ୍ତା ଉପରେ ବହୁ ଦିନରୁ ଦୋକାନ ଘର ଗୁଡ଼ିକ ରହିଥିବା ବେଳେ ପ୍ରାୟତଃ କାହାରି ନିଜସ୍ୱ ପାର୍କିଂ ସ୍ଥାନ ନାହିଁ । ଫଳରେ ରାସ୍ତା ଉପରେ ଲୋକେ ଦୁଇ ଚକିଆ ଓ ଚାରି ଚକିଆ ଯାନ ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟ ପକ୍ଷରେ ଯେଉଁ ସବୁ ସ୍ଥାନରେ ପାର୍କିଂ ପାଇଁ କିଛି ଜାଗା ରହିଛି ସେଠାରେ ଲୋକେ ନିଜ ବାଇକ୍ ନ ରଖି ସଂପୃକ୍ତ ଦୋକାନ ବା ଅଫିସ ସମ୍ମୁଖରେ ଗାଡ଼ି ପାର୍କିଂ କରିବା ଅତି ସାଧାରଣ କଥା ହୋଇଛି । ଅଟୋ ରିକ୍ସା ଗୁଡ଼ିକ ନିଜସ୍ୱ ଷ୍ଟାଣ୍ଡ ନଥିବାରୁ ସେମାନେ ବାଧ୍ୟ ହୋଇ ପାର୍କିଂ ପାଇଁ ରାଜ ରାସ୍ତାକୁ ବାଛି ନେଉଥିବା ବେଳେ ଉଠା ଦୋକାନୀମାନେ ରାଜରାସ୍ତାରେ ନିଜର ପସରା ମେଲାଇ ଦେଇଛନ୍ତି । ବିଭିନ୍ନ ଜନ ଗହଳି ପୁର୍ଣ୍ଣ ସ୍ଥାନରେ ପୁଲିସ୍ ନିୟୋଜିତ କରାଯାଉ ନାହିଁ । ବିଶେଷ କରି ଗାଡ଼ି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ ପୌର ପ୍ରଶାସନ ରାସ୍ତା ଉପରୁ ଅବରୋଧ କାରୀଙ୍କୁ ନ ହଟାଇବା ଯୋଗୁଁ ସହରର ମଧ୍ୟରେ ଯାତାୟତ ପାଇଁ ଏକ ସମସ୍ୟା ହୋଇଛି । ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।


# ଶ୍ରୀ ନୃସିଂହନାଥ ଓ ବୈଶାଖ ମେଳା



ସ୍କନ୍ଦ ପୁରାଣ ଅନୁସାରେ ଶ୍ରୀବିଗ୍ରହମାନଙ୍କର ପ୍ରତିଷ୍ଠା କାଳରେ ଶ୍ରୀ ନୃସିଂହ ମୂର୍ତ୍ତି ପ୍ରକଟ ହୋଇଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିର ଥିଲା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ । ସେହିଠାରେ ଆବିର୍ଭୂତ ହୋଇଥିଲେ ପ୍ରଭୁ ଶ୍ରୀ ନୃସିଂହ । ସ୍କନ୍ଦ ପୁରାଣର ଅଷ୍ଟାଦଶ ଅଧ୍ୟାୟର ବର୍ଣ୍ଣନା ଅନୁସାରେ ବ୍ରହ୍ମାଙ୍କର ମନ୍ତ୍ର ମହିମା ଦ୍ୱାରା ରାଜା ଇନ୍ଦ୍ରଦ୍ୟୁମ୍ନ ଓ ଅନ୍ୟମାନେ ଶ୍ରୀଜଗନ୍ନାଥ ଦେବଙ୍କୁ ଅଦ୍ଭୂତ ନୃସିଂହ ରୂପରେ ଦର୍ଶନ କରିଥିଲେ । ପୂର୍ବକାଳରେ ଶ୍ରୀ ନୃସିଂହ ଏହି ଭୟଙ୍କର ରୂପ ଧରି ମହାଦୈତ୍ୟ ହିରଣ୍ୟକଶ୍ୟପକୁ ବିଦୀର୍ଣ୍ଣ କରିଥିଲେ । ପ୍ରତିବର୍ଷ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀରେ ନୃସିଂହ ଜନ୍ମଉତ୍ସବ ବରଗଡ ଜିଲ୍ଲା ପାଇକମାଲ ବ୍ଲକ ଅନ୍ତର୍ଗତ ନୃସିଂହନାଥ ଠାରେ ଚାଲିଆସୁଅଛି । ପଶ୍ଚିମ ଓଡିଶାର ପ୍ରସିଦ୍ଧ ପୂଣ୍ୟପିଠ ନୃସିଂହନାଥ ଠାରେ ଚାଲିଛି ବୈଶାଖ ମେଳା । ଗୁରୁବାର ଦ୍ୱିତୀୟ ଦିନରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ୧୮ ଜଣ ଦକ୍ଷ ପୁରୋହିତ ଗୁରୁବାର ୪୧୯୦୦ ନୃସିଂହ ବୀଜମନ୍ତ୍ର ଜପ କରିଛନ୍ତି । ମୁଖ୍ୟ ପୁରୋହିତ ସୁବାଶଚନ୍ଦ୍ର ଦେବତାଙ୍କ ତତ୍ତ୍ୱାବଧାନରେ ଚାଲିଛି ପୂଜାର୍ଚ୍ଚନା । ଗନ୍ଧମାର୍ଦ୍ଦନ ପର୍ବତ ପାଦ ଦେଶରେ ଥିବା ଏହି ପୀଠ ହୋଇଛି ଲୋକାରଣ୍ୟ । ଭକ୍ତମାନେ ପାପନାଶିନୀ ଝରଣା ଜଳରେ ସ୍ନାନ କରି ଭଗବାନ ମାର୍ଜାରକେଶରୀଙ୍କୁ ଦର୍ଶନ କରି ଅଶେଷ କୃପା ଲାଭ କରୁଛନ୍ତି । ଗତ ବୁଧବାର ୨୫ତାରିଖ ଦିନ ଆରମ୍ଭ ହୋଇଯାଇଛି ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ନୃସିଂହନାଥ ପୀଠରେ ମହାପ୍ରଭୁଙ୍କ ଜନ୍ମୋତ୍ସବ ବୈଶାଖମେଳା । ୩୦ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଆୟୋଜିତ ହେବାକୁ ଥିବା ମେଳା ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି ।



ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ସହ ୨୬ ତାରିଖ ମହାଯଜ୍ଞ ଆରମ୍ଭ, ୨୮ ତାରିଖରେ ଜନ୍ମୋତ୍ସବ ଅବସରରେ ସଂଧ୍ୟା ୭ଟାରେ ମହାପ୍ରଭୁଙ୍କ ମହାସ୍ନାନ ଅଳଙ୍କାର ଓ ଇଷ୍ଟ ଧାରଣ, ହୋମସହ ଅନ୍ନ ଓ ପିଠାପଣା ଭୋଗ ଅର୍ପଣ କରାଯିବ । କନ୍ଧ ସମାଜ ଦ୍ୱାରା ପାରମ୍ପରିକ ରୀତିରେ ମୁଖ୍ୟ ମନ୍ଦିରରେ ରାତି ୧୦ଟା ବେଳେ ଧ୍ୱଜା ବନ୍ଧନ ଓ ମହାଦ୍ୱୀପ ପ୍ରଜ୍ଜ୍ୱଳନ କରିଯିବା ସହ ମହାପ୍ରସାଦ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଶେଷ ତିନିଦିନ ସଂନ୍ଧ୍ୟାରେ ସାଂସ୍କୃତିକ ମଣ୍ଡପରେ ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ ସହ ୩୦ ତାରିଖ ପୂର୍ଣ୍ଣାହୂତି ପଡିବା ସହିତ ନୃସିଂହ ଚତୁର୍ଦ୍ଦଶୀ ଅବସରରେ ୨୮ ତାରିଖ ହଜାର ହଜାର ଭକ୍ତ ପାପହାରିଣୀ ଝରଣାରେ ବୁଡ ପକାଇ ମହାପ୍ରଭୁଙ୍କ ଦର୍ଶନ କରିବାରେ ଅଶେଷ କୃପାଲାଭ ମିଳିଥାଏ ବୋଲି କିମ୍ବଦନ୍ତୀରେ ପଡୋଶୀ ରାଜ୍ୟ ଛତିଶଗଡ, ଝାଡଖଣ୍ଡ, ବିହାର,



ମଧ୍ୟପ୍ରଦେଶ, ଓଡିଶା ଆଦି ଅନେକ ରାଜ୍ୟର ଜନ ସମାଗମ ହୋଇଥାଏ।

ମେଳାର ସୁପରିଚାଳାନା ପାଇଁ ୨୫ ଜଣିଆ କମିଟି ଗଠନ କରାଯାଇଛି। ପାନୀୟଜଳ ବିଭାଗ ତରଫରୁ ୧୬ ଟି ସ୍ଥାନରେ ପାଣିଟାଙ୍କିର ବ୍ୟବସ୍ଥା, ବିଦ୍ୟୁତ୍ ବିଭାଗ ପକ୍ଷରୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ୧୦୦ କେଭିର ଟ୍ରାନ୍ସଫରମର ବସାଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ପ୍ରକାଶ କରିଛନ୍ତି । ମୀନାବଜାର, ସର୍କସ, ଗନ୍ଧମାର୍ଦ୍ଦନ ଔଷଧିୟ ଚେରମୂଳୀ ଆଦି ବିଭିନ୍ନ ରକମର ମେଳାର ମଜା ଉଠାଉଛନ୍ତି ଯାତ୍ରୀମାନେ । ବରଗଡ ପୌର ସଂସ୍ଥା ପକ୍ଷରୁ ମେଳା ସ୍ଥାନରେ ୧୦ଟି ଭ୍ରାମ୍ୟମାଣ ପାଇଖାନା ଓ ଡଷ୍ଟବିନର ବ୍ୟବସ୍ଥା କରାଯାଇଥିବାବେଳେ ପାଇକମାଳ ନୃସିଂହନାଥ ମନ୍ଦିର ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି ।

**ଶ୍ରୀନୃସିଂହନାଥଙ୍କ ସୁନାବେଶ**

ପବିତ୍ର ନୃସିଂହନାଥ ପୀଠ ସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶ ଲୋକାରଣ୍ୟ ହୋଇ ଉଠିଥିବା ବେଳେ ଅସହ୍ୟ ଗ୍ରୀଷ୍ମ ଉତାପକୁ ଭୃକ୍ଷେପ ନକରି ବୈଶାଖ ମାସର ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀ ତଥା ଭଗବାନ ମାର୍ଜାରକେଶରୀଙ୍କ ଜନ୍ମଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାରେ ଠାକୁରଙ୍କ ରୂପା ଓ ସୁନାବେଶ ଦର୍ଶନ କରିଥାନ୍ତି । ଚତୁର୍ଦ୍ଦଶୀ ତିଥିରେ ସ୍ୱତନ୍ତ୍ର ପୂଜା ନୀତି କାର୍ଯ୍ୟକାରୀ କରିବା ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥାଏ । ସଂନ୍ଧ୍ୟାରେ ଜନ୍ମୋତ୍ସବ ପୂଜା ପଇଁ ନୃସିଂହ ଠାକୁରଙ୍କୁ ମହାସ୍ନାନ କରାଯାଇ ଚନ୍ଦନ, ଅଗୁରୁ, ଚୁଆତେଲ, ଗଙ୍ଗାଜଳ, କ୍ଷୀର ଓ ନୃସିଂହନାଥ ଝରଣା ପାଣିକୁ ଏକତ୍ରିତ କରି ଠାକୁରଙ୍କୁ ମନ୍ତ୍ର ଦ୍ୱାରା ପୂଜା କରାଯାଏ। ମନ୍ଦିର ମଧ୍ୟରେ ହୋମ କରାଯାଇ ୧୦୮ ଆହୁତି ପ୍ରଦାନ ପରେ ଆନନ୍ଦ ଭୋଗ ସାଙ୍ଗକୁ ସରସତିଆ ପିଠା କାକରା, ଆରିସା ପିଠା ଓ ଅନ୍ନଭୋଗ ଲାଗି ହୋଇଥାଏ । ଏହାପରେ ଆଳତି ପ୍ରଦାନ କରାଯାଇଥାଏ । ପରେ ପାରମ୍ପରିକ ନୀତି ଅନୁସାରେ ସ୍କନ୍ଧ ସମାଜର ମୁଖିଆ ଅଲେଖ ଭୁଏ ମନ୍ଦିରରେ ଧ୍ୱଜା ବନ୍ଧନ କରିଥାଏ ଏବଂ ରାତି ୧୧ଟା ରେ ମହାଦ୍ୱୀପ ଉଠିଥାଏ ।

**ମୂଷିକ ଦୈତ୍ୟଙ୍କ ନଗର ଭ୍ରମଣ**



ତ୍ରୟୋଦଶ ତିଥୀରୁ ନୃସିଂହନାଥ ଅଞ୍ଚଳରେ ଆରମ୍ଭ ହୋଇଥିଲା ମୂଷିକ ଦୈତ୍ୟଙ୍କ ନଗର ଭ୍ରମଣ ଆଗରେ ପାତ୍ରମନ୍ତ୍ରୀ । ମୂଷିକ ଦୈତ୍ୟରାଜା ହାତୀ ପିଠିରେ ବସି ନଗର ଭ୍ରମଣ କରିଥାନ୍ତି । ପୌରାଣିକ ଆଖ୍ୟାନରୁ ଜଣାଯାଏ ଯେ, ଭଗବାନ ରାମଚନ୍ଦ୍ର ମୂଷିକ ଦୈତ୍ୟଙ୍କୁ ମାରିବା ପାଇଁ ଧନୁ ଧରି ଗୋଡାଇବା ବେଳେ ଭୟରେ ସେ ଗନ୍ଧଗିରିରେ ଆଶ୍ରୟ ନେଇଥିବା ହେତୁ ଭଗବାନ ରାମଚନ୍ଦ୍ର କ୍ରୋଧରେ ଗନ୍ଧଗିରି ଉପରକୁ ତୀର ନିକ୍ଷେପ କଲାବେଳକୁ ଗିରିରାଜ ପ୍ରଭୁଙ୍କ ପାଦତଳେ ପଡି ମୁଁ ମୂଷିକ ଦୈତ୍ୟଙ୍କୁ ଶରଣ ଦେଇଛି, ଆପଣ ତାଙ୍କୁ କ୍ଷମାକରନ୍ତୁ ବୋଲି ନିବେଦନ କରିଥିଲେ । ଯଦି ସେ କେବେ ବାହାରକୁ ଆସିବେ ଆପଣ ତାଙ୍କୁ ବଧ କରିବେ ବୋଲି ଗିରିରାଜ କହିଥିଲେ। ସେହିଦିନଠାରୁ ଭଗବାନ ମର୍ଜାର କେସରୀବେଶ (ବିରାଡି) ଧାରଣ କରି ନୃସିଂହନାଥ ଠାରେ ଜଗିରହିଥିବା କୁହାଯାଏ । ଲକ୍ଷ୍ମଣ ଗନ୍ଧଗିରିର ଅପରପଟେ ହରିଶଙ୍କର ଠାରେ ଜଗିରହି ପୂଜା ପାଇ ଆସୁଥିବା ନୃସିଂହ ଚରିତ୍ରରୁ ଜଣାପଡେ।

ତେବେ ବୈଶାଖ ମେଳା ଅବସରରେ ମୂଷିକରାଜ ନଗର ଭ୍ରମଣକରି ଅନ୍ୟାୟ ଅତ୍ୟାଚାର ନିବାରଣ ପାଇଁ ପ୍ରଜାଙ୍କୁ ସତର୍କ କରାଇବା ଭଳି ଦୃଶ୍ୟାକୁ ଭକ୍ତମାନେ ଉପଭୋଗ କରିଥାନ୍ତି।

***ଉପସ୍ଥାପନା- ମୁକୁନ୍ଦ ଦାଶ***
***ଜିଲ୍ଲା ପ୍ରତିନିଧି, ଏକମାତ୍ର, ବରଗଡ***

### ଯାହା କହନ୍ତି ...



ପ୍ରଭୁ ଶ୍ରୀ ନୃସିଂହନାଥଙ୍କ ବୈଶାଖ ମେଳାରେ ଯାତ୍ରୀଙ୍କ ସୁବିଧା ପାଇଁ ମନ୍ଦିର ସ୍ଥାନୀୟ ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ଅନ୍ନଭୋଗ ଓ ମାଗଣା ସର୍ବତ ବଣ୍ଟନର ବ୍ୟବସ୍ଥା କରାଯାଇଛି। ପୁରୁଷୋତ୍ତମ ପ୍ରଧାନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚଳିତ ବୈଶାଖ ମେଳାକୁ ଅନ୍ୟ ବର୍ଷ ଭଳି ସରସ ସୁନ୍ଦର କରିଛନ୍ତି। ଏଠାକୁ କଲିକତା, ରାୟପୁର, ନେପାଳ, ପୁରୀ, ଛତିଶଗଡ, ଝଡଖଣ୍ଡ ଅଞ୍ଚଳରୁ ଅନେକ ଭକ୍ତ ଓ ସାଧୁସନ୍ଥ ଆସିଛନ୍ତି । ଏଠାକାର ପରିବେଶ ଅତି ସୁନ୍ଦର ଓ ମନୋମୁଗ୍ଧକର । ମେଳାକୁ ଆସୁଥିବା ସାଧୁସନ୍ଥ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ଆହୁରି ଭଲ ହୁଅନ୍ତା ।

***ଅଶୁତୋଷ ରଥ***
***ଆଇନ୍‌ଜୀବୀ/ସାମ୍ବାଦିକ, ବରଗଡ଼***



# ଓଡିଶା ଭାଗ୍ୟ ପରିବର୍ତ୍ତନ ଯାତ୍ରା




**ଭବାନୀପାଟଣା :** ଓଡିଶା ଭାଗ୍ୟ ପରିବର୍ତ୍ତନ ଯାତ୍ରା ରଥ ରବିବାର ସଦର ମହକୁମା ଭବାନୀପାଟଣା ଠାରେ ପହଞ୍ଚିଥିଲା। ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କ ଅଧକ୍ଷତାରେ ଭବାନୀପାଟଣା ସ୍ଥିତ ବି.ଏମ୍ ହାଇସ୍କୁଲ ପଡିଆ ଠାରେ ଏକ ସଭା ଆୟୋଜିତ ହୋଇଥିଲା। ୧୮ ବର୍ଷ ହେଲା ବିଜେଡି ନେତୃତ୍ୱାଧିନ ସରକାର ଓଡିଶାରେ ଶାସନ କରୁଥିଲେ ହେଁ ସବୁ ପ୍ରକାର ରିପୋର୍ଟରେ ଓଡିଶାର ସ୍ଥାନ ୨୦ଟି ରାଜ୍ୟ ମଧ୍ୟରୁ ୧୮ ବା ୧୯ ନମ୍ବରରେ ରହୁଛି। ସବୁବେଳେ ଦାରିଦ୍ର୍ୟକୁ ନେଇ ଓଡିଶାର ଲଢେଇ ବିହାର ସାଙ୍ଗରେ ହେଉଛି। ଓଡିଶାରେ ଖଣି ଅଛି, ଜଙ୍ଗଲ ଅଛି, ପାହାଡ ଅଛି, ନଦୀ ଅଛି, ସମୁଦ୍ର ଅଛି ବୋଲି ଆମର ନେତାମାନେ କହି ଆସୁଛନ୍ତି। ଏହିସବୁ ପ୍ରାକୃତତିକ ସମ୍ପତ୍ତି ଥିଲେ ମଧ୍ୟ ଓଡିଶାର ଦାରିଦ୍ର୍ୟତା ମେଣ୍ଟୁ ନାହିଁ ବୋଲି ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଥିଲେ। ଏପରିକି ୧୦ ବର୍ଷ ମଧ୍ୟରେ ଓଡିଶାକୁ ଗୋଟିଏ ମଧ୍ୟ ବଡ ଶିଳ୍ପ ଆସିନାହିଁ। ଓଡିଶାରେ ଚାଷୀ ଆତ୍ମହତ୍ୟା ଘଟଣା ବଢିବାରେ ଲାଗିଛି। କେନ୍ଦ୍ର ଅନୁଦାନ ଖର୍ଚ୍ଚ କରିନପାରି ଓଡିଶା ସରକାର ଗତ ୧୫ ବର୍ଷ ହେଲା ପ୍ରତିବର୍ଷ ଅନ୍ତତଃ ୬ ହଜାର କୋଟି ଫେରାଇ ଦେଇଛନ୍ତି। ଟଙ୍କିକିଆ ଚାଉଳ, ପାଞ୍ଚ ଟଙ୍କିଆ ଭାତ, ଛତା କମ୍ବଳ ବାଣ୍ଟି ନବୀନ ସରକାର ଓଡିଶାକୁ ମାଗିଖିଆରେ ପରିଣତ କରିଦେଲେଣି ବୋଲି ଶ୍ରୀ ସ୍ୱାଇଁ ତାସ୍ଲ୍ୟ କରିଥିଲେ। ଓଡିଶା ଏକ ଚରମ ଦୁର୍ନୀତିଗ୍ରସ୍ତ ରାଜ୍ୟରେ ପରିଣତ ହୋଇଛି। ଚିଟ ଫଣ୍ଡ, ଖଣି ଇତ୍ୟାଦି ଦୁର୍ନୀତିରେ ଓଡିଶା ସାରା ଦେଶରେ ପ୍ରସିଦ୍ଧ ହୋଇଛି । ବିଜେଡି ଦଳର ସାଂସଦ, ବିଧାୟକମାନେ ଚିଟଫଣ୍ଡ ଦୁର୍ନୀତି ରେ ଫସି ଆଜି ବର୍ଷ ବର୍ଷ ଧରି ଜେଲରେ ଅଛନ୍ତି। ଉତ୍କଳ ଭାରତ ଅନ୍ୟ ଛୋଟ ଦଳମାନଙ୍କ ପରି ବିଜେଡି ସହ ବନ୍ଧା ହୋଇନାହିଁ। ଏ ଦଳ ବିଜେଡିର ବିକଳ୍ପ ହେବା ପାଇଁ ପ୍ରତିବଦ୍ଧ। ଏ ଦଳକୁ କ୍ଷମତାକୁ ଆସିଲେ ବଡ ଶିଳ୍ପକୁ ଆଣିବ ଓଡିଶାରୁ ଦାଦନ ଶ୍ରମିକ ପଳାୟନ ବନ୍ଦକରି ଯୁବକମାନଙ୍କୁ ଭଲ ଦରମାର ଚାକିରୀ ଦେବ। କୃଷି ଉତ୍ପାଦନକୁ ବଢାଇ ଚାଷୀର ରୋଜଗାର ବୃଦ୍ଧି କରିବ। ଦୁର୍ନୀତି, ଭ୍ରଷ୍ଟାଚାର ଓ ସରକାରୀ ପ୍ରଶାସନରେ ଲାଂଚକୁ ହ୍ରାସ କରିବ ଓ ଗରିବକୁ ଗରିବ ନରଖି ମଧ୍ୟବିତ୍ତ କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଦଳିତ ସଭାପତି ଦିଲୀପ ମଲ୍ଲିକ, ରାଜ୍ୟ ଯୁବ ସଭାପତି ଜଗଦିଶ ପ୍ରଧାନ, ନାରୀ ସମ୍ପାଦିକା ସାବିତ୍ରୀ ଜେନା, ବିଦ୍ୟାର୍ଥୀ ସଂପାଦକ ବିଶ୍ୱଜିତ ଚକ୍ରବର୍ତ୍ତି ଓ କମଳାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତିରାଜ ବିଭାଗରେ ସାଢ଼େ ୩ ହଜାର ପଦବୀ ଖାଲି

**ଭୁବନେଶ୍ୱର :** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ବିଭିନ୍ନ ପାହ୍ୟାରେ ପ୍ରାୟ ସାଢ଼େ ୩ ହଜାର ପଦବୀ ଖାଲି ପଡ଼ିଛି। ଏଗୁଡ଼ିକ ପୂରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ବିସ୍ତୃତ ସୂଚନାରୁ ଏହା ଜଣାପଡ଼ିଛି। ରାଜ୍ୟ ସଚିବାଳୟରେ ଏହି ବିଭାଗରେ ଏବେ ୧୫୪ଟି ପଦବୀ ଖାଲି। ଏଥିମଧ୍ୟରେ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ସଚିବ, ନିଧି ଅଧିକାରୀ, ଡେସ୍କ ଅଫିସର, ଏଏସ୍ଓ, ସହକାରୀ ଅଡିଟ୍ ଅଫିସର, ଅଡିଟର୍, ପିଅନ ଆଦି ପଦବୀ ଅନ୍ତର୍ଭୁକ୍ତ। ରାଜ୍ୟର ୩୧୪ଟି ବ୍ଲକ୍ ମଧ୍ୟରୁ ୩୩ଟିରେ ବିଡ଼ିଓ ନ ଥିବା ବେଳେ ୧୦୮ଟିରେ ଆକାଉଣ୍ଟସ୍ ଅଫିସର, ୧୩୭ଟିରେ ସହକାରୀ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ୧୪୨ଟିରେ ଏବିଡ଼ିଓ, ୩୨ଟିରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ୪୬ଟିରେ ପ୍ରୋଗ୍ରେସ୍ ଆସିଷ୍ଟାଣ୍ଟ, ୧୫ଟିରେ କ୍ୟାସିଅର୍, ୧୯ଟିରେ ଷ୍ଟୋର୍ କିପର୍, ୯୪ଟିରେ ଗାଡ଼ି ଚାଳକ, ୫୨ଟିରେ ଚୌକିଦାର ନାହାନ୍ତି। ଏହାଛଡ଼ା ୩୦ଟି ଜିଲ୍ଲାରୁ ୭ଟିରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦବୀ ମଧ୍ୟ ଖାଲିପଡ଼ିଛି। ଏହି ବିଭାଗ ଅଧିନରେ ୧୭୩ଟି ସହକାରୀ ଯନ୍ତ୍ରୀ, ୩୫୬ଟି କନିଷ୍ଠ ଯନ୍ତ୍ରୀ, ୨୫ଟି ଉପଖଣ୍ଡ ପଞ୍ଚାୟତ ଅଧିକାରୀ, ୧୮୭ଟି ପଞ୍ଚାୟତ ବୈଷୟିକ ସହକାରୀ ପଦବୀ ଖାଲି। ଏହାଛଡ଼ା ୧୦୧୨ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ବି ନାହାନ୍ତି। ମୋଟାମୋଟି ଭାବେ ପଞ୍ଚାୟତ ଏଷ୍ଟାବ୍ଲିସ୍‌ମେଣ୍ଟରେ ୨୬୬୭ ପଦବୀ ଖାଲି ପଡ଼ିଛି। ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୩୦ଟି ଯାକ ଜିଲ୍ଲାରେ ଥିବା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକରେ ୨୫ଟି ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ୭୮ଟି ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପଦବୀ ଖାଲି ପଡ଼ିଛି। ୩ଟି କାର୍ଯ୍ୟକ୍ରମ ଅଧିକାରୀ, ୬୦ଟି ଏସ୍‌ଆଇ, ୩୪ଟି ବରିଷ୍ଠ କିରାଣି, ୨୯୨ଟି କନିଷ୍ଠ ଆକାଉଣ୍ଟାଣ୍ଟ ପଦବୀ ସମେତ ବିଭିନ୍ନ ପାହ୍ୟାର ମୋଟ୍ ୬୪୬ଟି ପଦବୀ ଖାଲିପଡ଼ିଛି। ଏହି ଖାଲି ପଦବୀ ସବୁ ପୂରଣ ପାଇଁ ନିୟମାନୁଯାୟୀ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ସୂଚାଇଛନ୍ତି।

## ଛୋଟ ଛୋଟ ଷ୍ଟେସନରେ ନିର୍ମାଣ ହେବ ଫୁଟ୍ ଓଭର୍ ବ୍ରିଜ

**ଭୁବନେଶ୍ୱର :** ଯାତ୍ରୀମାନଙ୍କ ସୁରକ୍ଷା ଏବଂ ସେମାନଙ୍କ ଯାତାୟାତ ସୁବିଧା ଉପରେ ଗୁରୁତ୍ୱ ଦେଇ ଭାରତୀୟ ରେଳପଥ ଛୋଟ ଷ୍ଟେସନ୍‌ମାନଙ୍କରେ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ କରିବାକୁ ଯୋଜନା କରିଛି। ଛୋଟ ଷ୍ଟେସନ୍‌ମାନଙ୍କରେ ଏକ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟ୍‌ଫର୍ମ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବା ଯାତ୍ରୀମାନେ ବର୍ତ୍ତମାନ ଆଶ୍ୱସ୍ତି ପାଇ ପାରିବେ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି। ଏହି ଷ୍ଟେସନ୍‌ମାନଙ୍କରେ ହାଇ ଲେଭଲ୍ ଏବଂ କଂକ୍ରିଟ୍ ପ୍ଲାଟ୍‌ଫର୍ମ ମଧ୍ୟ ନିର୍ମାଣ ହେବ। ଷ୍ଟେସନ୍‌ରେ ଯାତ୍ରୀମାନଙ୍କର ଦୈନିକ ଯାତାୟାତକୁ ଦୃଷ୍ଟିରେ ରଖି ଫୁଟ୍ ଓଭର୍ ବ୍ରିଜ୍‌ଗୁଡ଼ିକର ଆବଶ୍ୟକତା ରହିଛି। ସେହି ଅନୁସାରେ, କଟକ ଓ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେସନମାନଙ୍କରେ ଚଉଡ଼ା ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ କରାଯିବ। ନୂତନ ଚଳଣିକୁ ଦୃଷ୍ଟିରେ ରଖି କଟକ ଓ ଯାଜପୁରକେ ନ୍ଦୁଝର ରୋଡ୍ ଷ୍ଟେସନ୍‌ମାନଙ୍କରେ ୬ ମିଟର ଚଉଡ଼ା ବିଶିଷ୍ଟ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ ହେବ। ପରୀକ୍ଷାମୂଳକ ଭାବେ ଛଅ ମାସର ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଭୁବନେଶ୍ୱର ଓ ଭଦ୍ରକ ରେଳଷ୍ଟେସନରେ ଏହି ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଭାରତୀୟ ରେଳପଥରେ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ଏକ ରେକର୍ଡ ସମୟ ବୋଲି ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ କୁହାଯାଇଛି। ଏହି ଫୁଟ୍ ଓଭର୍ ବ୍ରିଜ୍‌ଗୁଡ଼ିକର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୧୭ରେ ଆରମ୍ଭ ହୋଇଛି ଏବଂ ଚଳିତ ବର୍ଷ ରଥଯାତ୍ରା ସୁଦ୍ଧା ବ୍ୟବହାର ଉପଯୋଗୀ ହେବା ପାଇଁ ପ୍ରସ୍ତୁତ ହେବ। ଏହା ପୂର୍ବରୁ ଭାରତୀୟ ରେଳପଥ ଜଗୁଆଳି ବିହୀନ ଲେଭେଲ୍ କ୍ରସିଂଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଆସୁଥିଲା।



ପୂର୍ବତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଏହି ଲକ୍ଷ୍ୟ ଧାର୍ଯ୍ୟ କରିସାରିଛି। ମାର୍ଚ୍ଚ ୨୦୧୮ ସୁଦ୍ଧା ଖୋର୍ଦ୍ଧା ରୋଡ୍ ମଣ୍ଡଳର ସମସ୍ତ ପ୍ରହରୀବିହୀନ ଲେଭଲ୍ କ୍ରସିଂ ବନ୍ଦ୍ ହୋଇସାରିଛି। ୱାଲ୍ଟିୟର୍ ଓ ସମ୍ବଲପୁର ରେଳ ମଣ୍ଡଳ ଜୁଲାଇ ୨୦୧୮ ସୁଦ୍ଧା ସମସ୍ତ ପ୍ରହରୀବିହୀନ ଲେଭଲ୍ କ୍ରସିଂଗୁଡ଼ିକୁ ବନ୍ଦ୍ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପ୍ରହରୀବିହୀନ ଲେଭଲ୍ କ୍ରସିଂ ସମସ୍ୟାକୁ ବିଶେଷ ଧାନ ଓ ଗୁରୁତ୍ୱ ଦେବା ଭଳି ଷ୍ଟେସନ୍‌ମାନଙ୍କରେ ଯାତ୍ରୀମାନଙ୍କର ସୁରକ୍ଷା ହେଉଛି ନୂତନ ପ୍ରମୁଖତା। ଏହା ପୂର୍ବରୁ ଛୋଟ ଷ୍ଟେସନ୍ ଏବଂ ପାସେଞ୍ଜର୍ ହଲ୍ଟଗୁଡ଼ିକରେ ଅବହେଳା ଉପରେ ଅନେକ ଅଭିଯୋଗ ମିଳିଛି। ଏହି ଅଭିଯୋଗ ଆଗକୁ ଆଉ ରହିବ ନାହିଁ ବୋଲି କୁହାଯାଇଛି। ନୀମ୍ନ ପ୍ଲାଟ୍‌ଫର୍ମ ଥିବା ଷ୍ଟେସନ୍‌ଗୁଡ଼ିକରେ ଫୁଟ୍ ଓଭର୍ ବ୍ରିଜ୍ ସହ ଉଚ୍ଚ ପ୍ଲାଟ୍‌ଫର୍ମ ମଧ୍ୟ ଉପଲବ୍ଧ ହେବ।

## ଭବାନୀପାଟଣାରେ ବିକାଶ ଗ୍ରୁପ୍‌ର ଶୁଭାରମ୍ଭ

**ଭବାନୀପାଟଣା :** ଭବାନୀପାଟଣାରେ ଥିବା ଗାୟତ୍ରୀ ଗୃପର ସରସ୍ୱତୀ ଯୁକ୍ତ ୨ କଲେଜ, ଡିଗ୍ରୀ କଲେଜ ଓ ସ୍ମାର୍ଟ ସ୍କୁଲକୁ ବିକାଶ ଗୃପ ଅଫ୍ ଇନ୍‌ଷ୍ଟିଚ୍ୟୁଟ କିଣି ନେଇ ଶନିବାର ସନ୍ଧ୍ୟାରେ ଆନୁଷ୍ଠାନିକ ଭାବରେ ବିକାଶ ଗୃପ ପକ୍ଷରୁ ଏହାର ଶୁଭାରମ୍ଭ ନିମନ୍ତେ ଏକ ସ୍ୱତନ୍ତ୍ର ଉତ୍ସବ ଓ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଅଞ୍ଜନ କୁମାର ମାଣିକ ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ ଅତିଥି ଭାବରେ ଯୋଗ ଦେଇଥିଲେ । ବିକାଶ ଗୃପର ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ପ୍ରଶାସନିକ ନିର୍ଦ୍ଦେଶକ ଡି ନାଗେଶ୍ୱର ରାଓ, ବିକାଶ ଗୃପର ଅଧ୍ୟକ୍ଷ ଡି ମୂରଲି କୃଷ୍ଣ ଏଥିରେ ଯୋଗ ଦେଇ ଭବାନୀପାଟଣାରେ ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ସ୍ନାତକ ପର୍ଯ୍ୟନ୍ତ ବିକାଶ ଗୃପ ପକ୍ଷରୁ ସ୍କୁଲ ଓ କଲେଜକୁ ଏକ ଆକର୍ଷଣିୟ କ୍ୟାମ୍ପସରେ ପରିଣତ କରିବା ସହ ଛାତ୍ରୀଛାତ୍ର ମାନଙ୍କର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ । ବିକାଶ ଗୃପ ୨୦୦୨ ମସିହାରେ ବରଗଡ ଠାରେ ଏକ କ୍ୟାମ୍ପସ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱର ଓ ସମ୍ବଲପୁର ଠାରେ କ୍ୟାମ୍ପସ କରିଥିଲା । ବିଗତ ୧୬ ବର୍ଷ ଧରି ବିକାଶ ଗୃପ ଛାତ୍ରୀଛାତ୍ର ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ଉଦ୍ୟମ କରିବା ସହ ଛାତ୍ରୀଛାତ୍ରଙ୍କ ନୈତିକ ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛି ବୋଲି ବିକାଶ ଗୃପ ଅଧ୍ୟକ୍ଷ ଡି. ମୁରଳି କୃଷ୍ଣ ପ୍ରକାଶ କରିବା ସହ ଭବାନୀପାଟଣା କ୍ୟାମ୍ପସକୁ ଏକ ଆଦର୍ଶ କ୍ୟାମ୍ପସରେ ପରିଣତ କରିବା ପାଇଁ ପ୍ରୟାସ କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।





# ମଦ୍ୟପ ଡ୍ରାଇଭରଙ୍କ ଯୋଗୁଁ ୭୨% ଦୁର୍ଘଟଣା

**ଭୁବନେଶ୍ୱର :** କମିଶନରେଟ୍ ପୋଲିସ୍ ପକ୍ଷରୁ ୨୯ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଜି ଛକସ୍ଥିତ ଟ୍ରାଫିକ୍ ପୋଲିସ୍ ଷ୍ଟେସନରେ ପୋଲିସ ଡିଜି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡିଜି କହିଥିଲେ, ଜାତୀୟ ସଡ଼କ ଦୁର୍ଘଟଣାର ହାର ଦେଖିଲେ ଓଡ଼ିଶାରେ ପ୍ରତିବର୍ଷ ମଦ୍ୟପ ଡ୍ରାଇଭରଙ୍କ ଯୋଗୁ ୭୨ ପ୍ରତିଶତ ଦୁର୍ଘଟଣା ଘଟୁଛି। ଏ ନେଇ ପୋଲିସ୍ ପକ୍ଷରୁ ଧରପଗଡ଼ କରାଯିବା ସହ ସଚେତନତା ମଧ୍ୟ କରାଯାଉଥିବା ସେ କହିଥିଲେ। ଡା. ଶର୍ମା ଆହୁରି କହିଲେ, ସଡ଼କ ସୁରକ୍ଷା ସପ୍ତାହ ପାଳନ ସମୟରେ ଦୁର୍ଘଟଣା କମାଇବାକୁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜୋରିମାନା ସହ ଅନ୍ୟ ଉପାୟରେ ଦଣ୍ଡିତ କରାଯିବାର ବ୍ୟବସ୍ଥା କରାଯିବ। ଟ୍ରାଫିକ ନିୟମ ସମସ୍ତେ ଜାଣିଛନ୍ତି, ହେଲେ ଗାଡ଼ି ଚଳାଇବା ବେଳେ ମୋବାଇଲ୍‌ରେ କଥା ହୋଇ ରାସ୍ତା ଅତିକ୍ରମ କରୁଛନ୍ତି। କାର୍‌ରେ ସିଟ୍ ବେଲ୍ଟ ନଲଗାଇ ଗାଡ଼ିଚାଳନା କରୁଛନ୍ତି। ଏ ଦିଗ ପ୍ରତି ସଚେତନ ନ ହେବା ପର୍ଯ୍ୟନ୍ତ ଦୁର୍ଘଟଣା ହାର କମିବା ସମ୍ଭବ ନୁହେଁ ବୋଲି ଡିଜି କହିଛନ୍ତି। ପୋଲିସ୍ କମିଶନର ଯୋଗେଶ ବାହାଦୁର ଖୁରାନିଆ କାର୍ଯ୍ୟକ୍ରମରେ ନିଜ ମତ ରଖି କହିଲେ, ସହର ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥରେ ପାଟ୍ରୋଲିଂର ବ୍ୟବସ୍ଥା ନାହିଁ, ସେଥିପାଇଁ ଲୋକେ ଅତି ଦ୍ରୁତଗତିରେ ଗାଡ଼ି ଚଳାଉଛନ୍ତି। ଚଳିତବର୍ଷ କମିଶନରେଟ୍ ପୋଲିସ୍ ପକ୍ଷରୁ ୫ଟି ଦିଗରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରିତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ନକରିବା, ଦ୍ରୁତ ଗତିରେ ଗାଡ଼ି ନଚଳାଇବା ଏବଂ ଟ୍ରାଫିକ ନିୟମ ମାନି ଚାଲିବା। ତେବେ ଏ ସମସ୍ତ କଥା ଉପରେ ପୂର୍ବରୁ ମଧ୍ୟ ଧ୍ୟାନ ଦିଆଯାଉଥିଲା, ଏବେଠାରୁ ଏହାକୁ ଅଧିକ ପ୍ରଚାର ପ୍ରସାର କରିବା ଦିଗରେ କମିଶନରେଟ୍ ପୋଲିସ୍ ଧ୍ୟାନ ଦେବ ବୋଲି କମିଶନର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ୍ କମିଶନର ସଞ୍ଜୟ ସିଂ, ଡିସିପି ଅନୁପ ସାହୁ, ବିଶିଷ୍ଟ ରାସ୍ତା ସୁରକ୍ଷା ସ୍ୱେଚ୍ଛାସେବୀ ସୟଦ ମକ୍‌ବୁଲ ଅଲ୍ଲୀ, ଏସିପି ଟ୍ରାଫିକ ଯତୀନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ କମିଶନରେଟ୍ ପୋଲିସର ଟ୍ରାଫିକ ବିଭାଗ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଓଲିଉଡ୍ ଅଭିନେତା ଓ ଅଭିନେତ୍ରୀ ଉପସ୍ଥିତ ରହି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ।




## ହାଇକୋର୍ଟରେ ଜଗମୋହନ ମରାମତି ମାମଲା

# ‘ଜୟ ବିଜୟ ଦ୍ୱାର ମରାମତି କର’

**କଟକ :** ଜଗମୋହନ ମରାମତି ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ଜୟ ବିଜୟ ଦ୍ୱାର ମରାମତି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଉପଯୁକ୍ତ ସ୍ଥାନ ଓ ସମୟ ଦେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଭିନୀଥ୍ ଶରଣ ଓ ବିଚାରପତି ଡ. ବି.ଆର୍ ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣିବେଳେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଅଦାଲତଙ୍କୁ ମୌଖିକ ଭାବେ ଦର୍ଶାଯାଇଥିଲା ଯେ ଜୟ ବିଜୟ ଦ୍ୱାର ମରାମତି ନେଇ ଆସନ୍ତା ୨୬ ତାରିଖରେ କୋର୍ କମିଟି ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି । ଏହି ବୈଠକରେ ଜୟ ବିଜୟ ଦ୍ୱାର ମରାମତି ସମ୍ପର୍କରେ ସବିଶେଷ ଆଲୋଚନା ହେବା ସହ ମରାମତି ପଦ୍ଧତି ଓ ଏହାର କାର୍ଯ୍ୟପନ୍ଥା ସ୍ଥିର କରାଯିବ। ତେବେ ଜୟ ବିଜୟ ଦ୍ୱାର ମରାମତି ସମ୍ପର୍କରେ ପୂର୍ବରୁ ଏହାର ବ୍ୟୟର ହିସାବ ଦିଆଯାଇଥିବାବେଳେ ମରାମତି ପାଇଁ ପାଖାପାଖି ୩୦ରୁ ୪୦ ଦିନ ଲାଗିବ ବୋଲି କୁହାଯାଇଥିଲା । ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରାଯାଇଥିବା ବିଭାଗ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା । ମାମଲାର ଶୁଣାଣି କରି ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଜୟ ବିଜୟ ମରାମତି ପାଇଁ ସ୍ଥାନ ଯୋଗାଇବାକୁ ନିର୍ଦ୍ଦେଶ ଦେବା ସହିତ ମରାମତି କାର୍ଯ୍ୟରେ ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଭାବେ ଅଦାଲତ ପ୍ରତ୍ନତତ୍ତ୍ୱ ବିଭାଗକୁ ମଇ ୧୫ ସୁଦ୍ଧା ଏ ସମ୍ପର୍କରେ ସବିଶେଷ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ କହିବା ସହ ଜଗମୋହନ ଆଖପାଖ ସମ୍ପର୍କରେ ତଥ୍ୟ ଦେବାକୁ କହିଛନ୍ତି । ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# କଂଗ୍ରେସର ଟାର୍ଗେଟ୍ ୮୫ ଆସନ

**ଭୁବନେଶ୍ୱର :** ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ସଂଖ୍ୟା ଗଣିତ ଖେଳରେ କଂଗ୍ରେସ ମଧ୍ୟ ସାମିଲ ହୋଇଛି। ବିଜେପି ସଭାପତି ଅମିତ ଶାହ ୧୨୦ଟି ବିଧାୟକ ଆସନ ଜିଣିବା ନେଇ ଟାର୍ଗେଟ୍ ଦେଇଥିବା ବେଳେ ବିଜେଡି ୧୨୩ଟି ଆସନ ଜିତିବ ବୋଲି ବାହାସ୍ଫୋଟ ମାରିଛି। ତେବେ ଏହି ରେସ୍‌ରେ ନବନିଯୁକ୍ତ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ପଛରେ ପଡ଼ିନାହାନ୍ତି। ସେ କହିଛନ୍ତି, ଆଗାମୀ ନିର୍ବାଚନରେ ତାଙ୍କ ଦଳ ଅତି କମ୍‌ରେ ୮୫ଟି ଆସନ ଜିଣିବ। ଆସନ୍ତା ତିନି ମାସ ମଧ୍ୟରେ ରାଜ୍ୟର ୫୦ ପ୍ରତିଶତ ଲୋକସଭା ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯିବ। ଅକ୍ଟୋବର, ନଭେମ୍ବର ସୁଦ୍ଧା ବାକି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଏନେଇ ଆକଳନ ଆରମ୍ଭ ହୋଇଯାଇଛି। ଜିତିବା ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ୍ ଦିଆଯିବ। ଯେଉଁମାନେ ତଳସ୍ତରରେ ଲୋକମାନଙ୍କ ପାଇଁ କାମ କରୁଥିବେ ସେଭଳି ପ୍ରାର୍ଥୀଙ୍କୁ ଟିକେଟ୍ ଦିଆଯିବ। କାନକୁହା ଓ ଗୋଷ୍ଠୀବାଦରେ ଦଳ ଆଉ ବିଶ୍ୱାସ କରିବ ନାହିଁ। ସାଧାରଣ ନିର୍ବାଚନକୁ ଆଉ ୧୦ ମାସ ବାକି ଥିବାବେଳେ ନିରଞ୍ଜନଙ୍କ ଏଭଳି ଘୋଷଣା କଂଗ୍ରେସକୁ ଚଳଚଞ୍ଚଳ କରିଦେଇଛି। ନୂଆ ପିସିସି ସଭାପତି ପାଇବା ପରେ ଦଳୀୟ କର୍ମୀ ମହଲରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳିଛି। ପୂର୍ବରୁ କଂଗ୍ରେସ ଭବନ ଖାଁଖାଁ ଲାଗୁଥିବା ବେଳେ ଏବେ ଚଳଚଞ୍ଚଳ ହୋଇପଡ଼ିଛି। କେବଳ ଏତିକି ନୁହଁ, ବିଭିନ୍ନ ପ୍ରସଙ୍ଗକୁ ନେଇ ନିରଞ୍ଜନ ରାଜ୍ୟ ସରକାରଙ୍କୁ ସମାଲୋଚନା ମଧ୍ୟ କରିଛନ୍ତି। ବଢ଼ିଚାଲୁଥିବା ଦୁଷ୍କର୍ମ ଘଟଣାକୁ ନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ୨୪ ଘଣ୍ଟା ମଧ୍ୟରେ ଚାରିଜଣ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ପ୍ରତିଦିନ ରାଜ୍ୟରେ ଏଭଳି କିଛିନା କିଛି ଘଟଣା ଘଟିଚାଲିଛି। ମହିଳା ବିରୋଧୀ ହିଂସା ଘଟଣା ୨୭୮ ପ୍ରତିଶତ ବୃଦ୍ଧି ପାଇଛି। ବିଜେଡି ସରକାର ସମୟରେ ଏହା ଅଧିକ ଘଟୁଛି। ସରକାର ଲୋକମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ୧୮ବର୍ଷ ଶାସନ ସମୟରେ ମହିଳାଙ୍କୁ ଇଜ୍ଜତ ମିଳିବା ତ ଦୂରର କଥା ସେମାନଙ୍କୁ ନ୍ୟାୟ ମଧ୍ୟ ମିଳିପାରୁ ନାହିଁ। ତେଣୁ ଏହି ସରକାରଙ୍କ ଗାଦିରେ ରହିବାର ଆଉ ତିଳେ ମାତ୍ର ଅଧିକାର ନାହିଁ ବୋଲି ସେ ଟ୍ୱିଟ୍ କରିଛନ୍ତି। ନାବାଳିକା ଦୁଷ୍କର୍ମ ଏବଂ ନାରୀ ନିର୍ଯାତନ ପ୍ରସଙ୍ଗରେ କଂଗ୍ରେସ ଲୋକଙ୍କ ପାଖକୁ ଯିବ ବୋଲି ସେ କହିଛନ୍ତି। ନାରୀ ସୁରକ୍ଷା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। କଂଗ୍ରେସ ଆଗାମୀ ଦିନରେ ଏହା ବିରୋଧରେ ଜନମତ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ଆମେରିକୀୟ ସହର କ୍ୟୁପରଟିନୋର ମେୟର୍

**ଭୁବନେଶ୍ୱର :** ଆମେରିକାର ପ୍ରସିଦ୍ଧ ବୈଷୟିକ ସହର କୁପର୍‌ଟିନୋର ମେୟର୍ ଡାର୍ସି ପଲ୍ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶ୍ୱ ପ୍ରସିଦ୍ଧ ଆପଲ୍ କମ୍ପ୍ୟୁଟର୍ ସଂସ୍ଥାର ମୁଖ୍ୟାଳୟ ଥିବା ଆମେରିକାର କୁପର୍‌ଟିନୋ ସହରର ମେୟର ଶ୍ରୀ ପଲ୍ ଶିକ୍ଷା ଓ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିଲେ। ମେୟର୍ ଓ ତାଙ୍କର ୪ ଜଣିଆ ସହଯୋଗୀ ଟିମ୍ ବିଏମ୍‌ସି କାର୍ଯ୍ୟାଳୟ ପରିଦର୍ଶନ କରି ମେୟର୍ ଅନନ୍ତ ଜେନା, ଡେପୁଟି ମେୟର କେ ଶାନ୍ତି, ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟିଥିଲେ। କୁପର୍‌ଟିନୋ ମେୟରଙ୍କୁ ବିଏମ୍‌ସି କାର୍ଯ୍ୟାଳୟରେ ବିଏମ୍‌ସି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୨୦୧୨ ମସିହାରେ କୁପର୍‌ଟିନୋ ସହର ରାଜଧାନୀ ଭୁବନେଶ୍ୱରକୁ ନିଜର ଜମଜ ସହର ଭାବରେ ଘୋଷଣା କରିଥିଲା। ଏହା ଫଳରେ ଦୁଇ ସହର ମଧ୍ୟରେ ଶିକ୍ଷା, ସଂସ୍କୃତି ଓ ନଗର ଉନ୍ନୟନ ସଂକ୍ରାନ୍ତ ଜ୍ଞାନର ବିନିମୟ ହେବା ସମ୍ଭବପର ହୋଇପାରିଛି। କୁପର୍‌ଟିନୋ ସହରର ଏକ ପ୍ରମୁଖ ସ୍ଥଳରେ ଭୁବନେଶ୍ୱର ସହରର ଦୂରତା ନେଇ ଏକ ବୃହତ୍ ମାଇଲ୍‌ଷ୍ଟୋନ୍ ଲାଗିଛି। ଏଥିରେ ଭୁବନେଶ୍ୱରର ଦୂରତା ୮ହଜାର ଏରିଅଲ୍ ମାଇଲ୍ ବୋଲି ଉଲ୍ଲେଖ ରହିଛି। କୁପର୍‌ଟିନୋ ମେୟର୍ ଶ୍ରୀ ପଲ୍ ବିଏମ୍‌ସି, ସ୍ମାର୍ଟସିଟି ଏବଂ ବିଡିଏର ବିଭିନ୍ନ ଜନହିତକର ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା କରିବେ। ଆବାସ ଯୋଜନା, ବସ୍ତି ଥଇଥାନ ଏବଂ ଭେଣ୍ଡିଂ ଜୋନ୍ ଭଳି କେତେକ ପ୍ରକଳ୍ପ କାର୍ଯ୍ୟ ଦେଖିବାକୁ ସେ ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହ ବସ୍ତି ଲୋକଙ୍କ ସହ ଆଲୋଚନା କରିବେ ବୋଲି ଜଣାଯାଇଛି। ସେହିଭଳି ଐତିହ୍ୟପୂର୍ଣ୍ଣ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ କୀର୍ତ୍ତିରାଜି ଦେଖିବାକୁ କୁପର୍‌ଟିନୋ ମେୟର ବିଭିନ୍ନ ଐତିହ୍ୟସ୍ଥଳୀ ବୁଲି ଦେଖିଥିଲେ




# ଭାରତରେ ୨୦୨୧ ଟି-୨୦ ବିଶ୍ୱକପ୍

**କୋଲ୍‌କାତା :** ୨୦୨୧ରେ ଭାରତରେ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫିକୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଉଚ୍ଛେଦ କରିବା ସହ ଏହାକୁ ଟି-୨୦ ବିଶ୍ୱ କପ୍‌ରେ ପରିବର୍ତ୍ତିତ କରିବାକୁ ଗୁରୁବାର ନିଷ୍ପତ୍ତି ନେଇଛି। ଫଳରେ ୮ ଟିମ୍‌କୁ ନେଇ ଆୟୋଜିତ ହେଉଥିବା ଟୁର୍ଣ୍ଣାମେଣ୍ଟ୍ ଏକ ପ୍ରକାର ଶେଷ ହୋଇଯାଇଛି ବୋଲି ଏଠାରେ ଗୁରୁବାର ଶେଷ ହୋଇଥିବା ଆଇସିସିର ପାଞ୍ଚଦିନିଆ ସମ୍ମିଳନୀ ପରେ ଆଇସିସି ସିଇଓ ଡେଭ୍ ରିଚାର୍ଡସନ୍ ଘୋଷଣା କରିଛନ୍ତି। ସେ କହିଛନ୍ତି, ୨୦୨୧ରେ ୧୬ ଟିମ୍‌କୁ ନେଇ ଭାରତରେ ଟି-୨୦ ଟୁର୍ଣ୍ଣାମେଣ୍ଟ୍ ଆୟୋଜନ କରିବାକୁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ରିଚାର୍ଡସନ୍‌ଙ୍କ ଘୋଷଣାର ଅର୍ଥ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ପ୍ରତିନିଧି ଥିବା କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ ମଧ୍ୟ ଏହି ଏହି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ପ୍ରଥମରୁ ବିସିସିଆଇ ଏହାକୁ ବିରୋଧ କରୁଥିଲା। ଆଇସିସିର ଏହି ନୂଆ ନିଷ୍ପତ୍ତି ଫଳରେ ଲଗାତାର ଦୁଇବର୍ଷ ଆଇସିସି ବିଶ୍ୱ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ୍ ଆୟୋଜନ ହେବ। ଅଷ୍ଟ୍ରେଲିଆ ୨୦୨୦ ବିଶ୍ୱ କପ୍ ଟି-୨୦ ଆୟୋଜନ କରିବ। ରିଚାର୍ଡସନ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଭାରତରେ ହେବାକୁ ଥିବା ୨୦୨୧ ଚାମ୍ପିଅନ୍ସ ଟ୍ରଫିକୁ ପରିବର୍ତ୍ତିତ କରି ଏହାକୁ ଟି-୨୦ ବିଶ୍ୱକପ୍ କରିଦିଆଯାଇଛି ଯାହା କ୍ରିକେଟ୍‌କୁ ଆଗକୁ ବଢ଼ାଇବା ପାଇଁ ଥିବା ଆମ ଯୋଜନା ସହ ଖାପ ଖାଉଛି। ୨୦୧୯ ଓ ୨୦୨୩ରେ ୫୦ ଓଭର୍ ବିଶିଷ୍ଟ ବିଶ୍ୱକପ୍ ଖେଳାଯିବ ଓ ଏହି ପ୍ରକାରେ ଚାମ୍ପିଅନ୍ସ ଟ୍ରଫିର ଉଚ୍ଛେଦ କରାଯାଇଛି ବୋଲି ସେ କହିଛନ୍ତି। ଏଥିସହ ଆଇସିସି ୨୦୧୯ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଏହି ଅନୁସାରେ ଡିଫେଣ୍ଡିଙ୍ଗ୍ ଚାମ୍ପିଅନ୍ ଅଷ୍ଟ୍ରେଲିଆ ଜୁନ୍ ୧ରେ ଆଫଗାନିସ୍ତାନ ବିପକ୍ଷରେ ବ୍ରିଷ୍ଟଲ୍ ଠାରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ସେହିପରି ଭାରତ ଜୁନ୍ ୫ରେ ସାଉଥ୍ ଆଫ୍ରିକା, ୯ରେ ଅଷ୍ଟ୍ରେଲିଆ, ୧୩ରେ ନ୍ୟୁଜିଲ୍ୟାଣ୍ଡ, ୧୬ରେ ପାକିସ୍ତାନ, ୨୨ରେ ଆଫଗାନିସ୍ତାନ, ୨୭ରେ ୱିଣ୍ଡିଜ୍, ୩୦ରେ ଇଂଲଣ୍ଡ, ଜୁଲାଇ ୨ରେ ବାଂଲାଦେଶ ଓ ୬ରେ ଶ୍ରୀଲଙ୍କାକୁ ଭେଟିବ। ସେହିପରି କ୍ରିକେଟ୍‌କୁ ଅଲିମ୍ପିକ୍‌ରେ ସାମିଲ କରିବା ସମ୍ପର୍କରେ ରିଚାର୍ଡସନ୍ କହିଥିଲେ ଯେ ଯଦି ସମଗ୍ର କ୍ରିକେଟ୍ ଜଗତ ଏହି ପ୍ରସଙ୍ଗରେ ଏକାଠି ହୁଅନ୍ତି ତେବେ କ୍ରୀଡ଼ା ମହାକୁମ୍ଭରେ କ୍ରିକେଟ୍‌କୁ ସାମିଲ କରିବା ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ନିକଟରେ ଦୃଢ଼ ଭାବେ ଦାବି ଉପସ୍ଥାପନ କରାଯାଇପାରିବ।



# ଗରିବଙ୍କୁ ରିହାତି ଦରରେ ଚୁଲା ଦିଆଯିବ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଏନ୍‌ଜିସି ସୋଲାର ଚୁଲା ଚ୍ୟାଲେଞ୍ଜ୍ ପ୍ରଦର୍ଶନୀରେ ଯୋଗ ଦେଇଛନ୍ତି। ଗରିବ ଲୋକମାନଙ୍କ ଘରୋଇ ରୋଷେଇ ପାଇଁ କମ୍ ମୂଲ୍ୟରେ ବୈକଳ୍ପିକ ଇନ୍ଧନ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଜନ୍ ଅନୁସାରେ କମ ମୂଲ୍ୟର ସୌର ଶକ୍ତି ଷ୍ଟୋଭ ସିଷ୍ଟମ୍ ବିକଶିତ କରିବାକୁ ଚ୍ୟାଲେଞ୍ଜ୍ ରହିଛି। ସୌର ଚୁଲାକୁ ପ୍ରୋତ୍ସାହନ ଦେଇ ଗରିବ ଲୋକମାନଙ୍କ ସୁବିଧା ପାଇଁ କୌଣସି କର୍ପୋରେଟ୍ ସଂସ୍ଥାର ଏହା ପ୍ରଥମ ପ୍ରୟାସ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଏନ୍‌ଜିସିର କର୍ପୋରେଟ୍ ଅଫିସ ଦୀନଦୟାଲ ଭବନକୁ ଉଦ୍‌ଘାଟନ କରିବା ଅବସରରେ ଦେଶର ସମସ୍ତ ଅଞ୍ଚଳରେ ମା’ ମାନଙ୍କ ପାଇଁ ଧୂମହୀନ ରୋଷେଇ ପାଇଁ ଇଲେକ୍ଟ୍ରିକ ଚୁଲା ବିକଶିତ କରିବାକୁ ଓଏନ୍‌ଜିସିକୁ ଆହ୍ୱାନ କରିଥିଲେ । ଏହା ଦ୍ୱାରା ଆମଦାନୀ ହେଉଥିବା ଇନ୍ଧନ ଉପରେ ଭାରତର ନିର୍ଭରଶୀଳତା କମ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏବି ଅବସରରେ ଏକାଡେମିକ ଓ ଶିଳ୍ପ କ୍ଷେତ୍ରର ପାଞ୍ଚଟି ଫାଇନାଲ ଟିମ୍ ସେମାନଙ୍କର ଦ୍ୱାରା ପ୍ରସ୍ତୁତ ଚୁଲାକୁ ପ୍ରଦର୍ଶନୀରେ ଦେଖାଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଷ୍ଟଲ୍‌କୁ ଯାଇ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହାକୁ ରାଷ୍ଟ୍ର ବ୍ୟାପୀ ଆନ୍ଦୋଳନରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ ସମ୍ପର୍କରେ ଏକ ବୈଠକରେ ସମୀକ୍ଷା କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ, ଟେକ୍ନୋଲଜିରେ ନିରନ୍ତର ବିକାଶ କରାଯିବାର ଆବଶ୍ୟକତା ରହିଛି, ଯାହା ଦ୍ୱାରା ଏହି ଚୁଲା କମ ମୂଲ୍ୟରେ ଲୋକମାନଙ୍କୁ ମିଳିପାରିବ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି